ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, June 16/2025 | Page 14 | ₹ 7.00

୫୧ଶ ଭାଗ ୨୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 201 | ମୂଲ୍ୟ ₹୭/-

DSPL-120

ଓଡ଼ିଶା ଶାସନ

ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ

ନୂତନ ଭାବେ ମନୋନୀତ ୫ଟି ବିଭାଗର
୯୬୪ ଜଣ ପ୍ରାର୍ଥୀଙ୍କୁ

## ନିଯୁକ୍ତିପତ୍ର ପ୍ରଦାନ

**୫୬୩**
ପୂର୍ତ୍ତ ବିଭାଗ

**୬୨**
ଜଳ ସମ୍ପଦ ବିଭାଗ

**୧୧୭**
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

**୨୦୪**
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

**୧୮**
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

୧୬ ଜୁନ୍ ୨୦୨୫ । କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ପୂର୍ତ୍ତ ବିଭାଗ । ଜଳ ସମ୍ପଦ ବିଭାଗ । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

OIPR-32001/13/0008/2526

DSPL-122



## ବର୍ଷ ଏକ ଉପଲବ୍ଧି ଅନେକ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
ଆମ ସ୍ୱାଭିମାନ, ଆମ ଅସ୍ମିତା

### ଶ୍ରୀ ମନ୍ଦିର, ପୁରୀ

- ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମନ୍ତେ **୫୦୦ କୋଟି** ଟଙ୍କାର କର୍ପସ ପାଣ୍ଠି
- ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଉନ୍ମୁକ୍ତ ହୋଇଛି **ଶ୍ରୀ ମନ୍ଦିରର ଚାରିଦ୍ୱାର**
- ଅଗଣିତ ଶ୍ରଦ୍ଧାଳୁଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଖୋଲାଯାଇଛି **ଶ୍ରୀ ମନ୍ଦିରର ରତ୍ନ ଭଣ୍ଡାର**

### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି



- ଓଡ଼ିଆ ଅସ୍ମିତା ପାଇଁ **୨୦୦ କୋଟି** ଟଙ୍କାର କର୍ପସ ପାଣ୍ଠି
- ୧ ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ **"ଓଡ଼ିଆ ପକ୍ଷ"** ପାଳିତ
- ଜୀବିତ ପଦ୍ମ ବିଜେତାଙ୍କ ପାଇଁ ମାସିକ **୩୦,୦୦୦ ଟଙ୍କା**ର ସମ୍ମାନ ରାଶି ପ୍ରଦାନ
- ବରପୁତ୍ରମାନଙ୍କ ସମ୍ମାନାର୍ଥେ ସେମାନଙ୍କ **ଜନ୍ମସ୍ଥାନରେ ଜୟନ୍ତୀ ପାଳନ, ସ୍ମୃତିରକ୍ଷା** ପାଇଁ ବିଶେଷ ଯୋଜନା
- ଭକ୍ତକବି ମଧୁସୂଦନ ରାଓଙ୍କ **'ବର୍ଣ୍ଣବୋଧ'** ର ଅବିକଳ ଶୋଭନ ସଂସ୍କରଣ ପ୍ରକାଶିତ



### ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

- ଶ୍ରୀ ଜଗନ୍ନାଥଙ୍କୁ **ବାସୁଙ୍ଗା ପାଟ** ଯୋଗାଣ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ସେରିଫେଡ଼ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ
- ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ **ବୟନ ଶିଳ୍ପ ପାର୍କ** ପ୍ରତିଷ୍ଠାକୁ ମଞ୍ଜୁରୀ
- ବୟନ ଶିଳ୍ପର ବିକାଶ ପାଇଁ **ଭୁବନେଶ୍ୱର ପଟିଆ ଠାରେ** ପୋଷାକ ଇନକ୍ୟୁବେସନ୍ କେନ୍ଦ୍ର ଉଦ୍‌ଘାଟିତ
- ହସ୍ତଶିଳ୍ପୀମାନଙ୍କର ସାମଗ୍ରିକ ବିକାଶ ପାଇଁ **ସୃଜନିକା ହସ୍ତଶିଳ୍ପ ପୁଞ୍ଜ** (କ୍ରାଫ୍ଟ କ୍ଲଷ୍ଟର)ର ସ୍ଥାପନା ସହ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଶେଷ ପଦକ୍ଷେପ



### ପର୍ଯ୍ୟଟନ

- ହୀରାକୁଦ ଓ ସାତକୋଶିଆର ବିକାଶ ପାଇଁ SACSI ଅଧୀନରେ **୧୦୦ କୋଟି** ଟଙ୍କା ଲେଖାଏଁ ପ୍ରଦାନ
- **'ଉତ୍କର୍ଷ ଓଡ଼ିଶା'** ମାଧ୍ୟମରେ ୮୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ସମ୍ପର୍କିତ ବୁଝାମଣା ପତ୍ର ସ୍ୱାକ୍ଷରିତ
- ପୂର୍ବ ଭାରତରେ ଓଡ଼ିଶାକୁ ଏକ **ଦୁଃସାହସିକ ପର୍ଯ୍ୟଟନ** ହବ୍ ଭାବେ ପ୍ରତିଷ୍ଠା ଲକ୍ଷ୍ୟ
- ବିକଶିତ ଓଡ଼ିଶା - **୨୦୩୬ର ଲକ୍ଷ୍ୟ** ଅନୁଯାୟୀ ୧୫ ଟି ଶ୍ରେଷ୍ଠ ପରିବେଶ ତଥା ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ରର ବିକାଶ



OIPR-03029/13/0065/2526

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର**

DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ | Bhubaneswar, Monday, June 16/2025 | ପୃଷ୍ଠା-୧




### ମହାଦେବଙ୍କ ଭୂମିକାରେ ଅକ୍ଷୟ

ମଲ୍ଟିଷ୍ଟାରର୍ ମୁଭି 'କନ୍ନାପା'ର ଟ୍ରେଲର ରବିବାର ରିଲିଜ୍ ହୋଇଛି। ଏଥିରେ ଅଭିନେତା ଅକ୍ଷୟ କୁମାର ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିଛନ୍ତି।

୦୨

୧୨

### ମାରିଆ ସେମିଫାଇନାଲରେ

କୁଇନ୍ସ କ୍ଲବ ଟେନିସ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଜର୍ମାନୀର ୩୭ ବର୍ଷୀୟା କ୍ୱାଲିଫାୟର ତାତ୍‌ଜାନା ମାରିଆ।



# ହେଲିକପ୍ଟର ଦୁର୍ଘଟଣାରେ ୭ ମୃତ

ସୁଉଚ୍ଚ ଗିରିଶୃଙ୍ଗ, ଅଙ୍କାବଙ୍କା ସଂକୀର୍ଣ୍ଣ ପଥ, ନିମ୍ନ ଦୃଶ୍ୟମାନତା, ପାଣିପାଗରେ ହଠାତ୍ ପରିବର୍ତ୍ତନ ସାଙ୍ଗକୁ ଭୂସ୍ଖଳନ ଓ ହିମସ୍ଖଳନ ଚାରଧାମ ଯାତ୍ରାକୁ ଅତ୍ୟନ୍ତ ବିପଜ୍ଜନକ କରିଦେଇଛି। ଗଙ୍ଗୋତ୍ରୀ, ଯମୁନୋତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ବାରମ୍ବାର ଭୂସ୍ଖଳନ ହେଉଥିବାରୁ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନେକ ସମୟରେ ଅମ୍ଳଜାନର ପରିମାଣ ହ୍ରାସ ଯୋଗୁ ବୟସ୍କ ତୀର୍ଥଯାତ୍ରୀ ହୃଦ୍‌ଘାତର ଶିକାର ହୋଇ ପ୍ରାଣ ହରାଉଛନ୍ତି। ରବିବାର ଭୋର ସମୟରେ କେଦାରନାଥରୁ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଘରୋଇ ହେଲିକପ୍ଟର ଗୌରୀକୁଣ୍ଡ ଜଙ୍ଗଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏପ୍ରିଲ ୩୦ରେ ଚାରଧାମ ଯାତ୍ରା ଆରମ୍ଭ ହେବା ପରଠୁ ଏହା ହେଉଛି ପଞ୍ଚମ ହେଲିକପ୍ଟର ଦୁର୍ଘଟଣା, ଯେଉଁଥିରେ ମୋଟ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ସଦ୍ୟ ଦୁର୍ଘଟଣା ପାଇଁ ଅଧିକାରୀମାନେ ସ୍ୱଳ୍ପ ଦେଖାଯିବା ଓ ଖରାପ ପାଗକୁ ଦାୟୀ କରିବା ସହ ସାମୟିକ ଭାବେ ହେଲିକପ୍ଟର ଚଳାଚଳକୁ ବନ୍ଦ କରିଦେଇଛନ୍ତି। ତେବେ ଚଳିତ ତୀର୍ଥଯାତ୍ରା ଋତୁରେ ହେଲିକପ୍ଟର ଅପରେଟର୍ସଙ୍କ ପାଇଁ ଉପଯୁକ୍ତ ସୁରକ୍ଷା ପ୍ରୋଟୋକଲ ଜାରି କରାଯାଇ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଯାତ୍ରୀଙ୍କ ନିରାପତ୍ତାକୁ ନେଇ ପ୍ରଶ୍ନ ଉଠିଛି।

## ଚାରଧାମ ଯାତ୍ରା ବିପଜ୍ଜନକ



ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରର ଭଗ୍ନାବଶେଷ ନିକଟରେ ଏନ୍‌ଡିଆର୍‌ଏଫ୍ ଟିମ୍।

**ରୁଦ୍ରପ୍ରୟାଗ,୧୫।୬(ପି.ଟି./ଏଜେନ୍ସି)**

ଉତ୍ତରାଖଣ୍ଡର କେଦାରନାଥ ଧାମରୁ ତୀର୍ଥଯାତ୍ରୀମାନଙ୍କୁ ନେଇ ଫେରୁଥିବା ଏକ ଘରୋଇ ହେଲିକପ୍ଟର ରବିବାର ଭୋର ସମୟରେ ଗୌରୀକୁଣ୍ଡ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ୍‌ଙ୍କ ସମେତ ସେଥିରେ ଥିବା ସମସ୍ତ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨୩ ମାସର ଶିଶୁ ରହିଛନ୍ତି। ତୀର୍ଥଯାତ୍ରୀମାନେ ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ଉତ୍ତରପ୍ରଦେଶର । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି)କୁ ଦେଇଥିବାବେଳେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଧ୍ୟ ଏକ ଉଚ୍ଚସ୍ତରୀୟ ☞ପୃଷ୍ଠା-୨

# ଯାଜପୁର ଡାଇରିଆ: ଆଉ ୩ ଜୀବନ ଗଲା

## ■ ୧୬ରେ ପହଞ୍ଚିଲା ମୃତକଙ୍କ ସଂଖ୍ୟା

**ଯାଜପୁର,୧୫।୬ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ଡାଇରିଆ ସଂକ୍ରମଣ କମିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଡାଇରିଆରେ ପୁଣି ୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେମାନେ ହେଲେ ଦଶରଥପୁର ବ୍ଲକ କମାଳପୁର ଗ୍ରାମର ଜଟାଧାରୀ ସାହୁ(୭୫), ଯାଜପୁର ପୌରାଞ୍ଚଳର ମଦନମୋହନ ସାହୁ(୬୨) ଓ ଖଇରାବାଦ ଗ୍ରାମର ଜୟନ୍ତୀ ସାହୁ(୫୦)। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି। ଜୟନ୍ତୀ ଡାଇରିଆରେ ଆକ୍ରାନ୍ତ ହୋଇ ୪ ଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ସେ ଶନିବାର ଘରକୁ ଫେରିଥିଲେ। ପୁଣି ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାରୁ ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଜଟାଧାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ମଦନମୋହନ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ମଦନମୋହନ ମଲ୍ଲିକ, ଦିଲୀପ ମଲ୍ଲିକ, ତୋଳାରାମ ଶର୍ମା, ଅଞ୍ଜନା ଜେନା, ଜାନକୀ ମଲ୍ଲିକ, ସନାତନ ପାତ୍ର, ସୁଦର୍ଶନ ପାତ୍ର, ବସନ୍ତ ପାତ୍ର, ଘନଶ୍ୟାମ ପୃଷ୍ଟି, ସନାତନ ପାଇକରାୟ, ପବିତ୍ରା ଦାସ, ସେବତୀ ଘଡେଇ ଓ ଗେହ୍ଲେଇ ପାତ୍ରଙ୍କ ଡାଇରିଆରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ୫ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କେତେଜଣ ଡାଇରିଆ ଆକ୍ରାନ୍ତଙ୍କ ଝାଡ଼ା ନମୁନାରେ ହଇଜା (କଲେରା) ଜୀବଣୁ ଚିହ୍ନଟ ହୋଇଛି।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରବିବାର ଯାଜପୁର ଜିଲା ଗସ୍ତରେ ଆସି ବଡ଼ଚଣା, ☞ପୃଷ୍ଠା-୨

## ସରକାର ସଜାଗ ଅଛନ୍ତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)**

### ହାଇଆଲର୍ଟ ମୋଡ୍‌ରେ ରହିବ ସବୁ ସ୍ୱାସ୍ଥ୍ୟକେନ୍ଦ୍ର

ଯାଜପୁର ଏବଂ କେନ୍ଦୁଝର ଜିଲାର କେତେକ ଅଞ୍ଚଳରେ ଝାଡ଼ାବାନ୍ତି ଘଟଣାକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏସଂକ୍ରାନ୍ତରେ ତୁରନ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ପଡ଼ୋଶୀ ଜିଲାକୁ ଯେପରି ଏହି ରୋଗ ନ ବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଜିଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ହାଇଆଲର୍ଟ ମୋଡ୍‌ରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଯାଜପୁର ଜିଲାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଇରାନର ପରମାଣୁ ଶକ୍ତି**





**Honda Exclusive Authorized Dealerships:** **BHUBANESWAR:** MO Honda - 0674-2964289, 7008990541; Gugnani Honda - 9778611111, 8658916111; PGL Honda - 0674-2354418, 7735012345; Khimji Honda - 7735734882, 7735734888; Shivam Honda - 7873024400, 7873024320; **ATHAGARH:** Sidhivinayak Honda - 9937060136, 9658080060; **BALUGOAN:** Khimji Honda - 8114605673, 9778045606; **BANKI:** Shree Honda - 9658201234; **BIDHARPUR:** Saivinayak Honda - 9937060477, **KHURDA:** Gugnani Honda- 7077771900, 9937844533; **UTTARA:** Gugnani Honda- 7077771944, 7852930844; **JANKIA:** PGL Honda- 7788001030; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **MANGALPUR:** SP Honda - 9861843931, 7609065533; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **BALICHANDRAPUR:** Mahavir Honda - 7978393608, 9438553478; **JAGATSINGHPUR:** Kanchan Murali Honda - 7809568988, 9090876483; **JAGATPUR:** Durga Honda - 9114800118; **JATNI:** PGL Honda - 7788001046, 7788001033; **NAYAGRAH:** Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; **CHANDPUR:** Pattnaik Honda - 7978913904; **NARSINGHPUR:** Baba Honda - 9438057701; **NIALI:** Hindustan Honda - 9040091922, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda - 9937786824; **RAHAMA:** Navjyoti Honda - 9938339189, 7809568988; **SALEPUR:** S.N.Honda - 9437439076; **KENDRAPARA:** Saisudha Honda - 9178455081/2/3/4; **PATTAMUNDAI:** Satya Honda - 9439375055; **KANDARPUR:** Jay Pee Honda - 9861007679; **KAKATPUR:** Shree Ganesh Honda - 9937842437; **RAJSUNAKHALA:** NC Honda - 9078583100; **PARADEEP:** Kanchan Murali Honda - 9040650040. **NIMAPADA:** Santosh Honda -8917353149; **PIPLI:** SR Honda-9437885004, 9437129924; **KONRAK:** Konrak Honda- 9777565956; **BRAHAMGIRI:** Om Sai Honda- 9078953555; **BALIAPATNA:** Swastik Honda- 9439744817; **BADAMBA:** Somanath Honda-9438560360/9937271125; **NISCHINTAKOILI:** Anant Honda- 9437271903

**For Bulk/Institutional enquiries, please write us at: institutionalsales@honda2wheelersindia.com**

**ଆଜିର ମନ୍ତବ୍ୟ**

"ବାରମ୍ବାର ବିଦେଶ ଗସ୍ତ କରୁଥିବା ପ୍ରଧାନମନ୍ତ୍ରୀଙ୍କ ନିକଟରେ ମଣିପୁର ଯିବା ପାଇଁ ଆଦୌ ସମୟ ନାହିଁ। ଦୁଃଖ, ଦୁର୍ଦ୍ଦଶାରେ ଜୀବନ ବିତାଉଥିବା ମଣିପୁରବାସୀଙ୍କ ପାଇଁ ଏହା ଦୁର୍ଭାଗ୍ୟ। – **ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରଜ ମହୋତ୍ସବ ପାଳନ ଅବସରରେ ଚଇତାଳି ଘୋଡ଼ା ନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ମହିଳା କମିଶନ ପକ୍ଷରୁ କର୍ମଶାଳା, ସ୍ଥାନ: ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ଲକ୍ଷ୍ମୀସାଗର, ସମୟ: ପୂର୍ବାହ୍ନ ୧୧ଟା।
- ସତ୍ୟନଗର ପିପୁଲ୍ସ ଫୋରମ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ତୋଷାଳି ସମ୍ମୁଖ, ସତ୍ୟନଗର, ସମୟ: ଅପରାହ୍ନ ୪ଟା।
- ତୃତୀୟ ବାର୍ଷିକ ଭିଙ୍ଗାରପୁର ରଜ ମହୋତ୍ସବ ଉପଲକ୍ଷେ ଲୁଡୁ ଓ ଚେସ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଶ୍ରୀ ବକ୍ରେଶ୍ୱର ମନ୍ଦିର ପରିସର, ଭିଙ୍ଗାରପୁର, ବାଲିଅନ୍ତା, ସମୟ: ଅପରାହ୍ନ ୪ଟା।
- ସୃଜନୀ ଶତରୂପାର ରଜ ଆସର, ପୁସ୍ତକ ଉନ୍ମୋଚନ ଓ ଆଲୋଚନା ଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ରଜ ମହୋତ୍ସବ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଦିବ୍ୟଦିଗନ୍ତର ରଜ ମହୋତ୍ସବ, ସ୍ଥାନ: ରାଜଧାନୀ କଳା ସଂସଦ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା।
- ରଜ ମହୋତ୍ସବ ପାଳନ ଅବସରରେ ବାଦୀ ପାଲା ପରିବେଷଣ, ସ୍ଥାନ: ଗଡ଼ନହରକଣ୍ଟାସ୍ଥିତ ରୁଦ୍ରେଶ୍ୱର ମନ୍ଦିର ପରିସର, ସମୟ: ରାତି ୭ଟା।

## କଟକ
- ୟୁନିୟନ ଫର୍ କଟକ ସଦର ଡେଭେଲପମେଣ୍ଟ ଆନୁକୂଲ୍ୟରେ ରଜ ମହୋତ୍ସବ, ସ୍ଥାନ: ୪୨ ମୌଜା, କଳପଡ଼ା, ସମୟ: ସକାଳ ୯ଟା।
- କିଶୋର ନଗରରେ ରଜ ମହୋତ୍ସବ, ସ୍ଥାନ: କିଶୋର ନଗର ହାଟ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ବରୁଣେଇ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବରୁଣେଇ, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ହାବେଳି ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ବୀର ବଜରଙ୍ଗବାଲୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମେଳକ, ତଳତାପଣ୍ଡା, ବସ୍ତା, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳାର ପଞ୍ଚମ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସୁନ୍ଦରପୁର ରଜ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଭେଡ଼ା ରଜ ମହୋତ୍ସବ, ସ୍ଥାନ: ବାଲିମେଦ ମେଳଣ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ : ପୂର୍ବାହ୍ନ୧୦ ଟା।

## ମୟୂରଭଞ୍ଜ
- ଗୋପବନ୍ଧୁ ନଗର ପ୍ରେସ କ୍ଲବ୍ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସର, ଚତୁରୀ, ପୁରୁଣା ବାରିପଦା, ସମୟ: ସକାଳ ୮ଟା।

## ବ୍ରହ୍ମପୁର
- ବିକାଶ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ୟୁସିପି କଲେଜ ଖେଳପଡିଆ, ସମୟ: ଅପରାହ୍ନ ୨ଟା୩୦।

## ଗଞ୍ଜାମ
- ବିଶ୍ୱ ସମୁଦ୍ର କଇଁଛ ଦିବସ, ସ୍ଥାନ: ଗଞ୍ଜାମ କଣ୍ଟିଆଗଡ, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ବରୁଣେଶ୍ୱର ମନ୍ଦିର ପରିସର, କେରଡାଗଡ଼, ରାଜନଗର, ସମୟ: ସକାଳ ୭ଟା।
- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା

## ଯାଜପୁର
- ମା' ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର ୩ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବର ୩ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।

## ନୟାଗଡ଼
- ରଜ ମହୋତ୍ସବ କମିଟି ଓ ନୟାଗଡ଼ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ସହର ରାଜବଗିଚା, ସମୟ:ପୂର୍ବାହ୍ନ ୯ଟା।
- ବିକଶିତ ଓଡିଶା ଜିଲା ସ୍ତରୀୟ କର୍ମଶାଳାରେ ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

## ରାୟଗଡ଼ା
- ସାଇପ୍ରିୟା ୱେଲ ଫର ଟ୍ରଷ୍ଟ ପକ୍ଷରୁ ଚାରାରୋପଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ସାଇପ୍ରିୟା ନଗର କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ବିକାଶ ବାହନ ପରିଭ୍ରମଣ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ, ସ୍ଥାନ: ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ସହ ରଜ ଉତ୍ସବ ପାଳନ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡା, ସମୟ: ସକାଳ ୯ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି, ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳାରେ କୃଷକ ସମାବେଶ, ସ୍ଥାନ: ମଣ୍ଡେଇ ପଡିଆ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ନାରାୟଣପାଟଣା ବ୍ଲକ୍ ପରିସର, ସମୟ: ସକାଳ ୭ଟା।
- ୫ ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କ ୫ ଦିନିଆ ନନ୍ଦପୁର ବ୍ଲକ ଗସ୍ତ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି, ସ୍ଥାନ: ପୁଜାରିପୁର, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ୨ଦିନିଆ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ: ବ୍ରହ୍ମକୁମାରୀ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ହାଲ ଭଞ୍ଜ ମଣ୍ଡପ, ସୁନାବେଡା, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ରଜ ମଉଜ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାନ୍ଥ ନିବାସ, ସମୟ : ଅପରାହ୍ନ ୫ଟା୩୦।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଖି ଚାପ ପରୀକ୍ଷା ଶିବିର, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ରାଉରକେଲା
- ପରିଚୟ ଆୟୋଜିତ ରଜ ମହୋତ୍ସବ-୨୦୧୫ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।
- ରଜପର୍ବ ପାଳନ ସମାରୋହ, ସ୍ଥାନ: ଜଗଦା ବାବା ଲୋକନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୭ଟା।
- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଅମ୍ବାଭୋନା, ସମୟ: ସକାଳ ୭ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ସମାରୋହ, ସ୍ଥାନ: ଭବାନୀପାଟଣା ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ,ସମୟ: ପୂର୍ବାହ୍ନ ୧୦ଟା।
- ଅଣଗେଜେଟେଡ଼ ବନ କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଫରେଷ୍ଟ ରେଞ୍ଜ ଅଫିସ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ସୁରଭି ସତ୍‌ସଙ୍ଗ ଓ ଗୋବିଜ୍ଞାନ କର୍ମଶାଳା, ସ୍ଥାନ: ଶିବ ମନ୍ଦିର ବଘାରପାଲି, ହରଭଙ୍ଗା ବ୍ଲକ, ସମୟ: ସକାଳ ୯ଟା।
- ବିକାଶ ମେଳାର ପଞ୍ଚମ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: କଣ୍ଟାମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ ଚଡ଼େଇମରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବିକାଶ ମେଳା ଚତୁର୍ଥ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ ରୋଡ, ବଡ଼ବଗିଚା, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କମିରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା୩୦।
- ଜିଲାସ୍ତରୀୟ ବିକାଶ ମେଳାର ପଞ୍ଚମ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖଡିଆଳ ବ୍ଲକ ବରଗାଁ ପଞ୍ଚାୟତ କାଶିପଲା ଗାଁ, ସମୟ: ସକାଳ ୮ଟା।
- ବିଭିନ୍ନ ପ୍ରକାର ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସନ୍ଧ୍ୟା ୬ଟା।

# ମହାଦେବଙ୍କ ଭୂମିକାରେ ଅକ୍ଷୟ

**'କନ୍ନାପା' ଟ୍ରେଲର ଆଉଟ୍**

ହାଇଦ୍ରାବାଦ

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ସାଉଥ୍ ସିନେମା ତଥା ମଲ୍ଟିଷ୍ଟାରର୍ ମୁଭି 'କନ୍ନାପା' ଆସନ୍ତା ଜୁନ ୨୭ରେ ରିଲିଜ୍ ହେବାକୁ ଯାଉଛି। ରବିବାର ଏହାର ଟ୍ରେଲରକୁ ଜାରି କରାଯାଇଛି। ଏହି ଟ୍ରେଲରରେ ଅଭିନେତା ପ୍ରଭାସ୍, ମୋହନଲାଲ, ବିଷ୍ଣୁ ମଞ୍ଚୁ, ଅକ୍ଷୟ କୁମାରଙ୍କ ସହ ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କୁ ଦେଖିବାକୁ ମିଳିଛି। ଟ୍ରେଲର ଦେଖିବା ପରେ ଫିଲ୍ମକୁ ନେଇ ସିନେ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି।

୨ ମିନିଟ୍ ୫୪ ସେକେଣ୍ଡର ଏହି ଟ୍ରେଲରରେ 'କନ୍ନାପା' ନାମକ ଜଣେ ନାସ୍ତିକ ବ୍ୟକ୍ତିଙ୍କ ଭୂମିକାରେ ସାଉଥ୍ ଷ୍ଟାର୍ ବିଷ୍ଣୁ ମଞ୍ଚୁଙ୍କୁ ଦେଖିବାକୁ ମିଳିଛି। କିପରି କନ୍ନାପା ଜଣେ ନାସ୍ତିକରୁ ଭଗବାନ ଶିବଙ୍କ ବଡ଼ ଭକ୍ତରେ ପରିଣତ ହେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। ଅକ୍ଷୟ ଏହି ଟ୍ରେଲରରେ ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ସେହିପରି କାଜଲଙ୍କୁ ଦେବୀ ପାର୍ବତୀଙ୍କ ଭୂମିକାରେ ଦେଖିବାକୁ ମିଳିଛି। ପ୍ରଭାସଙ୍କୁ ଭଗବାନ ମହାଦେବଙ୍କ ବଡ଼ ଭକ୍ତ ରୁଦ୍ରଙ୍କ ଭୂମିକାରେ ଦେଖିବାକୁ ମିଳିଛି, ଯିଏ କନ୍ନାପାଙ୍କୁ ଶିବ ଭକ୍ତ ହେବା ପାଇଁ ମାର୍ଗ ଦର୍ଶନ ଦେଇଛନ୍ତି। ମୁକେଶ କୁମାର ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ତେଲୁଗୁ, ତାମିଲ, କନ୍ନଡ଼, ମାଲୟାଲମ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ।







# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକେଇ ନାକରେ ଗୁଣା**
**ପାକେଇ ଖାଉଛି ଚଣା**
**କୁମ୍ଭାର ଉହାରେ ଚାନ୍ଦୁଆ ଟଣା**
**ଏ ସବୁ ବିଡ଼ମ୍ବନା।**

ଯାହାର ନାକ ଅସୁନ୍ଦର, ତା' ପାଇଁ ନାକଗୁଣା ସେତେ ଗୁରୁତ୍ୱ ରଖି ନ ଥାଏ। ଚଣା ଭଳି ଟାଣ ଜିନିଷ ଖାଇବା ପାଇଁ ମଜଭୁତ ଦାନ୍ତର ଆବଶ୍ୟକତା ପଡ଼ିଥାଏ। ବିନା ଦାନ୍ତରେ ଚଣା ଖାଇବା କଷ୍ଟକର ହୋଇଯାଇଥାଏ। କୁମ୍ଭାର, ଯାହାର ମାଟି କାଦୁଅରେ କାମ ତା' ଦୁଆରେ ଚାନ୍ଦୁଆ ଟଣାଯିବା ମୂଲ୍ୟହୀନ ହୋଇଥାଏ। ଏସବୁ ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେଥେଇ ଫୁଲୀର କାନରେ କାପ**
**କାନ କରୁଥିଲା କାଆପ କାପ।**

ମହିଳାମାନେ ସାଧାରଣତଃ ଗହଣାପ୍ରିୟ ହୋଇଥାନ୍ତି। ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଅନୁଭବ କରିଥାନ୍ତି। କାନରେ ସାମାନ୍ୟ ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଝାଡ଼ାବାନ୍ତି ରୋଗୀଙ୍କୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ଯାଜପୁର ଡାଇରିଆ...

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ସହ ଆଲୋଚନା କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହାପରେ ସେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସେଠାରୁ ଆନନ୍ଦପୁର ଯାଇଥିଲେ। ତାଙ୍କ ସହିତ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏହାବାଦ ୧୪ ଜଣିଆ କେନ୍ଦ୍ରୀୟ ଦଳ ଯାଜପୁରରେ ପହଞ୍ଚି ହଇଜା ସ୍ଥିତି ସମୀକ୍ଷା କରିଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜିଲାରେ ୨୫୮ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷେ ଯାଜପୁର ସିଡିଏମଓ ବିଜୟ କୁମାର ମିଶ୍ର କହିଛନ୍ତି, ରବିବାର ହୋଇଥିବା ମୃତ୍ୟୁ ଡାଇରିଆ ପାଇଁ ନୁହେଁ। ଅନ୍ୟ କାରଣରୁ ସେମାନଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମପୁର ଓ କଟକ ମେଡିକାଲରୁ ସ୍ୱତନ୍ତ୍ର ଟିମ ପହଞ୍ଚି ରବିବାର ୧୭ଟି ନମୁନା ସଂଗ୍ରହ କରି ହଇଜା ପରୀକ୍ଷା ପାଇଁ ପଠାଯାଇଛି। ଯାଜପୁର ଜିଲାର ବରୀ ବ୍ଲକ୍‌ରେ ଫାଷ୍ଟଫୁଡ୍ ଦୋକାନ, ହୋଟେଲ ଓ ଢାବା ଆଦି ୨ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସରକାର ସଜାଗ ...

ସମସ୍ତ ପାନୀୟ ଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ କରିବା, ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ଼ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଝାଡ଼ାବାନ୍ତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଯଥେଷ୍ଟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି। ରୋଗ ଆରମ୍ଭ ସମୟରୁ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ବଡ଼ ମେଡିକାଲରୁ ଡାକ୍ତରୀ ଦଳ ଯାଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ସ୍ଥିତି ଉପରେ ନଜର ରଖିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ବିଭିନ୍ନ ଜିଲାର ଡାକ୍ତର ଓ ଅନ୍ୟ ଅଧିକାରୀମାନଙ୍କ ସହ ନିୟମିତ ଆଲୋଚନା କରି ସ୍ଥିତି ଉପରେ ନଜର ରଖୁଛନ୍ତି ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଝାଡ଼ାବାନ୍ତି ନିୟନ୍ତ୍ରଣରେ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦର ଟିମ୍ ମଧ୍ୟ ଓଡ଼ିଶା ଆସିଥିଲେ। ସରକାର ଏଥିପ୍ରତି ସଜାଗ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ହେଲିକପ୍ଟର ଦୁର୍ଘଟଣାରେ ...

ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲ ୩୦ରୁ ଚାରଧାମ ଯାତ୍ରା ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ଏହା ୫ମ ହେଲିକପ୍ଟର ଦୁର୍ଘଟଣା। ଏହି ଦୁର୍ଘଟଣାରେ ମୋଟ ୧୩ ଜଣଙ୍କ ଜୀବନ ଗଲାଣି। ୩ ଦିନ ପୂର୍ବରୁ ଅହମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ୨୭୪ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ରବିବାର ଭୋର ୫ଟା ୨୦ ମିନିଟ୍ ସମୟରେ ଖରାପ ପାଗ ଏବଂ ସ୍ୱଳ୍ପ ଦୃଶ୍ୟମାନତା ଯୋଗୁ ଘରୋଇ କମ୍ପାନୀ ଆର୍ଯ୍ୟନ ଆଭିଏଶନ୍‌ର ବେଲ୍୪୦୭ ହେଲିକପ୍ଟର ଗୌରୀକୁଣ୍ଡ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣା ପରେ ୨ ଦିନ ପାଇଁ ହେଲିକପ୍ଟର ସେବା ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ମଧ୍ୟରେ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟି ସଦସ୍ୟ ବିକ୍ରମ ସିଂ ରାୱତ ରହିଛନ୍ତି। ହେଲିକପ୍ଟରର ପାଇଲଟ୍ ରାଜବୀର ସିଂ ଚୌହାନ (୩୯) ଭାରତୀୟ ବାୟୁସେନାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବାରୁ ତାଙ୍କର ବିମାନ ଉଡ଼ାଣରେ ପର୍ଯ୍ୟାପ୍ତ ଅଭିଜ୍ଞତା ରହିଥିଲା। ସେ ଗତବର୍ଷ ଅକ୍ଟୋବରରୁ ଆର୍ଯ୍ୟନ ଆଭିଏଶନ ପ୍ରା.ଲିଃରେ ପାଇଲଟ୍ ଭାବେ କାର୍ଯ୍ୟ କରୁଥିଲେ। ମୃତ ଯାତ୍ରୀଙ୍କ ମଧ୍ୟରେ ମହାରାଷ୍ଟ୍ର ଯାଭାତମାଲ୍‌ର ଜୟସ୍ୱାଲ ପରିବାରର ୩ ଜଣ ରହିଛନ୍ତି। ସେମାନେ ହେଲେ ରାଜକୁମାର ସୁରେଶ ଜୟସ୍ୱାଲ, ଶ୍ରଦ୍ଧା ଜୟସ୍ୱାଲ ଓ ସେମାନଙ୍କର ୨୩ ମାସର ଝିଅ କାଶୀ ରାଜକୁମାର ଜୟସ୍ୱାଲ। ସେମାନଙ୍କ ପୁଅ ଜେଜେବାପାଙ୍କ ସହ ଥିବାରୁ ବଞ୍ଚିଯାଇଛନ୍ତି। ଅନ୍ୟ ମୃତକ ହେଲେ ଉତ୍ତରପ୍ରଦେଶର ବିନୋଦ ଦେବୀ(୬୬) ଏବଂ ତ୍ରିଷ୍ଟି ସିଂ(୧୯)।

ସ୍ଥାନୀୟ ଲୋକେ ଗୋରୁଙ୍କ ପାଇଁ ଘାସ କାଟିବାକୁ ଜଙ୍ଗଲକୁ ଯାଇଥିବାବେଳେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଦେଖି ପ୍ରଶାସନକୁ ଜଣାଇଥିଲେ। ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ସକାଳ ୭ଟା ସୁଦ୍ଧା ଘଟଣାସ୍ଥଳରେ ପହଞ୍ଚି ପାହାଡ଼ ଚଢ଼ିବା ପରେ ସକାଳ ୮ଟା ୫୫ରେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସମସ୍ତ ମୃତଦେହକୁ ଠାବ କରାଯାଇଥିବାବେଳେ ଡିଏନ୍‌ଏ ପରୀକ୍ଷା ପରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଜି ରାଜୀବ ସ୍ୱରୂପ କହିଛନ୍ତି। ହେଲିକପ୍ଟର ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ଧାମି ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ଯାତ୍ରୀଙ୍କ ସୁରକ୍ଷା ପ୍ରୋଟୋକଲ ଓ ପ୍ରଭାବଶାଳୀ ପ୍ରଶମନ ସମନ୍ୱୟର ସମୀକ୍ଷା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଏକ ବୈଷୟିକ କମିଟି ଗଠନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ରାଜ୍ୟରେ ହେଲିକପ୍ଟର ଚଳାଚଳ ପାଇଁ ସୁରକ୍ଷା ଓ ଟେକ୍ନିକାଲ ପ୍ରୋଟୋକଲର ବିସ୍ତୃତ ସମୀକ୍ଷା କରିବ। ହେଲିକପ୍ଟରର ବୈଷୟିକ ସ୍ଥିତି ସମ୍ପୂର୍ଣ୍ଣ ଯାଞ୍ଚ ହେବା ସହ ଉଡ଼ାଣ ପୂର୍ବରୁ ପାଣିପାଗ ସମ୍ପର୍କିତ ଠିକ୍ ତଥ୍ୟ ଦିଆଯିବ। ଏଥିସହ ସୁରକ୍ଷା, ସ୍ୱଚ୍ଛତା ଓ ନିୟାମକ ଅଭିଯୋଗ ସେବାକୁ ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ଚିଠା ପ୍ରସ୍ତୁତ କରିବ।





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ବନ୍ଧୁଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନୂତନ ଉତ୍ସାହର ସହ କର୍ମକ୍ଷେତ୍ରରେ ଅଗ୍ରସର ହେବେ। ଧନାଧିପ ରାଶିସ୍ଥ ହେତୁ ଦିନ ଭିତରେ ଯାହାକୁ ଯାହା କହିଲେ କଥା ରହିବ ଓ ଆର୍ଥିକ ସଙ୍କଟ ଦୂର ହେବ। ଶିଳ୍ପ, ବ୍ୟବସାୟ, ପରିବହନ ଶୁକ୍ର ପ୍ରଭାବରେ ସନ୍ତୋଷଜନକ ରହିବ। ଆନଷ୍ଠାନିକ କାମରେ ସାମାନ୍ୟ ସମସ୍ୟା ଦେଖାଦେବ।

**ବୃଷ** — ବଳବାନ୍ ରାଶ୍ୟାଧିପ ସହକର୍ମୀଙ୍କ ସହ ସୁବିଧାଜନକ ସ୍ଥିତିରେ କାର୍ଯ୍ୟ ସମ୍ପନ୍ନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ସହ ସମ୍ପର୍କୀୟଙ୍କୁ ନିଜ କାମରେ ବିନିଯୋଗ କରାଇବେ। ପୁଅ, ବୋହୂଙ୍କ ମଧ୍ୟରେ ମାନସିକ ଅସ୍ଥିରତା ଦୂରୀଭୂତ ପାଇଁ ପ୍ରଯତ୍ନ କରିପାରନ୍ତି। ଅନ୍ୟମନସ୍କ ହେତୁକ ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ ।

**ମିଥୁନ** — ରାଶିରେ ତିନୋଟି ଗ୍ରହ ଅବସ୍ଥାନ କରି କାର୍ଯ୍ୟସିଦ୍ଧି ସାଙ୍ଗକୁ ବିବାଦରେ ବିଜୟୀ କରାଇବେ। ରାଜନୈତିକ ଗ୍ରହ ରବି ଓ ରାହୁଙ୍କ ପ୍ରଭାବରେ ସରକାରୀକଳ, ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଆଲୋଚନା ଏବଂ ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ପରୋକ୍ଷ ଶତ୍ରୁତା ହେତୁ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**କର୍କଟ** — ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଅର୍ଥ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ ପ୍ରୀତିପ୍ରଦ ହେବ। ଯେତେ ଚେଷ୍ଟା କଲେ ମଧ୍ୟ ଅନ୍ୟକୁ ଦେଇଥିବା ଜିନିଷଟି ଫେରି ପାଇବା କଷ୍ଟକର ହେବ। ବୟସ୍କଙ୍କ ବାରଣକୁ ଅବମାନନା କରି ଆତ୍ମୀୟଙ୍କ ରୋଷର ଶିକାର ହେବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେଇପାରିବେ।

**ସିଂହ** — ଗ୍ରହଙ୍କ ସାମ୍ୟତା କାରଣରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଚର୍ଯ୍ୟା ମନ୍ଦ ହେବନି। ମଘା ନକ୍ଷତ୍ର ବିଭିନ୍ନ ଟେନ୍ସନ ହେତୁ କର୍ମକ୍ଷେତ୍ରରେ ବ୍ୟସ୍ତତା ବଢିଯିବ। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ପ୍ରିୟଜନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଅର୍ଥ ସମ୍ପର୍କିତ ଅନୁଚିନ୍ତା, ପିଲାମାନଙ୍କ ସମସ୍ୟା, ନିଜର ଭଗ୍ନ ସ୍ୱାସ୍ଥ୍ୟ ମନକୁ ସାମାନ୍ୟ ଚହଲାଇ ଦେଇପାରେ।

**କନ୍ୟା** — ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ଭଲ ରହିବ। ପଡ଼ୋଶୀଙ୍କୁ ପ୍ରଲୋଭିତ କରି ନିଜ କାମରେ ଲଗାଇବାରେ ସମର୍ଥ ହେବେ। ଜମିଜମା କାରବାର, ଯାନ୍ତ୍ରିକ ଜିନିଷର ମରାମତି, ନିର୍ମାଣାଧୀନ କାମ ପୂର୍ବପରି ଚାଲୁରହିବ। ଭୁଲ୍ ବଶତଃ ଘରେ ଟଙ୍କା ଛାଡିଦେଇ ବାଟରେ ହଇରାଣ ହେବାକୁ ପଡିପାରେ।

**ତୁଳା** — ଧନାଧିପ କର୍ମଭାବରେ ଥିବାରୁ ଆର୍ଥିକ ମାନଦଣ୍ଡ ମଜଭୁତ ରହିବା ସାଙ୍ଗକୁ କର୍ମକ୍ଷେତ୍ର ମନ୍ଦ ହେବନି। ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ବିରକ୍ତ ହୁଅନ୍ତୁ ନାହିଁ। ପରିସ୍ଥିତି ମଧ୍ୟରେ ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ କେତେକ କାମ କରିବାକୁ ପଡ଼ିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା** — ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହେବ। କିନ୍ତୁ ଉନ୍ନତ ଚିନ୍ତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ଆଦର ଗୌରବରେ ଆନନ୍ଦ ଅନୁଭବ କରିପାରନ୍ତି। ନିକଟ ଅତୀତରେ ରାଗ ପଡିଥିବା ବନ୍ଧୁ କ୍ରମଶଃ ମିଳାମିଶା ପାଇଁ ଇଚ୍ଛା ପ୍ରକାଶ କରିପାରନ୍ତି। ବିଭିନ୍ନ ଆଶା ଓ ଆଶଙ୍କା ବିଜଡିତ ମନ ହେତୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ** — ଦୈହିକ ଓ ମାନସିକ ସୁସ୍ଥତା ନ ରହିଲେ ମଧ୍ୟ ବନ୍ଧୁବର୍ଗ ତଥା ଆତ୍ମୀୟଙ୍କ ସହୃଦୟତାରୁ ଖୁସି ରହିବେ। ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ମନ ଅନୁଯାୟୀ କାମ ସମ୍ପନ୍ନ ହୋଇଯିବ। ପାରିବାରିକ ସମସ୍ୟା ପଛକୁ ପକାଇ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରଶାସନ, ରାଜନୀତି, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** — ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଉନ୍ନତ ରହିବା ହେତୁ ଆଶା ପୂରଣ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗିରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ନିଜର କଳା, କୌଶଳର ପ୍ରୟୋଗକରି ପରିସ୍ଥିତିକୁ ଦେଖି କାମ କରିବା ଫଳରେ ଉପକୃତ ହେବେ। ଦୀର୍ଘ ଦିନ ହେଲା ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହୋଇପାରନ୍ତି ।

**କୁମ୍ଭ** — ଶୁକ୍ର ଭାଗ୍ୟସ୍ଥାନକୁ ଦେଖୁଥିବା ଯୋଗୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କାର୍ଯ୍ୟ ଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ** — ଚତୁର୍ଥସ୍ଥ ଗ୍ରହଯୋଗ କାରଣରୁ କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ପାଇବେ। ପାରିବାରିକ ସ୍ତରରେ ଯାହା କିଛି ସାଧାରଣ ସମସ୍ୟା ରହିଛି ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ଆଜିର ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରାଇବ।

ଆଜି ଜୁନ୍ ୧୬ ତାରିଖ, ଶେଷ ରଜ, ଭୂଦହନ, ଆଷାଢ଼ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ସୋମବାର। ରାଶି ନକ୍ଷତ୍ର-ଧନିଷ୍ଠା/ମକର। ଦିବା ଘ.୦୧.୦୯ ଗତେ କୁମ୍ଭ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୮.୪୨ ଗତେ ଘ.୧୦.୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬.୫୦ ଗତେ ଘ.୦୮.୨୯ ମଧ୍ୟେ ରାହୁକାଳ ।

## ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ

# ଉପମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)

ଟିପିସିଓଡିଏଲ୍ ପକ୍ଷରୁ ନିମ୍ନମାନର ବିଦ୍ୟୁତ୍ ସରବରାହ ସହିତ ମନଇଚ୍ଛା ଟେଣ୍ଡର ଓ ସରକାରଙ୍କ ବିନା ଅନୁମତିରେ ବିଦ୍ୟୁତ୍ କିଣିବା ଭଳି ବେଆଇନ କାର୍ଯ୍ୟକଳାପ ଅଭିଯୋଗକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେସୁର ପୂର୍ବତନ ଅଧ୍ୟକ୍ଷ ତଥା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ପୂର୍ବତନ ସଭ୍ୟ ବି.ସି. ଜେନାଙ୍କ ଅଭିଯୋଗକୁ ଆଧାର କରି ଉପମୁଖ୍ୟମନ୍ତ୍ରୀ ସିଂଦେଓ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କୁ ଦେଇଥିବା ବ୍ୟକ୍ତିଗତ ନୋଟ୍‌ଶିଟ୍‌ରେ ଦର୍ଶାଇଛନ୍ତି, ଟିପିସିଓଡିଏଲ୍‌ର ବିଭିନ୍ନ କାର୍ଯ୍ୟଶୈଳୀକୁ ନେଇ ସଙ୍ଗିନ ଅଭିଯୋଗ ଆସିଛି। ଏହାକୁ ଅନୁସନ୍ଧାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରଙ୍କୁ ତୁରନ୍ତ ଅବଗତ କରାଅ।

ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିନା କାରଣରେ ବିଦ୍ୟୁତ୍ ମନଇଚ୍ଛା କାଟ୍ କରାଯାଉଛି। ଯଦି ଏସମ୍ପର୍କରେ ଫ୍ୟୁଜ୍ କଲ ସେଣ୍ଟରକୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଉଛି ତେବେ ଉଦ୍ଦେଶ୍ୟମୂଳକ ଭାବେ ଟେଲିଫୋନକୁ ବ୍ୟସ୍ତ କରି ଦିଆଯାଉଛି। ସେକ୍ସନ ମୁଖ୍ୟ ମଧ୍ୟ ଫୋନ୍ କଲ୍‌କୁ ଠିକଣା ଭାବେ ଗ୍ରହଣ କରୁନାହାନ୍ତି। କଲ୍ ସେଣ୍ଟର ଯଦି ଅଭିଯୋଗ ଗ୍ରହଣ କରୁଛି, ପରବର୍ତ୍ତୀ ସମୟରେ ସେ ମାସ ମାସ ଧରି ଅଭିଯୋଗରେ ରହି ଯାଉଛି। ବିଦ୍ୟୁତ୍ ନୂତନ ସଂଯୋଗ ଭଳି ବିଭିନ୍ନ ଆବେଦନ ମାସ ମାସ ଧରି ପଡ଼ି ରହୁଛି, କେହି ଶୁଣିବାକୁ ନାହାନ୍ତି। ଫଳରେ ଉପଭୋକ୍ତାମାନେ ନିରାଶ ହେଉଛନ୍ତି। ଅସ୍ଥାୟୀ ଭାବେ ବିଦ୍ୟୁତ୍ ସଂଯୋଗ କରିବା କିମ୍ବା ନୂତନ ସଂଯୋଗ ନେବା ସେକ୍ସନ ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭର କରୁଛି। ବୋର୍ଡର ବିନା ଅନୁମୋଦନରେ ବହୁ ମୁଖ୍ୟ ତଥା ଆଳଙ୍କାରିକ ପଦ(ସିଇଓ, ସିଓଓ, ସିଏଫ୍‌ଓ) ସୃଷ୍ଟି କରାଯାଇଛି। ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କରାଯାଉନାହିଁ। ପରାମର୍ଶଦାତାମାନେ ଏଠାରେ ନିୟମିତ ପଦ ମାଡ଼ି ବସିଛନ୍ତି। ଅନେକ ସମୟରେ ମଣ୍ଡଳ ମୁଖ୍ୟ ତଥା ଏସ୍‌ଡିଓମାନେ ବିଭିନ୍ନ ସମସ୍ୟାର ସମାଧାନ ବେଳେ ମନଇଚ୍ଛା ପଦକ୍ଷେପ ଗ୍ରହଣ କରୁଛନ୍ତି। ଏମିତି କି ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ମଧ୍ୟ ଅନୁମୋଦନ ନେଉ ନାହାନ୍ତି।

ସେହିପରି ଯେଉଁ ବିଦ୍ୟୁତ୍ ଉପକରଣ ତଥା ଯନ୍ତ୍ରପାତି ଷ୍ଟୋର ରୁମ୍‌ରେ ରହିଛି ତାହା ବ୍ୟବହୃତ ଭଳି ଜଣାପଡୁଛି। ଉପକରଣ କିଣିବାବେଳେ ଟେଣ୍ଡର ନୀତି ଅନୁସରଣ କରାଯାଉନାହିଁ। ରିହାବିଲିଟେଡ୍ ଆସିଷ୍ଟାଣ୍ଟ ଆବେଦନଗୁଡ଼ିକ ପ୍ରତି ଯେଭଳି ଗୁରୁତ୍ୱ ଦିଆଯିବା କଥା ତାହା ମଧ୍ୟ ହେଉନାହିଁ। ଜେନା ତାଙ୍କ ଅଭିଯୋଗରେ ସବୁଠାରୁ ବଡ଼କଥା ଦର୍ଶାଇ କହିଛନ୍ତି, ସରକାରୀ ସଂସ୍ଥା ଗ୍ରୀଡ୍‌କୋର ଅଜ୍ଞାତରେ ବିଦ୍ୟୁତ୍ କିଣାଯାଉଛି ଏବଂ ବଣ୍ଟନ କରାଯାଉଛି। ଏହାଦ୍ୱାରା ପାୱାର ପର୍‌ଚେଜ୍ ଏଗ୍ରୀମେଣ୍ଟ(ପିପିଏ)ର ଉଲ୍ଲଂଘନ ହେଉଛି। ଏସବୁ ଅଭିଯୋଗକୁ ଗୁରୁତ୍ୱ ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜେନା ଉପମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ସିଂଦେଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# କୋଏଲ ନଦୀରେ ବୁଡ଼ିଗଲେ ଯୁବକ

## ସେଲ୍ଫି ନେବାବେଳେ ଅଘଟଣ

ରାଉରକେଲା,୧୫।୬ (ସଙ୍ଗୀତା ଜେନା)

ବିଶ୍ରା ଥାନା ଅନ୍ତର୍ଗତ କୋଏଲ ନଦୀର ତେତରକେଲା ଘାଟରେ ରବିବାର ସେଲ୍ଫି ନେବାବେଳେ ପାଣିରେ ବୁଡିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ଲୁଙ୍ଗେଇ ବସ୍ତିର ଆକାଶ କୁମାର ଗୁପ୍ତା(୨୨)। ପୋଲିସ ମୃତଦେହ ଜବତ କରି ବିଶ୍ରା ଗୋଷ୍ଠୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୧୯/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଆକାଶ ୨/୩ ଜଣ ସାଙ୍ଗଙ୍କ ସହ କୋଏଲନଦୀକୁ ଯାଇଥିଲେ। ଗାଧୋଇବା ପୂର୍ବରୁ ସେଲ୍ଫି ନେବା ବେଳେ ଅସାବଧାନତା ଯୋଗୁ ଆକାଶ ଗଭୀର ପାଣିରେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏବଂ ବିଶ୍ରା ଅଗ୍ନିଶମ ବାହିନୀ ଖୋଜାଖୋଜି କରି ଆକାଶଙ୍କୁ ଅପରାହ୍ନ ୧ଟାରେ ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ଗତ ମେ ମାସରେ ଛେଣ୍ଡ ଥାନା ଅନ୍ତର୍ଗତ ପ୍ରଧାନପାଲୀ ରେଳବାଇ ବ୍ରିଜ୍ ଉପରେ ସେଲ୍ଫି ନେବା ବେଳେ କୋଏଲ ନଦୀରେ ପଡ଼ି ଜଣେ ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଗତ ୨/୩ ମାସ ମଧ୍ୟରେ ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନଦୀରେ ବୁଡ଼ି ୧୧ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି।




## ତ୍ରୁଟି ସଂଶୋଧନ

ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ୧୫ ଜୁନ୍ ୨୦୨୫ରେ ଦ୍ୱିତୀୟ ସେଟ୍ ପ୍ରଥମ ପୃଷ୍ଠାରେ ଦୁବାଇର 'ଟାଇଗର ଟାୱାର'ରେ ୧୪ ତାରିଖରେ ଭୟାବହ ଅଗ୍ନିକାଣ୍ଡ ସମ୍ବନ୍ଧୀୟ ଏକ ଫଟୋ ପ୍ରକାଶ ପାଇଥିଲା। ଏଥିରେ ଭୁଲ୍‌ବଶତଃ ଅନ୍ୟ ଏକ ଟାୱାରର ଫଟୋ ସ୍ଥାନିତ ହୋଇଥିଲା। ଏହା ଏକ ଅନିଚ୍ଛାକୃତ ତ୍ରୁଟି।




ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ସ୍ୱାମୀଙ୍କ ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ

ତିହିଡ଼ି, ୨୫।୬(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ଥାନା ଅଧୀନ ତାଳପଦା ଗ୍ରାମରେ ଶନିବାର ରାତିରେ ସ୍ୱାମୀଙ୍କ ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ମୋନାଲିସା ଜେନା(୨୬)। ତିହିଡି ପୋଲିସ ଏକ ମାମଲା (ନଂ.୨୧୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଶଙ୍କର୍ଷଣ ଜେନାଙ୍କୁ ରବିବାର ଅଟକ ରଖିଛି। ମୋନାଲିସାଙ୍କ ବାପା ତାଳପଦା ଗ୍ରାମର ପଞ୍ଚାନନ ଜେନା ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେଇଛନ୍ତି।



ମୋନାଲିସା ଜେନା

ସେ ଦର୍ଶାଇଛନ୍ତି ଯେ, ତାଳପଦା ଗ୍ରାମର ଟେରା ଜେନାଙ୍କ ପୁଅ ଶଙ୍କର୍ଷଣ ୫ବର୍ଷ ପୂର୍ବେ ତାଙ୍କ ଝିଅ ମୋନାଲିସାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ମୋନାଲିସାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ମୋନାଲିସା ସେଠାରୁ କୌଶଳକ୍ରମେ ଖସି ବାପଘରକୁ ଚାଲିଯାଇଥିଲେ। ପରେ ତାଙ୍କ ବାପା ବୁଝାଶୁଝା କରି ଝିଅକୁ ଶାଶୁଘରେ ଛାଡ଼ିଥିଲେ। ଶନିବାର ପହିଲି ରଜ ଉପଲକ୍ଷେ ପଞ୍ଚାନନ ଝିଅ ଘରକୁ ମିଠା ଓ ଅନ୍ୟ ସାମଗ୍ରୀ ନେଇ ଯାଇଥିଲେ। ରାତିରେ ଶଙ୍କର୍ଷଣ ଓ ଅନ୍ୟମାନେ ମୋନାଲିସାଙ୍କ ଗୋଡ଼ହାତ ବାନ୍ଧି ନିଘୁଞ୍ଚ ମାଡ଼ ମାରିଥିବା ସେ ଜାଣିବାକୁ ପାଇଥିଲେ। ଏପରିକି ତାଙ୍କ ଗର୍ଭ ନଷ୍ଟ କରିବା ଉଦ୍ଦେଶ୍ୟରେ ପେଟକୁ ଗୋଇଠା ମାରିଥିଲେ। ଏଥିରେ ମୋନାଲିସା ଗୁରୁତର ହେବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ମୋନାଲିସାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆଇପିଏସ୍ ଅଫିସର ରେଖା ଓ ସଞ୍ଜୟଙ୍କୁ କେନ୍ଦ୍ରର ଏଡିଜି ପାହ୍ୟା

ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଓଡ଼ିଶାର ଦୁଇ ବରିଷ୍ଠ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଫିସରଙ୍କୁ କେନ୍ଦ୍ରରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ପାହ୍ୟା ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଏମ୍ପ୍ୟାନେଲ୍‌ମେଣ୍ଟରେ ୩୮ଜଣ ଆଇପିଏସ୍ ଅଫିସରଙ୍କୁ ଏଡିଜି ପାହ୍ୟା ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଓଡ଼ିଶା କ୍ୟାଡରର ୧୯୯୭ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଫିସର ରେଖା ଲୋହାନୀ ଏବଂ ସଞ୍ଜୟ କୁମାର ରହିଛନ୍ତି। ତେବେ ଭାରତ ସରକାରଙ୍କ ବଦଳି ନିୟମ ଅନୁଯାୟୀ, ଯଦି ସମ୍ପୃକ୍ତ ଅଧିକାରୀ ଚାହିଁବେ କିମ୍ବା ରାଜ୍ୟ ତଥା କେନ୍ଦ୍ର ସରକାର ଚାହିଁବେ ତେବେ ସେମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ପଡ଼ିବ।

# ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତା ୟୁନିଟ୍ ପିଛା ୨୪ ପଇସା ଅଧିକ ଦେଉଛନ୍ତି

## ପାୱାର ଫାଇନାନ୍ସ କର୍ପୋରେଶନ ରିପୋର୍ଟ

ଭୁବନେଶ୍ୱର,୧୫।୬(ରବିନାରାୟଣ ଜେନା)

ଶସ୍ତା ବିଦ୍ୟୁତ୍ ଉତ୍ପାଦନ ପାଇଁ ଓଡ଼ିଶାରେ ସମସ୍ତ ସମ୍ଭାବନା ଥିବା ସତ୍ତ୍ୱେ ବିଦ୍ୟୁତ୍ ଟାରିଫ ମଧ୍ୟପ୍ରଦେଶ, ବିହାର, ଛତିଶଗଡ଼, ରାଜସ୍ଥାନ, ପଞ୍ଜାବ ଭଳି ରାଜ୍ୟ ତୁଳନାରେ ଅଧିକ ରହିଛି। ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଦ୍ୟୁତ୍‌ମୂଲ୍ୟ (ଟାରିଫ୍) ରିପୋର୍ଟ ଅନୁଯାୟୀ, ଭାରତର ୩୫ କୋଟି ଉପଭୋକ୍ତା ୟୁନିଟ୍ ପିଛା ଯେଉଁ ହାରାହାରି ଟାରିଫ୍ ପରିଶୋଧ କରୁଛନ୍ତି ତା'ଠାରୁ ଓଡ଼ିଶା ଉପଭୋକ୍ତା ଅଧିକ ପଇଠ କରୁଛନ୍ତି।

ପାୱାର ଫାଇନାନ୍ସ କର୍ପୋରେଶନ ପକ୍ଷରୁ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ଓଡ଼ିଶା ଉପଭୋକ୍ତା ଜାତୀୟ ହାରଠାରୁ ୟୁନିଟ୍ ପିଛା ୨୪ ପଇସା ଅଧିକ ମୂଲ୍ୟ ପଇଠ କରୁଛନ୍ତି। ଅର୍ଥାତ୍ ଏକ ୟୁନିଟ୍ ବିଦ୍ୟୁତ୍ କ୍ରୟପାଇଁ ଜାତୀୟସ୍ତରରେ ଉପଭୋକ୍ତା ୫ ଟଙ୍କା ୬୪ ପଇସା ପରିଶୋଧ କରୁଥିବାବେଳେ ଓଡ଼ିଶା ଉପଭୋକ୍ତା ୫ ଟଙ୍କା ୮୮ ପଇସା ପରିଶୋଧ କରୁଛନ୍ତି। ସେହିପରି ସର୍ବଭାରତୀୟସ୍ତରରେ ବିତରଣ କମ୍ପାନୀଗୁଡ଼ିକର ହାରାହାରି ବୈଷୟିକ ଓ ବାଣିଜ୍ୟ କ୍ଷତି ୧୬.୧୨% ଥିବାବେଳେ ଓଡ଼ିଶାର ରହିଛି ୧୯.୫୩%। ବିଦ୍ୟୁତ୍ ଆଇନ-୨୦୦୩ରେ ଟାରିଫ ନିର୍ଣ୍ଣୟ କରିବା କାର୍ଯ୍ୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ରାଜ୍ୟ ଆୟୋଗଙ୍କ ପରି ଓଇଆର୍‌ସି ବିଦ୍ୟୁତ୍ ଆଇନ ଧାରା-୬୧ରେ ଥିବା ୯ଟି ନିୟମକୁ ପାଥେୟ କରି ଟାରିଫ ନିର୍ଣ୍ଣୟ କରିବା କଥା। କିନ୍ତୁ ଓଇଆର୍‌ସି ୨୦୧୦ରୁ ଏହାର ଉଲ୍ଲଂଘନ କରୁଥିବାରୁ ଗତ ୧୫ ବର୍ଷରେ ଉପଭୋକ୍ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ନିୟମରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଦୃଷ୍ଟିଗୋଚର ହେଉଥିବା ପ୍ରତିଯୋଗିତା, ଦକ୍ଷତା, ସମ୍ବଳର ମିତବ୍ୟୟୀ ବ୍ୟବହାର, ଭଲ କାର୍ଯ୍ୟଦକ୍ଷତା ଏବଂ ସର୍ବୋତ୍ତମ ନିବେଶକୁ ଉତ୍ସାହିତ କରୁଥିବା କାରକଗୁଡ଼ିକୁ ଓଇଆର୍‌ସି ଯଥାଯଥ ମୂଲ୍ୟାଙ୍କନ କରି ପୁରସ୍କୃତ କରିବେ। ସେଥିପୂର୍ବରୁ ଆବଶ୍ୟକ ଟାରିଫ ନୀତିନିୟମ ପ୍ରଣୟନ କରିବେ। କିନ୍ତୁ ଆୟୋଗ ଗଠନ (୧୯୯୬)ଠାରୁ ଏପର୍ଯ୍ୟନ୍ତ ଟାରିଫ ନିର୍ଣ୍ଣୟ ପ୍ରଣାଳୀରେ କେତେ ଦକ୍ଷତା ରହିଛି ତାହାକୁ ମୂଲ୍ୟାଙ୍କନ କରିଥିବା ତଥ୍ୟ ଆୟୋଗ ଜାରି କରିଥିବା ଟାରିଫ ଆଦେଶରେ ନଜିର ନାହିଁ।

# ବିସ୍ଫୋରକ ଲୁଟ୍ ମାମଲାରେ ଜର୍ଜ ଗିରଫ

## ମାଓବାଦୀଙ୍କୁ ତଥ୍ୟ ଦେଉଥିଲେ

ରାଉରକେଲା,୧୫।୬ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା କେ. ବଳାଙ୍ଗ ଥାନା ଅଧୀନ ବାଙ୍କୋ ଖଣିକୁ ଯାଉଥିବା ବିସ୍ଫୋରକ ଗାଡ଼ି ଅଟକାଇ ୨୦୦ ପ୍ୟାକେଟ ବିସ୍ଫୋରକ ଲୁଟ୍ ମାମଲାରେ ମୁଖ୍ୟ ଷଡଯନ୍ତ୍ରକାରୀ ବାଙ୍କୋ ଗ୍ରାମର ଜର୍ଜ ମୁଣ୍ଡା(୪୩) ଗିରଫ ହୋଇଛନ୍ତି। ରବିବାର ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇ କହିଛନ୍ତି, ଗତ ୨୭ରେ ବିସ୍ଫୋରକ ଲୁଟ୍ ମାମଲାରେ ଗଠିତ ଏସ୍‌ଆଇଟି ଜର୍ଜଙ୍କୁ ଧରି ପଟରାଉରୁରା କରିଥିଲା। ଜର୍ଜ ପଥର ଖଣିକୁ ବିରୋଧ କରିଆସୁଥିଲେ ଏବଂ ମାଓବାଦୀଙ୍କ ସହ ସମ୍ପର୍କ ରଖିଥିଲେ। ସେ ଖଣି ସମ୍ପର୍କରେ ବିଭିନ୍ନ ତଥ୍ୟ ମାଓବାଦୀଙ୍କୁ ପ୍ରଦାନ କରୁଥିଲେ। ଏଥିପାଇଁ ଏକାଧିକ ଥର ସେ ମାଓବାଦୀମାନଙ୍କ ସହ ବୈଠକ କରିଥିଲେ। ଘଟଣାଦିନ ୧୦ରୁ ୧୫ ଜଣ ସଶସ୍ତ୍ର ମାଓବାଦୀ ଇତମା ଗୋଦାମରୁ ବାଙ୍କୋ ପଥର ଖଣିକୁ ଯାଉଥିବା ଗାଡ଼ିକୁ ଅଟକାଇ ବିସ୍ଫୋରକ ଲୁଟ୍ କରିଥିଲେ। ଲୁଟ୍ ବିସ୍ଫୋରକ ମଧ୍ୟରୁ ଓଡ଼ିଶା- ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ୩୮୧୧.୩୦ କେଜି ଜବତ ହୋଇସାରିଛି। ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ବଣେଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ୩ ମୃତ

ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ)/ ମହାକାଳପଡ଼ା(ପ୍ରତାପ ଚନ୍ଦ୍ର ସ୍ୱାଇଁ)/ ପାଟଣା(ବୀରକିଶୋର ଦାଶ),୧୫।୬

ବଜ୍ରପାତରେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ନିଶ୍ଚନ୍ତା ପଞ୍ଚାୟତର ଭୋଳାଗାଡ଼ିଆ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବର୍ଷା ଆସିବାରୁ ଭୀମ ମାର୍ଣ୍ଡି(୨୬) ଓ ଜଗନ୍ନାଥ ମାର୍ଣ୍ଡି(୪୦) ଏକ ମହୁଲ ଗଛ ମୂଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ଭୀମଙ୍କ ମୃତ୍ୟୁ ଘଟିଥିବାବେଳେ ଜଗନ୍ନାଥଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ସେହିପରି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୂଳି ଗ୍ରାମରେ ଦିଲୀପ ନାଏକଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ ନାଏକ(୫୪)ଙ୍କ ବଜ୍ରପାତଜନିତ ମୃତ୍ୟୁ ଘଟିଛି। ଶୈଳେନ୍ଦ୍ରୀ ହରିଚନ୍ଦନପୁର ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପମେଣ୍ଟ ସର୍ଭିସ (ଆଇସିଡିଏସ୍) ଅଫିସରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଅନୁରୂପ ଭାବେ ପାରାଦୀପ ଶିଳ୍ପ ସଂସ୍ଥାରେ କାମ କରି କେତେଜଣ ଶ୍ରମିକ ମହାନଦୀ ଚଉମୁହାଣି ଫେରିଘାଟ ଦେଇ ଡଙ୍ଗାରେ କେନ୍ଦ୍ରାପଡ଼ା ମହାକାଳପଡ଼ା ଥାନା ଅଞ୍ଚଳକୁ ଫେରୁଥିବାବେଳେ ମଝିରେ ବଜ୍ରପାତ ହୋଇଥିଲା। ଏଥିରେ ମହାକାଳପଡ଼ା ଥାନା ଅଧୀନ ଷାଠିଏବାଟି ଗ୍ରାମର ରଙ୍ଗ ମିସ୍ତ୍ରି ପ୍ରଶାନ୍ତ ଦାସ (୪୫)ଙ୍କ ମୃତ୍ୟୁ ଘଟିଥିବାବେଳେ କୁମାରପଡ଼ା ଗ୍ରାମର ଶ୍ରମିକ ଦୁଃଶାସନ ରାଉତ (୫୦) ଗୁରୁତର ହୋଇଛନ୍ତି।

# ୨୦ରେ ଖୋଲିବ ସ୍କୁଲ

## ■ ୧୯ରୁ ଯୋଗଦେବେ ଶିକ୍ଷକ, କର୍ମଚାରୀ

ଭୁବନେଶ୍ୱର,୧୫।୬(ସୁଚିସ୍ମିତା ସାହୁ)

ସରି ଆସୁଛି ଖରାଛୁଟି। ୫୮ଦିନ ପରେ ଆସନ୍ତା ୨୦ ତାରିଖରେ ସ୍କୁଲ ଖୋଲିବାକୁ ଯାଉଛି। ପୂର୍ବଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ଶିକ୍ଷୟିତ୍ରୀ ଶିକ୍ଷକ ସକାଳ ୯ଟା ୩୦ ସୁଦ୍ଧା ସ୍କୁଲରେ ପହଞ୍ଚିବେ ଏବଂ ଅପରାହ୍ନ ସାଢ଼େ ୪ଟା ଯାଏ କ୍ୟାମ୍ପସରେ ଉପସ୍ଥିତ ରହିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅତ୍ୟଧିକ ଖରା ଓ ଗରମ ଯୋଗୁ ରାଜ୍ୟ ସରକାର ଏପ୍ରିଲ ୨୨ରୁ ବିଦ୍ୟାଳୟଗୁଡ଼ିକ ପାଇଁ ଖରାଛୁଟି ଘୋଷଣା କରିଥିଲେ। ୨୩ ତାରିଖରୁ ସ୍କୁଲ ବନ୍ଦ ରହିଥିଲା। ତେବେ ସ୍କୁଲ ଖୋଲିବା ପରେ ପିଲାଙ୍କ ପାଠପଢ଼ା ଯେପରି ସ୍ୱାଭାବିକ ହେବ ଓ ୨୦୨୫-୨୬ ଶିକ୍ଷାବର୍ଷ ଠିକ୍ ଭାବେ ପରିଚାଳିତ ହୋଇପାରିବ ସେନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଶିକ୍ଷୟିତ୍ରୀଶିକ୍ଷକ, ଅଫିସ କର୍ମଚାରୀ, ସଫେଇ କର୍ମଚାରୀ, ରୋଷେୟା ଜୁନ୍ ୧୯ରୁ ବିଦ୍ୟାଳୟରେ ଯୋଗଦେବାକୁ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଚିଠି କରାଯାଇଛି। ସେମାନେ କ୍ଲାସରୁମ୍ ଏବଂ ବିଦ୍ୟାଳୟ ପରିସର ସଫା କରିବେ। କ୍ୟାମ୍ପସ ପରିସରରେ ଉଠିଥିବା ଗଛଲତା ସଫା କରିବା, ପାଣି ଟାଙ୍କି ସଫା କରିବା, ପିଲାଙ୍କ ବସିବା ବେଞ୍ଚ୍ ଓ ଚେୟାରକୁ ଠିକ୍ ଭାବେ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସେହିପରି ପରିସ୍ରାଗାର, ଇ-ଲାଇବ୍ରେରୀ, ରୋଷେଇ ଘରଗୁଡ଼ିକୁ ମଧ ସଫା କରିବା ସହିତ ମଧ୍ୟାହ୍ନଭୋଜନ ସାମଗ୍ରୀ ସବୁକୁ ଯାଞ୍ଚ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଖରାଛୁଟି ବୃଦ୍ଧି କରାଯିବ ବୋଲି ସୋସିଆଲ ମିଡିଆରେ ପ୍ରସାରିତ ପୋଷ୍ଟ ଓ ଭିଡିଓ ଗୁଜବ ବୋଲି ଜଣାପଡ଼ିଛି।

# ୧୪ ବରପୁତ୍ରଙ୍କୁ ଉଚିତ ସମ୍ମାନ ମିଳିବ: ବାଚସ୍ପତି

ଭୁବନେଶ୍ୱର,୧୫।୬(ରବିନାରାୟଣ ଜେନା)

ଓଡ଼ିଶା ବିଧାନସଭା ପରିସରରେ ଥିବା ବରପୁତ୍ରଙ୍କ ସହିତ ବାହାର ପାଚେରି ନିକଟରେ (ଗେଟ୍ ନମ୍ବର ୧ ଓ ୨ ମଧ୍ୟରେ) ସ୍ଥାପିତ ୧୪ ବିଶିଷ୍ଟ ବ୍ୟକ୍ତିତ୍ୱ(ପ୍ରତିମୂର୍ତ୍ତି)ଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରାଯିବ। ସେମାନଙ୍କ ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀକୁ ମଧ ସରକାର ପାଳନ କରିବେ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ବାଚସ୍ପତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକକୁ ନେଇ ସଚିବ ସତ୍ୟବ୍ରତ ରାଉତ ଶକ୍ତି ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମେତ ମହାନଗର ନିଗମ ଆୟୁକ୍ତ ଓ ଆର୍‌ଡିସିଙ୍କୁ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବ, ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ବିଜୁ ପଟ୍ଟନାୟକ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ନବକୃଷ୍ଣ ଚୌଧୁରୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି ରହିଛି। ଏହି ବରପୁତ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ଓଡ଼ିଶା ବିଧାନସଭା ସଚିବାଳୟ ଦ୍ୱାରା ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଉପସ୍ଥିତିରେ ପାଳନ କରାଯାଉଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ସୂଚନା ଦେଇଥିଲେ, ଏଣିକି ବିଭାଗ ପକ୍ଷରୁ ଶହୀଦ ବାଜି ରାଉତ, ଶହୀଦ ଲକ୍ଷ୍ମଣ ନାୟକ, ଚକରା ବିଷୋଇ, ଜୟୀ ରାଜଗୁରୁ, ଧରଣୀଧର ନାୟକ (ଭୂୟାଁ) ଏବଂ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବ। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ମା' ରମା ଦେବୀ, ସନ୍ଥକବି ଭୀମ ଭୋଇ, ସ୍ୱଭାବକବି ଗଙ୍ଗାଧର ମେହେର, ରେଣ୍ଡୋ ମାଝୀ, ପଣ୍ଡିତ ରଘୁନାଥ ମୁର୍ମୁ, କବିସୂର୍ଯ୍ୟ ବଳଦେବ ରଥ ଏବଂ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବ।



ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ଇରାନର ପରମାଣୁ ଶକ୍ତି

ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ସରି ନ ଥିବା ବେଳେ ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧ ଆରମ୍ଭ ହୋଇଯାଇଛି। ସଦ୍ୟ ଯୁଦ୍ଧରେ ଇସ୍ରାଏଲ ଗୋଟିଏ ପକ୍ଷରେ ଥିବା ବେଳେ ଆରପଟେ ଇରାନ। ଏଭଳି ଯୁଦ୍ଧ ଦେଖି ବିଶ୍ୱବାସୀ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ। କାରଣ କିଛି ଦିନ ହେବ ଜଣାପଡୁଥିଲା ଯେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ କରିବା ଲାଗି ପାଗ ଭିଡୁଥିଲା। ଏବର ଯୁଦ୍ଧକୁ ନେଇ ଇସ୍ରାଏଲ ସଫେଇ ଦେଇ କହିଛି ଯେ, ତେହେରାନ୍ ସଦ୍ୟ ପରମାଣୁ ଅସ୍ତ୍ରଶସ୍ତ୍ର ବିକଶିତ କରିବା ଇସ୍ରାଏଲ ଦେଶ ଭାବେ ରହିବାଟା ପ୍ରଶ୍ନବାଚୀକୁ ଚାଲିଯାଇଥିବାରୁ ଏଭଳି ପଦକ୍ଷେପ ନେବାକୁ ପଡ଼ିଛି। କିନ୍ତୁ ଭିତିରିଆ ଦେଖିଲେ ଏହି ଯୁଦ୍ଧ ପଛରେ ଆମେରିକାର ପ୍ରଚ୍ଛନ୍ନ ହାତ ଥାଇପାରେ। ଇରାନ ପରମାଣୁ କାର୍ଯ୍ୟକ୍ରମ ଜୋରଦାର ଚଳାଇଥିବାରୁ ତାହାକୁ ପ୍ରତିରୋଧ କରିବା ଲାଗି ଆମେରିକା ବାରମ୍ବାର ସତର୍କ କରାଇଆସୁଥିଲା। ଏପରି କି ଚଳିତ ବର୍ଷ ପ୍ରାରମ୍ଭରୁ ଇରାନର ପରମାଣୁ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆମେରିକା ଓ ଇରାନ ୫ ପର୍ଯ୍ୟାୟ ଆଲୋଚନା କରିସାରିଛନ୍ତି। ୧୫ ଜୁନ୍‌ରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାର ଥିଲା। ଇସ୍ରାଏଲ ଆକ୍ରମଣ ପରେ ଇରାନ ଏହି ଆଲୋଚନାକୁ ବାତିଲ କରିଦେଇଛି। ଠିକ୍ ଏହି ସମୟରେ ଇସ୍ରାଏଲ ଗୋଇନ୍ଦା ସଂସ୍ଥା ମୋସାଦ ଖବର ପାଇଲା ଯେ ଇରାନ୍ ତା'ର ପରମାଣୁ କାର୍ଯ୍ୟକ୍ରମକୁ ତ୍ୱରିତ ବେଗରେ କାର୍ଯ୍ୟ କରାଉଥିବାରୁ ନିକଟ ଭବିଷ୍ୟତରେ ଅସ୍ୱାଭାବିକ ସ୍ଥିତି ଉତ୍ପନ୍ନ ହୋଇପାରେ। ଏଥିସହିତ ଚାଇନା ତା'ର ଏନ୍‌ରିଚ୍ଡ ୟୁରାନିୟମର ଏକ ବଡ଼ ଅଂଶ ଇରାନକୁ ନିକଟରେ ରପ୍ତାନି କରିଛି। ତେଣୁ ସମ୍ଭାବ୍ୟ ବିପଦ ଆଶଙ୍କା କରି ଇସ୍ରାଏଲ ଆଗତୁରା 'ଅପରେଶନ ରାଇଜିଂ ଲାୟନ' ନାମରେ ସାମରିକ ଅଭିଯାନ ଆରମ୍ଭ କରିଦେଲା। ଇରାନ୍ ଛାଡ଼ିବାର ଦେଶ ନୁହେଁ। ଏହା 'ଟ୍ରୁ ପ୍ରୋମିଜ୍' ନାମରେ ଅପରେଶନ କରି ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଗତ ୪ ଦିନ ମଧ୍ୟରେ ଉଭୟ ପଟରେ ଧନଜୀବନ ହାନି ଘଟିଛି। ଇସ୍ରାଏଲ ୧୫ ଜୁନ୍‌ରେ ସରକାରୀ ଭାବେ ସୂଚନା ଦେଇ କହିଛି ଯେ ତା'ର ୧୩ ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟପକ୍ଷରେ ଇରାନ ପକ୍ଷରୁ ସଦ୍ୟତମ ସଂଖ୍ୟା ପ୍ରକାଶ କରାଯାଇ ନ ଥିଲେ ମଧ୍ୟ ଜାତିସଂଘରେ ଥିବା ଏହାର ରାଷ୍ଟ୍ରଦୂତ କହିଛନ୍ତି, ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ରେ ଏହାର ୭୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୨୦ ଜଣ ଆହତ ହୋଇଛନ୍ତି। ତେବେ ୧୫ ଜୁନ୍‌ରେ ଇରାନର ଏକ ମାନବ ଅଧିକାର ସଂସ୍ଥା କହିଛି ଯେ ଇସ୍ରାଏଲ୍ ଆକ୍ରମଣରେ ଅଦ୍ୟାବଧି ଇରାନର ୪୦୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୫୪ ଜଣ ଆହତ ହୋଇଛନ୍ତି।

୭ ଅକ୍ଟୋବର ୨୦୨୩ରେ ହମାସ ସହ ଯୁଦ୍ଧ ଆରମ୍ଭ ହେବା ବେଳୁ ଇସ୍ରାଏଲ ବିପକ୍ଷରେ ଲେବାନନ ସମର୍ଥିତ ହେଜବୁଲ୍ଲା ଓ ଇରାନ ଯୁଦ୍ଧଂ ଦେହି ଡାକରା ଦେଇ ଆସୁଥିଲେ। ଏପରି କି ସିରିଆର ତତ୍କାଳୀନ ଅସାଦ୍ ସରକାର ଇସ୍ରାଏଲକୁ ଘୋର ବିରୋଧ କରିଥିଲା। ସମୟ କ୍ରମେ ଇସ୍ରାଏଲ କୌଶଳ କରି ହେଜ୍‌ବୁଲ୍ଲାକୁ ଦମନ କରିଥିବା ବେଳେ ରୁଷିଆ ସମର୍ଥିତ ଅସାଦ୍ ସରକାରକୁ ଗାଦିଚ୍ୟୁତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ଏବେ ଆମେରିକା-ଇରାନ ମଧ୍ୟରେ ଚାଲିଥିବା ପରମାଣୁ ସମ୍ବନ୍ଧୀୟ ଆଲୋଚନାରେ ବିଫଳ ହେଉଥିବା ଦେଖି ଇସ୍ରାଏଲ ଯୁଦ୍ଧ ସ୍ଥିତି ସୃଷ୍ଟି କରିଦେଇଛି। ପୂର୍ବରୁ ଆମେରିକା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନ ଓ ଇସ୍ରାଏଲ ଯୁଦ୍ଧରେ ତାଙ୍କ ଦେଶର ହାତ ନାହିଁ। କିନ୍ତୁ କୌଣସି ଭାବେ ଯଦି ତାଙ୍କ ଦେଶର ସମ୍ପତ୍ତି କିମ୍ବା ଲୋକଙ୍କୁ ଇରାନ କ୍ଷତି ପହଞ୍ଚାଏ, ତାହା ହେଲେ ଆମେରିକୀୟ ସଶସ୍ତ୍ର ସେନାର ସମ୍ପୂର୍ଣ୍ଣ ଶକ୍ତି ତେହେରାନ ବିପକ୍ଷରେ ଏଭଳି ବ୍ୟବହାର କରାଯିବ ଯେ, ଯାହା ସେ କେବେ ଦେଖି ନ ଥିବ। ଏବେ ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆରେ କହିଛନ୍ତି, ଯୁଦ୍ଧଗ୍ରସ୍ତ ଉଭୟ ଦେଶ ଶାନ୍ତି ଆଲୋଚନାକୁ ଶୀଘ୍ର ଆସିବା ଦରକାର।

ଏଭଳି ପ୍ରଚ୍ଛଦପଟରେ ଦେଖିଲେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ ଅତ୍ୟଧିକ ଚର୍ଚ୍ଚା ହେଉଛି। ଗତ ସପ୍ତାହରେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ଏକ ରିପୋର୍ଟ ପ୍ରକାଶ କରିଥିଲା, ଯେଉଁଥିରେ ଇରାନ ବହୁ ପରିମାଣରେ ୟୁରାନିୟମ ମହଜୁଦ କରିବାରେ ଲାଗିଛି। ଏଥିରେ କୁହାଯାଇଛି ଯେ, ଇରାନ ୪୦୦ କିଲୋଗ୍ରାମ୍ ୟୁରାନିୟମ ମହଜୁଦ କଲାଣି ଓ ସେଥିରୁ ୬୦ ପ୍ରତିଶତ ଶୁଦ୍ଧ ଥିବା ଜଣାପଡ଼ିଛି। ଆଗକୁ ୯୦ ପ୍ରତିଶତ ଶୁଦ୍ଧ ୟୁରାନିୟମ ରଖିବାରେ ଇରାନ ପହଞ୍ଚିଗଲେ ତାହା ୯ରୁ ୧୦ଟି ପରମାଣୁ ବୋମା ତିଆରି କରିବାରେ ସକ୍ଷମ ହୋଇପାରେ। ଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଇରାନ ଅଣୁ-ଅପ୍ରସାର ଚୁକ୍ତି (ଏନ୍‌ପିଟି) ଉଲ୍ଲଂଘନ କରିଥିବା ନେଇ ନିକଟରେ ଆଇଏଇଏ ଘୋଷଣା କରିଥିଲା। ସମ୍ଭବତଃ ଏହିସବୁ ବିଷୟକୁ ଏକତ୍ର କରି ଆମେରିକା ସହାୟତାରେ ଇସ୍ରାଏଲ ବଡ଼ ପଦକ୍ଷେପ ସ୍ୱରୂପ ଇରାନ ଉପରେ ଆକ୍ରମଣ କରିଥାଇପାରେ। ତେବେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲୀ ଖୋମିନି କହିଛନ୍ତି, ଏଭଳି ଉତ୍ତେଜନା ସ୍ଥିତି ଲାଗି ରହିଲେ ଇରାନ ତା'ର ଆଣବିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଏନ୍‌ପିଟିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବ। ଏହା ହେଲେ ମଧ୍ୟପ୍ରାଚ୍ୟ ଆହୁରି ଅଶାନ୍ତ ହେବାର ସଙ୍କେତ ମିଳିଲାଣି। ଆଉ ଏକ ଦିଗକୁ ଦେଖିଲେ ଇରାନକୁ ସମର୍ଥନ କରୁଥିବା ରୁଷିଆ ଏବେ ଇସ୍ରାଏଲକୁ ଯୁଦ୍ଧ ପାଇଁ ନିନ୍ଦା କରିଛି। ୧୪ ଜୁନ୍‌ରେ ଟ୍ରମ୍ପଙ୍କ ୭୯ତମ ଜନ୍ମଦିନ ଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଟ୍ରମ୍ପଙ୍କୁ ପୁଟିନ୍ କହିଥିଲେ ଇସ୍ରାଏଲ-ଇରାନ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲକୁ ଆମେରିକା କହୁ। ଅନ୍ୟପକ୍ଷରେ ଆପଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରନ୍ତୁ ବୋଲି ପୁଟିନ୍‌ଙ୍କୁ ଟ୍ରମ୍ପ୍ କହିଥିବା ବିଷୟ ଗଣମାଧ୍ୟମରୁ ଶୁଣିବାକୁ ମିଳିଛି। ଏଥିରୁ ବୁଝିବାରେ ଅସୁବିଧା ନାହିଁ ଯେ ଆଗକୁ ଯୁଦ୍ଧ ବିରାଟ ଆକାର ଧାରଣ କଲେ ପୁରୁଣା ଦିନର ଦୁଇ ମହାଶକ୍ତି ପରସ୍ପର ବିରୋଧରେ ପରୋକ୍ଷ ଯୁଦ୍ଧରେ ଅଂଶୀଦାର ହେବାକୁ ଏବେ ମଧ୍ୟ ହାଇଁପାଇଁ ରହିଛନ୍ତି।

ଏଭଳି ସ୍ଥଳେ ଭୂ-ରାଜନୈତିକ ସ୍ଥିତିକୁ ଦେଖିଲେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ବଢ଼ିଯିବା ଥୟ। ଇତିମଧ୍ୟରେ ଅଶୋଧିତ ତେଲ ଦର ମଧ୍ୟ ବୃଦ୍ଧି ପାଇବା ଆରମ୍ଭ କଲାଣି। ଏହି ପରିପ୍ରେକ୍ଷୀରେ ଦେଖିଲେ ଇସ୍ରାଏଲ-ଇରାନ ଯୁଦ୍ଧ ଭାରତ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇବ। କାରଣ ଇରାନର ଚବାହାର ବନ୍ଦର ଦେଇ ଆଫଗାନିସ୍ତାନକୁ ଭାରତର ବାଣିଜ୍ୟ ପଥ ରହିଛି। ଆଜିର ସ୍ଥିତିରେ ଭାରତର କୂଟନୀତି ଏକ ବିରାଟ ଦ୍ୱନ୍ଦ୍ୱରେ ପଡ଼ିଛି। ପୂର୍ବରୁ ଘରୋଇ କମ୍ପାନୀକୁ ତୈଳ ଯୋଗାଇ ସାହାଯ୍ୟ କରିବାର ଆଭିମୁଖ୍ୟ ନେଇ ରୁଷିଆ ସାଙ୍ଗରେ ଅତ୍ୟଧିକ ଖୋଲାଖୋଲି ବନ୍ଧୁତ୍ୱ ଭାରତକୁ ଅସୁବିଧାରେ ପକାଇ ସାରିଛି। ପାକିସ୍ତାନ ସହିତ ୪ଦିନିଆ ଖଣ୍ଡା ବୁଲାଇବା ଅବସରରେ କୌଣସି ଦେଶ ଭାରତକୁ ସମର୍ଥନ ଜଣାଇ ନ ଥିଲେ। ରୁଷିଆ ମଧ୍ୟ ନୀରବ ରହିଥିଲା। ପୂର୍ବ ବିଫଳତାକୁ ଆଖିରେ ରଖି ଆଗାମୀ ଦିନଗୁଡ଼ିକରେ ଭାରତୀୟ କୂଟନୀତି ଅତ୍ୟନ୍ତ ସତର୍କ ହେବା ଆବଶ୍ୟକ।

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | | | 7 | | | | | |
| | 5 | 8 | | | 3 | | | |
| | | | | 4 | 2 | 3 | | 9 |
| | | | 3 | 1 | | | 8 | |
| | 7 | | | | | | | 1 |
| | | | 5 | 8 | 4 | | 7 | |
| | | | | | | | 9 | 6 |
| | | | 9 | 3 | 5 | | 1 | |
| | 1 | | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 9 | 2 | 3 | 5 | 1 | 7 |
| 9 | 1 | 5 | 7 | 4 | 8 | 2 | 6 | 3 |
| 7 | 3 | 2 | 1 | 6 | 5 | 9 | 8 | 4 |
| 4 | 2 | 8 | 3 | 5 | 7 | 1 | 9 | 6 |
| 3 | 5 | 1 | 2 | 9 | 6 | 7 | 4 | 8 |
| 6 | 7 | 9 | 8 | 1 | 4 | 3 | 5 | 2 |
| 1 | 4 | 6 | 5 | 3 | 2 | 8 | 7 | 9 |
| 2 | 9 | 7 | 6 | 8 | 1 | 4 | 3 | 5 |
| 5 | 8 | 3 | 4 | 7 | 9 | 6 | 2 | 1 |

ଗତକାଲିର ଉତ୍ତର

# ମଣିଷକୁ ଚିହ୍ନିବେ କେମିତି : ଗୀତାରୁ ଶିକ୍ଷା



ନିରଞ୍ଜନ ସାହୁ

କଥାରେ ଅଛି, ଯାହା ନାହିଁ ଭାରତେ ତାହା ନାହିଁ ଭାରତେ-ଅର୍ଥାତ୍ ଏମିତି କିଛି କଥା ନାହିଁ ଯାହା ମହାଭାରତରେ ନାହିଁ। ଯେହେତୁ ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ମହାଭାରତର ଏକ ସଂକ୍ଷିପ୍ତ ସଂସ୍କରଣ, ସେଇ ଦୃଷ୍ଟିରୁ ମଣିଷର ଏପରି କିଛି ଆବଶ୍ୟକ ବସ୍ତୁ ନାହିଁ କହିଲେ ଚଳେ, ଯାହା ଗୀତାରେ ନାହିଁ।

ଦୁନିଆରେ ସବୁଠୁଁ କାଠିକର ପାଠ ହେଲା ମଣିଷକୁ ଚିହ୍ନିବା। ମଣିଷକୁ ଠିକ୍ ଭାବରେ ଚିହ୍ନି ନ ପାରିଲେ ସବୁ କାମ ବିଗିଡ଼ିଯାଏ- ଚିହ୍ନିବା ଅର୍ଥ ଖାଲି ବାହାରର ଭେକକୁ ଦେଖିବା ନୁହେଁ, ଅଭିନୟପ୍ରବଣ ମଣିଷ ନିଜକୁ ଏମିତି ପେସ୍ କରିପାରେ ଯେ ତାକୁ ଠିକଣା ଭାବରେ ବୁଝିବା କଷ୍ଟ। ଅଥଚ ଠିକ୍ ଲୋକ ପାଖରେ ପହଞ୍ଚି ନ ପାରିଲେ, ଠକ୍ ପାଖରେ ଅଜାଣତରେ ପହଞ୍ଚିଥାଉ ଆମେ; ଆଉ ଫଳ ହୁଏ ବିଫଳତା। ଷୋଡ଼ଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଲୋକମାନଙ୍କୁ ସେମାନଙ୍କ ଗୁଣଭେଦରେ ୨ ଭାଗରେ ବିଭକ୍ତ କରିଛନ୍ତି- କିଛି ଲୋକ ଅଛନ୍ତି, ଯେଉଁମାନେ ଦୈବୀଗୁଣସମ୍ପନ୍ନ ବା ଯାହାଙ୍କୁ ଆମେ କହିପାରିବା ସଦ୍‌ଗୁଣ ବିଶିଷ୍ଟ। ଆଉ ଯେଉଁମାନେ ରହିଲେ ସେମାନେ ହେଲେ ଅସୁର ଗୁଣ ସମ୍ପନ୍ନ, ଯେଉଁମାନେ ଅସଦ୍ ଗୁଣରେ ପରିପୂର୍ଣ୍ଣ। ଭଲ ଲୋକମାନେ ଯେଉଁ କାମରେ ଆଗ୍ରହ ଦେଖାନ୍ତି ସେଠାରୁ ଦୂରେଇ ରହନ୍ତି ତାଙ୍କର ପ୍ରତିପକ୍ଷମାନେ। ଏପରି ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ଭାଷାରେ ଓ କଣ୍ଠରେ କୁହାଯାଇଛି - ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ଯସ୍ୟାଂ ଜାଗ୍ରତି ଭୂତାନି, ସା ନିଶା ପଶ୍ୟ ତୋ ମୁନେଃ।

ଅର୍ଥାତ୍ ବିବେକୀ ପ୍ରାଣୀ ଓ ଅବିବେକୀ ପ୍ରାଣୀ ସମାନ ପରିସ୍ଥିତିକୁ ଭିନ୍ନ ଭାବରେ ଦେଖିଥାନ୍ତି। ଅବିବେକୀ ପ୍ରାଣୀମାନେ ଯେତେବେଳେ ଜାଗ୍ରତ ରହନ୍ତି ସେଇ ସମୟକୁ ବିବେକୀମାନେ ରାତ୍ରି ଭଳି ଦେଖନ୍ତି ଏବଂ ଅନୁରୂପ ଭାବରେ ବିବେକୀମାନଙ୍କର ଦିନ (ଜାଗ୍ରତ ରହିବାର ବେଳ) ହିଁ ଅବିବେକୀମାନଙ୍କ ପାଇଁ ରାତ୍ରି ପରି ବିଳାସମୟ ଏବଂ ଶୟନର ସମୟ। ଅବିବେକୀ ପ୍ରାଣୀମାନେ ଯେ ଖାଲି ତମେ ଆମେ ପରି ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର କରନ୍ତି ତା' ନୁହେଁ, ନବମ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି, ସେମାନେ ତାଙ୍କୁ ବି ସେଇଭଳି ଅବମୂଲ୍ୟାୟନ କରନ୍ତି ଏବଂ ଅବଜ୍ଞାସୂଚକ ବ୍ୟବହାର କରନ୍ତି। ଅର୍ଥାତ୍ ଅନ୍ୟକୁ ହୀନଦୃଷ୍ଟିରେ ଦେଖିବା, ଅନ୍ୟର ଅମର୍ଯ୍ୟାଦା କରିବା ଯେଉଁମାନଙ୍କର ଅସ୍ଥିମଜ୍ଜାଗତ ସେଇ ଲୋକମାନେ ପ୍ରକୃତରେ ଅମଣିଷ, ସେମାନଙ୍କଠାରେ ଆସୁରିକ ପ୍ରକୃତି ପ୍ରତିଫଳିତ ହୋଇଥାଏ। ସଦ୍‌ମଣିଷର ବହୁଗୁଣ ବଖାଣିଛନ୍ତି ଭଗବାନ ଶ୍ରୀକୃଷ୍ଣ; ମଣିଷର ଗୁଣଗୁଡ଼ିକ ତାଙ୍କର ଲକ୍ଷଣରୁ ହିଁ ଜଣାଯାଏ। ତାଙ୍କର କାମ ଭିତରୁ ବାରି ହୋଇପଡ଼େ ସେଇ ଲକ୍ଷଣ ସବୁ।




ଦୈବୀସମ୍ପନ୍ନ ବ୍ୟକ୍ତିମାନେ ଭୟଯୁକ୍ତ ହୋଇ ନ ଥାନ୍ତି, ମାତ୍ର ସେମାନେ ଅଯଥା ଦମ୍ଭ ଦେଖାନ୍ତି ନାହିଁ। ଜ୍ଞାନ ଓ ଯୋଗରେ ସେମାନଙ୍କର ନିଷ୍ଠା ଥାଏ। ସେମାନେ ସ୍ୱଅର୍ଜିତ ଧନରୁ କିଛି ସତ୍‌ପାତ୍ରରେ ଦାନକରନ୍ତି, ଇନ୍ଦ୍ରିୟମାନଙ୍କୁ ସଂଯମ କରନ୍ତି, ଆଧ୍ୟାତ୍ମିକ ପୁସ୍ତକ ଅଧ୍ୟୟନରେ ବ୍ରତୀ ରହନ୍ତି। ସବୁବେଳେ ସତ୍ ଚିନ୍ତାରେ ନିମଗ୍ନ ରହିବା ସହ ସରଳତା ସବୁବେଳେ ସେମାନଙ୍କଠାରେ ବାରି ହୋଇପଡ଼େ।

ସଦ୍‌ଗୁଣ ବିଶିଷ୍ଟ ମଣିଷମାନେ ହିଂସାରେ ବିଶ୍ୱାସ କରନ୍ତି ନାହିଁ। ସେମାନେ ସତ୍ୟର ଆଶ୍ରୟରେ ଥାଆନ୍ତି ଏବଂ କ୍ରୋଧଠାରୁ ନିଜକୁ ବିରତ ରଖନ୍ତି, ସେମାନେ କାହାରି ନିନ୍ଦା କରନ୍ତି ନାହିଁ ମାତ୍ର ସମସ୍ତଙ୍କ ପ୍ରତି ସହାନୁଭୂତି ପ୍ରକାଶ କରନ୍ତି। ସେମାନଙ୍କର ସ୍ୱଭାବରେ କୋମଳତା ଫୁଟିଉଠେ, ସେମାନେ ମନ୍ଦ କାମରେ ନିଜକୁ ନିୟୋଜିତ କରନ୍ତି ନାହିଁ। ସେମାନଙ୍କଠାରେ ଧୈର୍ଯ୍ୟ ଓ କ୍ଷମା ପରି ସଦ୍‌ଗୁଣଗୁଡ଼ିକର ବିକାଶ ଘଟିଥାଏ।

ଆସୁରିକ ଚରିତ୍ର ଓ ସ୍ୱଭାବସମ୍ପନ୍ନ ବ୍ୟକ୍ତିମାନଙ୍କର ସବିଶେଷ ବର୍ଣ୍ଣନା ମଧ୍ୟ ଷୋଡ଼ଶ ଅଧ୍ୟାୟରେ ରହିଛି। ସେମାନେ ନିଜର ବଡ଼ପଣିଆ ଦେଖେଇବାରେ ବ୍ୟଗ୍ର - ଟିକିଏ ଟିକିଏ କଥାରେ କ୍ରୋଧିତ ହୁଅନ୍ତି। ନିଷ୍ଠୁରତା ସେମାନଙ୍କ ପ୍ରତିଟି କର୍ମରୁ ବାରିହୋଇପଡ଼େ, ସେମାନେ ଆସୁରିକ ଭାବଯୁକ୍ତ ବୋଲି ଜାଣିବା ଭାରି ସହଜ। ଆସୁରିକ ପ୍ରକୃତିର ଲୋକମାନେ ଅଧର୍ମ କାମରେ ସବୁବେଳେ ବୁଡ଼ି ରହିଥାନ୍ତି ଏବଂ ତାଙ୍କ ଇଚ୍ଛା ଅନୁସାରେ ସଂସାରକୁ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି ତଥା ସବୁରି ମୂଳରେ କାମନା ଓ ବାସନା ବୋଲି ଘୋଷଣା କରନ୍ତି। ଏହି ଦୁଷ୍ଟଲୋକମାନେ ସବୁବେଳେ ଭଲଲୋକଙ୍କର ଶତ୍ରୁ ଭାବାପନ୍ନ ହୋଇଥାନ୍ତି ଏବଂ ଶାସ୍ତ୍ରରେ ଯେଉଁ ସତ୍‌କର୍ମର କଥା ସବୁ କୁହାଯାଇଛି ତାକୁ ଯତ୍ ପରୋନାସ୍ତି ବିରୋଧ କରନ୍ତି; ସେମାନଙ୍କ ମତରେ ଦୁନିଆ ହେଉଛି ଉପଭୋଗର ଏକମାତ୍ର ମାଧ୍ୟମ। ଏଥିପାଇଁ ସର୍ବଦା ବ୍ୟସ୍ତ ରହି ନିଜକୁ ନ୍ୟସ୍ତ କରିଥାନ୍ତି ସେମାନେ। ନିଜର ଧନ କିପରି ବୃଦ୍ଧିହେବ ସେଥିରେ ସେମାନେ ସବୁ ଶ୍ରମ ଓ ସମୟ ବିନିଯୋଗ କରନ୍ତି ଏବଂ ନିଜକୁ ସବୁଠାରୁ ସୁଖୀ ବଳବାନ ଏବଂ ନିଜ ଇଚ୍ଛାରେ ସବୁ ସମ୍ଭବ ବୋଲି ପ୍ରତିପାଦିତ କରିବାକୁ ଚାହାନ୍ତି। ନୀତିନିୟମ ବିବର୍ଜିତ ଏଇ ପାଷାଣ୍ଡମାନେ କାମନା ବାସନାରେ ପରିଚାଳିତ ହୋଇ ସବୁବେଳେ ନିଜର ଅହଂକାରକୁ ବଢ଼ାଇ ଚାଲନ୍ତି। ଏମାନଙ୍କୁ ଭଗବାନ ନରାଧମ ଆଖ୍ୟା ଦେଇ ପରଜନ୍ମରେ ଏମାନେ ବ୍ୟାଘ୍ର ବା ସର୍ପଜାତୀୟ ନିଚ ଯୋନିରେ ଜନ୍ମ ପାଆନ୍ତି ବୋଲି ପ୍ରକାଶ କରିଛନ୍ତି।

ଷଡ଼ରିପୁ ବୋଲି ଯାହାକୁ କୁହାଯାଏ ସେଗୁଡ଼ିକ ହେଲା କାମ, ଲୋଭ, କ୍ରୋଧ, ମୋହ, ମଦ ଏବଂ ମାତ୍ସର୍ଯ୍ୟ। ଏହାକୁ ସଂକ୍ଷିପ୍ତକରି ତିନୋଟି ମୁଖ୍ୟ ରିପୁ ଭାବରେ କହିଛନ୍ତି ଭଗବାନ ଯାହାକି ହେଉଛି ନରକର ଦ୍ୱାର। ତାହା ହେଲା କାମ, କ୍ରୋଧ ଏବଂ ଲୋଭ। ଏହି ଶତ୍ରୁମାନଙ୍କ ଦ୍ୱାରା ପରିଚାଳିତ ମଣିଷ ଅଧଃପତିତ ହେବାକୁ ବାଧ୍ୟ। ସପ୍ତଦଶ ଅଧ୍ୟାୟରେ ମଣିଷର ପ୍ରକୃତି ଉପରେ ଯେଉଁ ବର୍ଣ୍ଣନା କରାଯାଇଛି ତାହା ୩ପ୍ରକାର - ଯଥା ସତ୍ତ୍ୱ, ରଜ, ତମ। ଏହି ଭେଦରେ ମଣିଷମାନଙ୍କୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବରେ ବିଭକ୍ତ କରାଯାଏ। ପରୀକ୍ଷାରେ ଯେଉଁ ଫାଷ୍ଟ, ସେକେଣ୍ଡ ଓ ଥାର୍ଡ ଡିଭିଜନ ପରି ସଫଳତାର ତିନିସ୍ତର ଅଛି, ଯଦି ସତ୍ତ୍ୱ ରଜ ତମକୁ ତା'ର ସମତୁଲ ବୋଲି ଆପଣ ଆପେ ଆପେ ଭାବି ନିଅନ୍ତି ତା'ହେଲେ ଆପଣ ଏକ ପାଖାପାଖି ଆକଳନ କରୁଛନ୍ତି। ସାତ୍ତ୍ୱିକ ଲୋକେ ଦୈବୀ ଗୁଣ ସମ୍ପନ୍ନ ଏହା ସତ, ରାଜସିକ ଲୋକଙ୍କର କିଛି ଗୁଣ ଦେଶାଚାର ଦୃଷ୍ଟିରୁ ଗ୍ରହଣୀୟ ହୋଇପାରେ ମାତ୍ର ସେମାନେ ଫଳାକାଂକ୍ଷୀ, ସେମାନେ ଉଦ୍ଦେଶ୍ୟମୂଳକ ଭାବରେ ଯଜ୍ଞର ବିଧାନ କରନ୍ତି। ରାଜସିକ ବ୍ୟକ୍ତି ତପସ୍ୟା ବି କରିପାରନ୍ତି ମାତ୍ର ସେମାନଙ୍କର ଲକ୍ଷ୍ୟ ଥାଏ ପ୍ରଶଂସାପ୍ରାପ୍ତି ବା ପ୍ରତିଷ୍ଠା ଅର୍ଜନ। ନିଜକୁ ଗୌରବ ମଣ୍ଡିତ କରିବା ପାଇଁ ସେମାନେ ଦାନ କରନ୍ତି ମାତ୍ର ଉଦ୍ଦେଶ୍ୟ ପ୍ରଣୋଦିତ ସେହି ଦାନ ଉତ୍କୃଷ୍ଟ ଦାନ ପର୍ଯ୍ୟାୟଭୁକ୍ତ ନୁହେଁ, ଅର୍ଥାତ୍ କିଞ୍ଚିତ ରୂପେ ମଣିଷମାନଙ୍କର ପ୍ରକୃତି ଓ ଲକ୍ଷଣକୁ ଲକ୍ଷ୍ୟକରି ଏହି ଅଧ୍ୟାୟରେ ଉତ୍ତମ, ମଧ୍ୟମ ଓ ଅଧମକୁ ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ଚରିତ୍ରର ବ୍ୟକ୍ତି ଭାବରେ ଅଭିହିତ କରାଯାଇଛି।

ଏହି ଲକ୍ଷଣଗୁଡ଼ିକର ସମ୍ୟକ୍ ଅନୁଧ୍ୟାନ ଓ ଅଧ୍ୟୟନରୁ କିଏ ଲୋକ କେଉଁ ପରି ଆମେ ଜାଣିପାରିବା- ସତ୍ ଲୋକଙ୍କର ବନ୍ଧୁତା ଓ ସାନ୍ନିଧ୍ୟ ପାଇଲେ ଜୀବନ ଧନ୍ୟ ହୁଏ, ସେମାନେ ଆପଣଙ୍କର ଭଲ ମନ୍ଦ ଉଭୟରେ ସାଥୀ ହୋଇଥାନ୍ତି। ମାତ୍ର ଆସୁରିକ ଚରିତ୍ରର ବ୍ୟକ୍ତିମାନେ ଆପଣଙ୍କଠାରେ କିଛି ଲାଭ ହେବାର ନାହିଁ ଠଉରେଇଲା ମାତ୍ରେ ଆପଣଙ୍କ ଠାରୁ ଦୂରେଇ ଯାଆନ୍ତି, ଯିଏ ଦୁଷ୍ଟ ବ୍ୟକ୍ତିଙ୍କ ସହ ମିତ୍ରତା କରନ୍ତି ତାଙ୍କର ନିଧନ ଅବଶ୍ୟମ୍ଭାବୀ। ଅତଏବ ସଂସାରୀମାନଙ୍କ ପାଇଁ ଗୀତାର ଏଇ ଶିକ୍ଷା ଅତ୍ୟନ୍ତ ଉପଯୋଗୀ ଏବଂ ଜୀବନର ମାର୍ଗ ଉନ୍ମୁକ୍ତ କଲା ପରି।

ଭାରତୀୟ ପ୍ରଶାସନିକ ସେବାର
ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧

# ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଲୋଡ଼ା



ସୁଧାଂଶୁ ରଞ୍ଜନ ଦାସ

ସାରା ଜଗତର ପାଳନକର୍ତ୍ତା ପ୍ରଭୁ ଜଗନ୍ନାଥ ଓଡ଼ିଶାରେ କୋଉ ଆଦିମ କାଳରୁ ପୂଜା ପାଇଆସୁଛନ୍ତି। ବାର ଶହ ଶତାବ୍ଦୀରେ ନିର୍ମିତ ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିବେଶ ଭାରତ ଓ ଭାରତ ବାହାରେ ଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥାଏ। ଆଜି ପ୍ରତ୍ୟେକ ଭାରତୀୟ ଜଗନ୍ନାଥଙ୍କୁ ଜୀବନରେ ଥରେ ଦର୍ଶନ କରିବା ପାଇଁ ଅଭିଳାଷ ରଖିଥା'ନ୍ତି। ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତିର ଆଧ୍ୟାତ୍ମିକ ବିକାଶ, ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ, ନୌବାଣିଜ୍ୟ, ଓଡ଼ିଶାର ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ ଯୁଗ ଯୁଗ ଧରି ପ୍ରେରଣା ଦେଇ ଆସିଛି। ଓଡ଼ିଶୀ ଚିତ୍ର ଓ ନୃତ୍ୟ ଜଗନ୍ନାଥଙ୍କର ଅତି ପ୍ରିୟ ବସ୍ତୁ ମଧ୍ୟରେ ଗଣାଯାଏ। ଆଜି ଓଡ଼ିଶୀ ନୃତ୍ୟ ପରମ୍ପରା, ଗୋଟିପୁଅ ନୃତ୍ୟ ଓ ଓଡ଼ିଶୀ ଚିତ୍ରକଳା ପୁରୀରୁ ପ୍ରାୟ ଲୋପ ପାଇବାକୁ ବସିଲାଣି। ଓଡ଼ିଶାର ଚିତ୍ର ଶିଳ୍ପୀମାନେ ପୁରୀ ମନ୍ଦିରରେ ଥିବା ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ହୋଇଥିବା ଉଚ୍ଚକୋଟୀର ଓଡ଼ିଶୀ ଚିତ୍ରକୁ ନିରୀକ୍ଷଣ କରି ଏହାକୁ ବିଭିନ୍ନ ଗ୍ରେଡ୍ ମାଧ୍ୟମରେ ପୁନଃ ପ୍ରସ୍ତୁତ କରିଥାନ୍ତି। ଆଜି ଏହି ବିଶ୍ୱପ୍ରସିଦ୍ଧ ଓଡ଼ିଶୀ ଚିତ୍ରକୁ ମନ୍ଦିର କାନ୍ଥରେ ଆଉ ଦେଖିବାକୁ ମିଳୁନାହିଁ। ଏହି ଚିତ୍ରଗୁଡ଼ିକୁ ଅଭିଜ୍ଞ ଚିତ୍ରଶିଳ୍ପୀଙ୍କ ଦ୍ୱାରା ପ୍ରାକୃତିକ ରଙ୍ଗର ବ୍ୟବହାର କରି ମରାମତି କରାଯାଇପାରିଥାନ୍ତା। ଆଜି ଅନେକ କୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ପୂର୍ବରୁ ହୋଇଥିବା ଏହି ଓଡ଼ିଶୀଚିତ୍ରକୁ ତିଆରି କରିବା କଷ୍ଟକର।

ମନ୍ଦିର ପାଦଦେଶରେ ହୋଇଥିବା ଅତି ସୂକ୍ଷ୍ମ ପୌରାଣିକ, ସାମାଜିକ, ସାମରିକ, ପାରିବାରିକ ଓ ସାଂସ୍କୃତିକ ବିଷୟବସ୍ତୁଗୁଡ଼ିକ ଦୁଇ ଇଞ୍ଚରୁ ଛ' ଇଞ୍ଚ ଉଚ୍ଚତା ଭିତରେ ଅତି ନିଖୁଣ ଭାବରେ ପଥର କାନ୍ଥରେ ଖୋଦେଇ କରାଯାଇଛି। ଅଦ୍ଭୁତ ଓ ଅନନ୍ୟ ଏହି ଉତ୍କଳୀୟ ଶିଳ୍ପୀ ପରମ୍ପରା। ମନ୍ଦିର ପାଦଦେଶରେ ହୋଇଥିବା ଅତି ଛୋଟ ଛୋଟ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡ଼ିକର ଆକାର ମନ୍ଦିରର ଉପରକୁ ଉପରକୁ ଆକାରରେ ବଡ଼ ହେଉଥିବାର ଦେଖିବାକୁ ମିଳୁଛି। ଦେବ, ଦେବୀ, ମନୁଷ୍ୟ, ସାମାଜିକ, ସାଂସ୍କୃତିକ, ସମର ଅଭିଯାନ, ରାଜକାର୍ଯ୍ୟ, ପୂଜା ପଦ୍ଧତି, ରୀତି, ନୀତି, ପୁଷ୍ପ, ଲତା, ଗଛ, ପଶୁ, ପକ୍ଷୀ, ବିଭିନ୍ନ ପ୍ରକାରର ବସ୍ତ୍ର, ଅଳଙ୍କାର ଓ ଉପାସନା ପଦ୍ଧତି ଇତ୍ୟାଦି ସତେ ଯେପରି ଜୀବିତ ଅଛନ୍ତି। ପୁରୀ ଜଗନ୍ନାଥ ମନ୍ଦିର କେବଳ ଜଗନ୍ନାଥ କିମ୍ବା କଳ୍କି ଅବତାରଙ୍କ ଆବାସ ସ୍ଥଳୀ ନୁହେଁ। ଏହା ପ୍ରାଚୀନ ଉତ୍କଳୀୟମାନଙ୍କର ଉନ୍ନତ ସାମାଜିକ, ସାଂସ୍କୃତିକ, ସାମରିକ, ଅର୍ଥନୈତିକ ଓ ପାରିବାରିକ ଜୀବନର ଏକ ପ୍ରତିବିମ୍ବ। ଦୁଃଖର କଥା, ଏହି ବିଶ୍ୱପ୍ରସିଦ୍ଧ କାରୁକାର୍ଯ୍ୟ ଆଉ ସୁରକ୍ଷିତ ଲାଗୁନାହିଁ। ଅନେକ ଜାଗାରେ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର କାନ୍ଥଗୁଡ଼ିକ ସିମେଣ୍ଟ ପଲସ୍ତରା ହେଲା ଭଳି ଦେଖାଯାଉଛି। ମହାଲକ୍ଷ୍ମୀ ମନ୍ଦିର କାନ୍ଥରେ ଲଗାଯାଇଥିବା କେତୋଟି ନିମ୍ନମାନର ନୂତନ ମୂର୍ତ୍ତି ମନ୍ଦିରର ଶୋଭାକୁ ନଷ୍ଟ କରିଦେଲା ଭଳି ଲାଗେ। ଓଡ଼ିଶା ସରକାର ତୁରନ୍ତ ଅଭିଜ୍ଞ ପ୍ରତ୍ନତତ୍ତ୍ୱବିତ୍ ଓ ଗବେଷକଙ୍କ ଦ୍ୱାରା ଏହାର ସମ୍ପୂର୍ଣ୍ଣ ଯାଞ୍ଚ କରିବା ଦରକାର। କୌଣସି ବିଶେଷ କାରଣରୁ



ମନ୍ଦିର ବାହାରକୁ ସ୍ଥାନାନ୍ତରିତ ହୋଇଥିବା ମୂର୍ତ୍ତି କିମ୍ବା କାରୁକାର୍ଯ୍ୟପୂର୍ଣ୍ଣ ପ୍ୟାନେଲଗୁଡ଼ିକ ତୁରନ୍ତ ପୁନଃ ସ୍ଥାପନ କରାଯିବା ଦରକାର। ପୁରୀ ଜଗନ୍ନାଥ ମନ୍ଦିରର ପ୍ରକୃତ ରକ୍ଷକ ହେଲେ ଜଗନ୍ନାଥଙ୍କ ସେବକମାନେ। ଆଜି ମଧ୍ୟ ଜଗନ୍ନାଥ ମନ୍ଦିରରେ ଅନେକ ବରିଷ୍ଠ, ନିଷ୍ଠାପର ଓ ସଚ୍ଚୋଟ ସେବକ ଶ୍ରୀମନ୍ଦିରର ପ୍ରତିଷ୍ଠା ଓ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିଛନ୍ତି। ଯୁବପିଢ଼ି ଏହି ବରିଷ୍ଠ ଓ ନିଷ୍ଠାପର ସେବକମାନଙ୍କ ମାର୍ଗ ଦର୍ଶନରେ ପରିଚାଳିତ ହେଲେ ପୁରୀର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପରିବେଶରେ ଅନେକ ସୁଧାର ହେବ। ଏହା ପୁରୀର ସ୍ଥାୟୀ ବାସିନ୍ଦାଙ୍କ ପାଇଁ ଅନେକ ରୋଜଗାର ସୃଷ୍ଟି କରିବ। ସ୍ଥାୟୀ ବାସିନ୍ଦାମାନେ ପୁରୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ଓ ଜଗନ୍ନାଥଙ୍କ ସୁରକ୍ଷା ପାଇଁ ଯୁଗ ଯୁଗ ଧରି ଅନେକ ବଳିଦାନ ଦେଇଆସିଛନ୍ତି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ପୁରୀରେ ଥିବା ଜାଗା ଘର, ଓଡ଼ିଶୀ ଚିତ୍ର ଓ ନୃତ୍ୟ ପରମ୍ପରା, ପଥର କାମ, ଖଡ଼ିପଥର କାମ ଓ ସୋଲ କାମ ପରମ୍ପରା ଇତ୍ୟାଦି ସକ୍ରିୟ ହେବା ଦରକାର।

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରି ଜଗନ୍ନାଥ ମନ୍ଦିରରେ ଭି.ଆଇ.ପି. ସଂସ୍କୃତି ନ ଥିଲା। ଏହି ବିଶେଷ ଭି.ଆଇ.ପି. ସୁବିଧାର ଫାଇଦା ଅନେକ ଅଣ-ଭି.ଆଇ.ପି. ମଧ୍ୟ ଉଠାଉଛନ୍ତି। ସରକାର ଓ ମନ୍ଦିର କର୍ତ୍ତୃପକ୍ଷ ଏହି ସୁବିଧାକୁ ତୁରନ୍ତ ରଦ୍ଦ କରିଦେବା ଉଚିତ। କାରଣ ଏହି ଭି.ଆଇ.ପି. ସୁବିଧା ଯୁଗ ଯୁଗରୁ ଗଢ଼ି ଆସୁଥିବା ଜଗନ୍ନାଥ ସଂସ୍କୃତିର ସମାନତା, ଭାବ ଓ ଭକ୍ତି ପରିବେଶକୁ ନଷ୍ଟ କରିଦେଲା ଭଳି ଲାଗେ। ପ୍ରକୃତ ଭକ୍ତି ଥିଲେ ଭି.ଆଇ.ପି. ଭକ୍ତ ପ୍ରାତଃ କାଳ କିମ୍ବା ରାତି ୯ଟା ପରେ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ। ତୀର୍ଥକ୍ଷେତ୍ର ପୁରୀକୁ ବ୍ୟବସାୟୀକରଣ କରା ନ ଯାଇ ଏହି ସହରର ଆର୍ଥିକ ଗତିବିଧିକୁ ସୁରକ୍ଷିତ ରଖାଯାଇପାରିବ। କାରଣ ଅତ୍ୟଧିକ ବ୍ୟବସାୟୀକରଣ ଅନେକ ସୂକ୍ଷ୍ମ ଆର୍ଥିକ ଗତିବିଧିକୁ ନଷ୍ଟ କରିଦେଇଥାଏ। ଏହା ଲୋଭରେ ପଡ଼ି ସୁନାଅଣ୍ଡା ଦେଉଥିବା କୁକୁଡ଼ାକୁ ମାରିଦେଲା ପରି ହୋଇଥାଏ।

ପୁରୀରେ ତିଆରି ହେଉଥିବା ବିଭିନ୍ନ କିସମ ମିଠାଗୁଡ଼ିକର ଗୁଣବତ୍ତା, ସହରର ସ୍ୱଚ୍ଛତା, ଆଧ୍ୟାତ୍ମିକ ପରିବେଶ, ହସ୍ତଶିଳ୍ପ ପରମ୍ପରା ଓ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ସ୍ଥାନୀୟ ଲୋକଙ୍କ ପାଇଁ ଅନେକ ରୋଜଗାର ସୃଷ୍ଟି କରିବ। କେତେଜଣ ଏଜେଣ୍ଟ ଯାତ୍ରୀମାନଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଉଥିବାର ଦେଖିବାକୁ ମିଳୁଛି। ମନ୍ଦିର ଦ୍ୱାରଗୁଡ଼ିକରେ ଉତ୍ତମ ପୋଲିସ କର୍ମଚାରୀ ମୁତୟନ କରାଗଲେ ଏହି ପ୍ରକ୍ରିୟା ବନ୍ଦ ହୋଇପାରିବ। ମନ୍ଦିର ପ୍ରଶାସନ ପୁରୀର ସ୍ଥାନୀୟ ଲୋକଙ୍କୁ ପ୍ରବେଶ ପାସ ବିତରଣ କଲେ ସେମାନେ ଏକ ନିର୍ଦ୍ଦିଷ୍ଟ ସମୟରେ ଉତ୍ତର, ଦକ୍ଷିଣ କିମ୍ବା ପଶ୍ଚିମ ଦ୍ୱାର ବାଟେ ଯାଇ ଜଗନ୍ନାଥ ଦର୍ଶନ କରିପାରିବେ। ପର୍ବପର୍ବାଣି ଦିନଗୁଡ଼ିକରେ ମନ୍ଦିରରେ ଧାଡ଼ି ଦର୍ଶନର ବ୍ୟବସ୍ଥା କରାଯାଇ ପାରିବ। ମନ୍ଦିର ଭିତରେ ଓ ବାହାରେ ଯେପରି କୌଣସି ଶ୍ରଦ୍ଧାଳୁ ଦୁର୍ବ୍ୟବହାରର ଶିକାର ନ ହୁଅନ୍ତି, ସେଥିପାଇଁ ପ୍ରଶାସନ କଡ଼ା ନଜର ରଖିବା ଉଚିତ। ପ୍ରଭୁ ଜଗନ୍ନାଥ ଓ ଶ୍ରୀମନ୍ଦିରର ପ୍ରତିଷ୍ଠା ଓଡ଼ିଶା ତଥା ଓଡ଼ିଶା ବାହାରେ ଯେପରି ଅକ୍ଷୁଣ୍ଣ ରହେ, ସେଥିପାଇଁ ସମସ୍ତ ପଦକ୍ଷେପ ନେବା ଉଚିତ। ଜଗନ୍ନାଥଙ୍କ ବରିଷ୍ଠ ସେବକମାନେ, ମନ୍ଦିର ପ୍ରଶାସନ, ପୁରୀର ସ୍ଥାୟୀ ବାସିନ୍ଦା, ବୁଦ୍ଧିଜୀବୀ, ସରକାର, ସାହି ମୁରବି ଓ ଧାର୍ମିକ ସଂସ୍ଥାମାନେ ଏକଜୁଟ ହୋଇ ଜଗନ୍ନାଥ ସଂସ୍କୃତିର ସୁରକ୍ଷା କରିବା ନିହାତି ଦରକାର। କାରଣ ଏହି ସଂସ୍କୃତିର ଅବକ୍ଷୟ ହେଲେ ଏହା କେବଳ ପୁରୀ ନୁହେଁ, ସାରା ଓଡ଼ିଶାକୁ ପ୍ରାଣଶୂନ୍ୟ କରିଦେବ।

ମୋ:୭୭୦୨୩୮୩୮୮୦

## ଏଇ ଭାରତରେ

ଝିଅମାନଙ୍କୁ ରାସ୍ତାରେ ବୁଲେଟ୍ ଚଳାଇବାର ପ୍ରାୟତଃ କେହି ଦେଖି ନ ଥିବେ। ହେଲେ ମଧ୍ୟପ୍ରଦେଶର ଜବଲପୁରରେ ଏମିତି କିଛି ଦେଖିବା ନୂଆ କଥା ନୁହେଁ। ଝିଅମାନେ ବି ଏଠି ବୁଲେଟ୍ ଓ ବାଇକ୍ ଚଢ଼ି ଯିବାଆସିବାର ଅଭ୍ୟାସ ଚଳାଇଛନ୍ତି। ତେବେ ଯୁବତୀମାନଙ୍କୁ ଏହି ତାଲିମ ଦେଉଛନ୍ତି ସହରର ଦୁଇ ଯୁବତୀ ଶ୍ୱେତା ଦୁବେ ଓ ନୁପୂର ପଟେଲ। ଏହି ଦୁଇଜଣ ହେଉଛନ୍ତି ଦୁଇ ଘନିଷ୍ଠ ବାନ୍ଧବୀ। ଉଭୟ ମାଗଣାରେ ସହରର ସମସ୍ତ ମହିଳାଙ୍କୁ ବାଇକ୍ ଚଳାଇବା ତାଲିମ ଦେଉଛନ୍ତି। ସେମାନଙ୍କର ଏଭଳି କରିବା ପଛରେ ଏକମାତ୍ର ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଓ ସେମାନଙ୍କୁ ସଶକ୍ତ କରିବା। କାରଣ ମହିଳାମାନେ ପ୍ରାୟତଃ ସ୍କୁଟି ଭଳି ଗିୟର ନ ଥିବା ଗାଡ଼ି ଚଲାଇଥାନ୍ତି। ଏଥିପାଇଁ ସେମାନେ କାର୍ ଶିଖିବା ସମୟରେ ଅଧିକ ଭୟଭୀତ ହୋଇଥାନ୍ତି। ସେମାନଙ୍କର ଏହି ଅସୁବିଧା ଦୂର କରି ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଉଭୟ ଏଭଳି ଏକ କାମ ହାତକୁ ନେଇଛନ୍ତି। ପ୍ରଥମେ ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଥିଲେ। ତା'ପରେ ବହୁସଂଖ୍ୟାରେ ମହିଳା ବାଇକ୍ ଶିଖିବା ପାଇଁ ଆଗ୍ରହ ଦେଖାଇଥିଲେ। ଏବେ ସମସ୍ତଙ୍କୁ ମାଗଣାରେ ସେମାନେ ଏହି ତାଲିମ ଦେଉଛନ୍ତି। ଝିଅମାନେ ବି ପୁଅମାନଙ୍କ ଭଳି ସବୁ କରିବା ପାଇଁ ସକ୍ଷମ। ଏହି ନାରା ଦେଇ ସେମାନେ ସବୁ ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି କାମ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଜୁନ୍ ୧୯୭୬

- ମହାରାଷ୍ଟ୍ରର ବିଧାନ ପରିଷଦ ପାଇଁ ସ୍ୱାୟତ୍ତ ସଂସ୍ଥା ସମୂହର ନିର୍ବାଚନ ମଣ୍ଡଳୀରୁ ହୋଇଥିବା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ।
- ଭାରତରେ ୩୨ ଲକ୍ଷ କୁଷ୍ଠରୋଗୀ ଥିବା ନେଇ ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ ମନ୍ତ୍ରୀ କରଣ ସିଂ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି ?
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାଂଲାଦେଶ ସହ ସମ୍ପର୍କ ଛିନ୍ନ ହେଉ

ମହାଶୟ,

ଭାରତ-ପାକିସ୍ତାନ ମଧ୍ୟରେ ଉପୁଜିଥିବା ଉତ୍ତେଜନା ପରିପ୍ରେକ୍ଷୀରେ ବାଂଲାଦେଶର ପରୋକ୍ଷ ଶତ୍ରୁତା ଦେଖାଦେଇଛି, ଯାହା ପାକିସ୍ତାନକୁ ଅଧିକ ସହାୟତା କରିବ। ଏଥିପାଇଁ ଦେଶରୁ ବେଆଇନ ଭାବେ ପ୍ରବେଶ କରିଥିବା ବାଂଲାଦେଶୀ ନାଗରିକଙ୍କୁ ରଖା ନ ଯାଇ। ବାରମ୍ବାର ପାକିସ୍ତାନର ବର୍ବରକାଣ୍ଡ ସୀମା ଉଲ୍ଲଂଘନ କରୁଛି। ଏପରିକି ନିର୍ଦ୍ଦୋଷ ତୀର୍ଥଯାତ୍ରୀଙ୍କୁ ନିର୍ମମ ହତ୍ୟା ଅତ୍ୟନ୍ତ ହୃଦୟବିଦାରକ। ତା'ଛଡ଼ା ଯୁଦ୍ଧବିରତି ପରେ ବି ଭାରତ ଉପରେ ଆକ୍ରମଣ କରିବାକୁ ପଛାଉନାହିଁ।

-ରମେଶଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଶର ମହାନ୍ତି ପାଇଥିଲେ ଅଣସର ତାଟି ଭିତର ସେବା

ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନିଅନ୍ତି। ଏହି ସମୟରେ ଦଇତାପତି ସେବକ ଓ ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଗୁପ୍ତଲୀଳା ସମ୍ପାଦନ କରିଥାନ୍ତି। ଏନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଅଣସର ଲୀଳାରେ ରହିଛି ଅନେକ ଭିତିରି ରହସ୍ୟ। ଏହି ରହସ୍ୟକୁ ଆଲୋଚନା କରିବା ପାଇଁ ଶାସ୍ତ୍ର ବାରଣ କରିଛି। ଅଣସର ବିଧିର ଭିତିରି ରହସ୍ୟ ପରି ବାହାର ରହସ୍ୟ ମଧ୍ୟ ରହିଛି। ଏହାକୁ ବାହାର ଲୀଳା କହିପାରିବା। ମହାପ୍ରଭୁଙ୍କ ଅଣସର ପିଣ୍ଡିର ଶେଷ ସୀମାରୁ ଏହି ଲୀଳା ଆରମ୍ଭ ହୁଏ। ଅଣସର ପିଣ୍ଡି ଚାରିପଟେ ବାଉଁଶ ତାଟି ଘେରାଯାଇ ଆବଦ୍ଧ କରିଦିଆଯିବା ପରେ ବାହାରପଟେ ବଡ଼ ଖଟଟିଏ ପଡ଼େ। ସେଥିରେ ମହାପ୍ରଭୁଙ୍କ ପ୍ରତିନିଧି ଶ୍ରୀରାମ, ଶ୍ରୀନୃସିଂହ, ଶ୍ରୀକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶ୍ରୀମଦନମୋହନ ଓ ଶ୍ରୀଦୋଳଗୋବିନ୍ଦ ବିଜେ କରନ୍ତି। ଏମାନଙ୍କ ସହିତ ତାଟିରେ ପୂଜିତ ହୁଅନ୍ତି ତିନି ପଟିଦିଅଁ ଶ୍ରୀଅନନ୍ତବାସୁଦେବ, ମା' ଭୁବନେଶ୍ୱରୀ ଏବଂ ଶ୍ରୀଅନନ୍ତନାରାୟଣ। ଏହି ଦଶଠାକୁରଙ୍କୁ ଅଣସର ସମୟର 'ଦଶାବତାର ଦିଅଁ' ବୋଲି କୁହାଯାଏ। ତାଙ୍କ ସମ୍ମୁଖରେ ମହାପ୍ରଭୁଙ୍କର ପ୍ରତିଦିନର ନୀତି ସମ୍ପନ୍ନ ହୋଇଥାଏ। ଅପରପକ୍ଷରେ ଭିତର ଅଣସରପିଣ୍ଡିରେ ଦାରୁଦିଅଁଙ୍କ ଗୁପ୍ତଲୀଳା ଚାଲିଥାଏ। ସେଠାରେ ଆଠଟି ନିଷିଦ୍ଧ ନିୟମ ରହିଛି। ସେହି ନିଷିଦ୍ଧ ନିୟମଗୁଡ଼ିକ ହେଲା- ଅଣସର ଗୃହକୁ ଦଇତା ଓ ପତିମହାପାତ୍ର ସେବକ ବ୍ୟତୀତ ଅନ୍ୟ ସେବକ ଯାଇପାରିବେ ନାହିଁ। ଅଣସର ଘରେ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଇପାରିବ ନାହିଁ। ଅଣସର ପିଣ୍ଡିରେ ଜନପଦୀୟ ପରମ୍ପରା ଅନୁଯାୟୀ ଧଳା ଫୁଲ ବ୍ୟତୀତ ଅନ୍ୟ କୌଣସି ଫୁଲ ପ୍ରବେଶ କରିପାରିବ ନାହିଁ। ଅଣସର ଗୃହରେ ବ୍ୟବହାର କରାଯାଇଥିବା ଉକ୍ତ ଫୁଲ ମଧ୍ୟ ବେହରଣ ଦ୍ୱାର ଦେଇ ବାହାରକୁ



ଆସିବ ନାହିଁ। ଏହି ସମୟରେ ଦାରୁଦିଅଁଙ୍କୁ କୌଣସି ପ୍ରକାର ରନ୍ଧା ଭୋଗ ଅର୍ପଣ କରାଯାଇପାରିବ ନାହିଁ। ଅଣସର ସମୟରେ ପଣା ଓ ଚକଟା ଭୋଗ ସମର୍ପଣ ହୋଇଥାଏ। ଏଥିସହ ପଣସ, ଆମ୍ବ, ସପୁରି ଆଦି କେତେକ ନିର୍ଦ୍ଦିଷ୍ଟ ଫଳ ସମର୍ପଣର ବିଧି ରହିଛି। ସେହି ପରିସର ମଧ୍ୟରେ ବ୍ୟବହାର ହୋଇଥିବା ଫଳର ଚୋପା ମଧ୍ୟ ବାହାରକୁ ଆସିବ ନାହିଁ। ଅଣସର ଘରକୁ ସେବା ଉଦ୍ଦେଶ୍ୟରେ ଯେଉଁ ସେବକ ପ୍ରବେଶ କରନ୍ତି, ସେମାନେ ଦାରୁଦିଅଁଙ୍କୁ ସମର୍ପିତ ହୋଇଥିବା ପ୍ରସାଦ ଗ୍ରହଣ କରିଥାନ୍ତି। ଏହି ପ୍ରସାଦକୁ ଅଣସର ଘରେ ସେବା କରିଥାନ୍ତି। ସେଥିପାଇଁ ଯେଉଁ ପତ୍ର ଏବଂ ପାତ୍ର ବ୍ୟବହାର କରାଯାଏ, ତାହା ମଧ୍ୟ ଅଣସର ଗୃହ ବାହାରକୁ ଅଣାଯିବ ନାହିଁ। ଅଣସର ଶେଷ ପର୍ଯ୍ୟନ୍ତ ସମସ୍ତ ଉଗୁରା ଫୁଲ, ଫଳ, ଚୋପା ଓ ଖାଦ୍ୟ ସେବନ କରିଥିବା ପତ୍ର ସେହି ଗୃହର ଏକ କୋଣରେ ରଖାଯିବ। ଏହାକୁ ଜ୍ରୁଣ କୁହାଯାଏ।

ଅଣସର ଗୃହରେ ଭୋଗ ସମର୍ପଣ ବେଳେ କୌଣସି ପ୍ରକାର ଘଣ୍ଟଘଣ୍ଟି ବାଜିବ ନାହିଁ। ବିଭିନ୍ନ ଶାସ୍ତ୍ରର ନିୟମ ଅନୁଯାୟୀ କୌଣସି ଶବ୍ଦ କରାଯିବ ନାହିଁ। ଏପରିକି ବଡ଼ପାଟିରେ କଥାବାର୍ତ୍ତା କରାଯିବ ନାହିଁ। ମହାପ୍ରଭୁଙ୍କ ଅଣସର ଲୀଳାରେ ମୁଖ୍ୟତଃ ଆଠଟି ନିଷିଦ୍ଧ ନୀତି ପଛରେ ଅନେକ ରହସ୍ୟ ନିହିତ ରହିଛି। ଏହି ରହସ୍ୟଗୁଡ଼ିକ ଆଲୋଚନା ସାପେକ୍ଷ ନୁହେଁ। ମହାପ୍ରଭୁଙ୍କ ଆବିର୍ଭାବ କାଳରେ ଶାସ୍ତ୍ରଗୁଡ଼ିକରେ ଯେଉଁ ପାଳନ ବିଧିଗୁଡ଼ିକ ନିର୍ଦ୍ଦେଶ ଦିଆଯାଇଥିଲା, ତାହା ମଧ୍ୟ ଅଣସର ଲୀଳାରେ ଅନୁସୃତ ହେଉଛି। ଏହି ସେବା ସମ୍ପୂର୍ଣ୍ଣ ଗୋପନୀୟ ହୋଇଥିବାରୁ ୧୫୭୫ ମସିହା ନବକଳେବର ବେଳେ ମହାପ୍ରଭୁଙ୍କ ପରମ ଭକ୍ତ ବିଶର ମହାନ୍ତିଙ୍କୁ ଅଣସର ତାଟି ଭିତର ସେବା ଦିଆଯାଇଥିଲା ବୋଲି ମାଦଳାପାଞ୍ଜିରେ ବର୍ଣ୍ଣିତ ରହିଛି। ଅଣସର ତାଟି ଭିତର ସେବା କହିଲେ ମହାପ୍ରଭୁଙ୍କ ଅଣସର ପିଣ୍ଡିରେ ହେଉଥିବା ସେବାକୁ ବୁଝାଏ। ଭୋଇବଂଶର ପ୍ରଥମ ରାମଚନ୍ଦ୍ର ଦେବ ଏହି 'ଭିତରସେବା' ନିମନ୍ତେ ବିଶରଙ୍କ ମୁଣ୍ଡରେ ଶାଢ଼ି ବାନ୍ଧିଥିବାର ଉଲ୍ଲେଖ ରହିଛି। ସେ ଗଙ୍ଗା କୂଳରୁ ଶ୍ରୀବିଗ୍ରହମାନଙ୍କର 'ବ୍ରହ୍ମ ପଦାର୍ଥ'ଙ୍କୁ ମୃଦଙ୍ଗ ଭିତରେ ଆଣି ଗଡ଼କୁଜଙ୍ଗରେ ରଖିଥିଲେ। ସେହିଦିନଠାରୁ ସେ ଜାତିର କେବଳ ଯେ ପ୍ରାତଃସ୍ମରଣୀୟ ହୋଇଗଲେ ତାହା ନୁହେଁ, ବରଂ ବିଶ୍ୱାସବୋଧର ପ୍ରତୀକ ରୂପେ ଗଜପତି ତାଙ୍କୁ ସର୍ବମାନ୍ୟ ସମ୍ମାନ ଦେଲେ। ଅଣସେବକ ହୋଇ ଓ ଆଠଟି ନିଷିଦ୍ଧ ନିୟମ ଥାଇ ମଧ୍ୟ ଦାରୁବ୍ରହ୍ମଙ୍କ ଅତ୍ୟନ୍ତ ଗୁପ୍ତଲୀଳା ଅଣସର ସେବାର ଅଧିକାର ତାଙ୍କୁ ଦେଇଥିଲେ।

ପ୍ରସ୍ତୁତି: **ଅଜିତ୍ କୁମାର ମହାନ୍ତି,** ପୁରୀ

# ନଦୀକୁ ମାଛ ଧରିବାକୁ ଯାଇ ନାବାଳିକା ନାବାଳକ ମୃତ

**ନନ୍ଦପୁର,୧୫।୬(ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଜୋଲାପୁଟ ଜଳଭଣ୍ଡାର ଦଳେଇପୁଟ ଘାଟରୁ ନାବାଳିକା ଓ ନାବାଳକଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ମୃତକ ହେଲେ ଅତଣ୍ଡା ପଞ୍ଚାୟତ ବନୁର ଗ୍ରାମର ପୁଷ୍ପା ବୈରାଗୀ(୧୫) ଓ ଦେବେନ୍ଦ୍ର କିର୍ଷାନୀ(୧୭)। ଏନେଇ ଉଭୟ ମୃତକଙ୍କ ବାପା ଶିବ ବୈରାଗୀ ଓ ଲକି କିର୍ଷାନୀ ପାଡୁଆ ଥାନାରେ ଅଭିଯୋଗ କରିଥିଲେ।

ଏତଲା ଅନୁଯାୟୀ, ରବିବାର ସକାଳୁ ପୁଷ୍ପା ଓ ଦେବେନ୍ଦ୍ର ଜୋଲାପୁଟ ଜଳଭଣ୍ଡାର ଦଳେଇପୁଟ ଘାଟ ପାତାଳୀ ନଦୀକୁ ମାଛ ଧରିବାକୁ ଯାଇଥିଲେ। ସେଠାରେ ପୁଷ୍ପାଙ୍କ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ଦେବେନ୍ଦ୍ର ତାଙ୍କୁ ଉଦ୍ଧାର କରିବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। କେତେକ ଲୋକ ନଦୀ ଘାଟରେ ମୋବାଇଲ ପଡ଼ିଥିବା

## ଜୋଲାପୁଟ ଜଳଭଣ୍ଡାରରୁ ୨ ମୃତଦେହ ଉଦ୍ଧାର

ଦେଖି ବୁଡ଼ି ଯାଇଥିବା ସନ୍ଦେହ କରି ସେମାନଙ୍କ ପରିବାରଙ୍କୁ ସୂଚନା ଦେଇଥିଲେ। ପରେ ପାଡୁଆ ପୋଲିସ ଓ ନନ୍ଦପୁର ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବାହିନୀ ଓଆଇସି ହେମନ୍ତ କୁମାର ସାମଲ, ଗାଡ଼ିଚାଳକ ଦିଲେଶ୍ୱର ସେଠିଆ, ଫାୟାରମ୍ୟାନ୍ ପ୍ରକାଶ କିଷାନ, ଥବିର ଭୋଇ ଓ ରଞ୍ଜନ ମଲ୍ଲିକ ପ୍ରମୁଖ ଜଳଭଣ୍ଡାରରେ ଖୋଜାଖୋଜି କରି ୫ ଘଣ୍ଟା ପରେ ୨ ମୃତଦେହ ଉଦ୍ଧାର କରିଥିଲେ। ପାଡୁଆ ପୋଲିସ କେସ୍ ନଂ ୭/୨୫ ଓ ୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଏସ୍ଆଇ ରାମଚନ୍ଦ୍ର ମାଡକାମି ଓ ଏଏସ୍ଆଇ ରୁଦ୍ର ମାଝି ଘଟଣାର ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଦୁର୍ଘଟଣାରେ ହେମାନନ୍ଦଙ୍କ ସ୍ତ୍ରୀ, ଝିଅ, ନାତୁଣୀ ଗୁରୁତର

**ବଇଣ୍ଡା,୧୫।୬(ପରିକ୍ଷିତ ସାହୁ)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ହଣ୍ଡପା ବଜାର ନିକଟରେ ରବିବାର ଏକ ଇନୋଭା କାର୍ ପଛରେ ଏକ କାର୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କାର୍‌ରେ ବସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଉର୍ମିଳା ବିଶ୍ୱାଳ (୭୮), ତାଙ୍କ ଝିଅ ଅମିତା ବିଶ୍ୱାଳ (୩୮) ଏବଂ ନାତୁଣୀ ଅନବିକା ଧାମେ(୧୧)ଙ୍କ ସହ ଗାଡି ଚାଳକ ସଞ୍ଜୟ ବେଉରା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ହଣ୍ଡପା ଆଇଆଇସି



ଦୁର୍ଘଟଣାଗ୍ରସ୍ତ ୨ କାର୍।

ନମିତା ନାୟକ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡିଛି, ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ଏକ ଇନୋଭା ନମ୍ବର (ଓଡି ୦୫ବିଜେଡ-୪୦୪୦) ଯୋଗେ ଯାଉଥିବା ବେଳେ ପଛରେ ଏକ କାର୍ ନମ୍ବର (ଓଡି ୨୩ଏନ୍- ୫୨୨୫) ଯୋଗେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରିବାର ଲୋକେ ଭୁବନେଶ୍ୱର ଯାଉଥିଲେ। ହେଲେ ହଣ୍ଡପା ବଜାର ନିକଟରେ ଭାରସାମ୍ୟ ହରାଇ କାର୍‌ଟି ପଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨ ପୂର୍ବତନ ବିଧାୟକଙ୍କ କୌଣସି କ୍ଷତି ହୋଇ ନ ଥିବା ହଣ୍ଡପା ପୋଲିସ ସୂଚନା ଦେଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।









## ଝଗଡା ସମାଧାନ କରି ଛୁରାମାଡ ଖାଇଲେ ଯୁବକ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ଝଗଡା ସମାଧାନ କରି ଜଣେ ଯୁବକ ଆକ୍ରମଣର ଶିକାର ହୋଇଛନ୍ତି। ସାଲିଆ ସାହିରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ରାକେଶ କୁମାର ବାରିକ। ଏହି ମାମଲାରେ ସମ୍ପୃକ୍ତ ଥିବା ୩ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ମୈତ୍ରିବିହାର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆ ସାହି ଆଦିତ୍ୟନଗରରେ ରହୁଥିବା ସିପୁନ ପ୍ରଧାନ (୧୯) ଓ ରାଜା ଦୋରା (୧୯)। ଉଭୟଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି।

## ‘ପାନ ଓ ପ୍ରିୟତମା’ ପୁସ୍ତକର ନୂଆ ସଂସ୍କରଣ ଲୋକାର୍ପିତ

ଭୁବନେଶ୍ୱର, ୧୫।୬(ସୌମ୍ୟରଞ୍ଜନ ରାଉତ) – ବନ୍ଧୁଘର ସାହିତ୍ୟ ପିଣ୍ଡା ପକ୍ଷରୁ ରବିବାର ଆଇଏମ୍ଏମ୍‌ଟି ଅଡିଟୋରିୟମଠାରେ ପାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଷ୍ଣବ ଚରଣ ମହାନ୍ତିଙ୍କ ଲିଖିତ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୁସ୍ତକ ‘ପାନ ଓ ପ୍ରିୟତମା’ର ପରବର୍ତ୍ତୀ ସଂସ୍କରଣ ଲୋକାର୍ପିତ ହୋଇଥିଲା। ପରେ ବନ୍ଧୁଘର ସାହିତ୍ୟ ପିଣ୍ଡାର ମୁଖପତ୍ର ‘ପିଣ୍ଡା ପତ୍ରିକା’ ଉନ୍ମୋଚିତ ହୋଇଥିଲା। ଏଥିସହ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ବେହେରାଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯିବା ସହ ତାଙ୍କ ‘ବନ୍ଧୁଘର’ ସଙ୍ଗୀତ ଉଚ୍ଚ ପ୍ରଶଂସିତ ହୋଇଥିଲା। ଅତିଥିଭାବେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ରାଉଳ, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ସାହିତ୍ୟିକା ଲୋପାମୁଦ୍ରା ମହାନ୍ତି, ସାହିତ୍ୟିକ ବିଶ୍ୱରଞ୍ଜନ ଯୋଗଦେଇଥିଲେ। ପିଣ୍ଡାର ସଭାପତି ଦାଶ ବେନହୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନିଆରା ପର୍ବକୁ ବୈଷ୍ଣବ ଚରଣ ମହାନ୍ତି ସଂଯୋଜନା କରିଥିଲେ।

# ବିସ୍ମୃତ ଖାଦ୍ୟର ସ୍ୱାଦକୁ ପୁନର୍ଜୀବିତ କରିଛି ବିକାଶ ମେଳା

ଭୁବନେଶ୍ୱର, ୧୫।୬(ସୁଚିସ୍ମିତା ସାହୁ)

### ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ

ଏବର୍ଷର ରଜ ପର୍ବ କେବଳ ପାରମ୍ପରିକ ରୀତି-ନୀତିର ପାଳନ ନୁହେଁ, ବରଂ ଏକ ଗଭୀର ସାଂସ୍କୃତିକ ପୁନର୍ଜାଗରଣର ପ୍ରତୀକ। ସମ୍ପ୍ରତି ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ବିକାଶ ମେଳାର ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ପରିବେଷିତ ଖାଦ୍ୟ ଓଡ଼ିଶାର ସମୃଦ୍ଧ ପାକକଳାର ପରମ୍ପରାକୁ ପୁନର୍ଜୀବିତ କରିଛି। ମେଳାରେ ଖଟା, ମିଠା, ଚଟପଟା ଦହିବରା ଆଳୁଦମଠାରୁ ଆରମ୍ଭ କରି ଛେନାପୋଡ଼, ଖଜା, ରସାବଳି ଓ ମାଲପୁଆ ପର୍ଯ୍ୟନ୍ତ ଓଡ଼ିଆ ଖାଦ୍ୟ ସଂସ୍କୃତିର ଏକ ଝଲକ ଦେଖିବାକୁ ମିଳିଛି। ସେହିପରି ପିଠା କାଉଣ୍ଟରରେ ଗରମ ଚକୁଳି, ଖିରି ଓ ସ୍ୱାଦିଷ୍ଟ ଦୋସା , ବିରି ଚକୁଳି, ସିଝା ପିଠା ଭଳି ବିସ୍ମୃତ ପ୍ରାୟ ଖାଦ୍ୟ ସହ ମୁଢ଼ି ମାଂସ, ଚାଉଳ ବରା, ପତ୍ରପୋଡା ଓ ମାଛ ଆମ୍ବିଳ ବେଶ୍ ଲୋକପ୍ରିୟତା ହାସଲ କରିଛି। ରଜ ଆରମ୍ଭରୁ ମେଳାରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ଏକ ଶକ୍ତିଶାଳୀ ଅର୍ଥନୈତିକ ମଞ୍ଚ ଭାବେ ମଧ୍ୟ ଉଭା ହୋଇଛି। ଏଠାରେ ଷ୍ଟଲ ପରିଚାଳନା କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ କେବଳ ପାକକଳାରେ ଧୁରନ୍ଧର ନୁହନ୍ତି, ବରଂ ସେମାନେ ଜଣେ ଜଣେ ଓଡ଼ିଆ ସଂସ୍କୃତିର ରକ୍ଷକ ଏବଂ ପ୍ରେରଣାଦାୟୀ ନେତ୍ରୀ। ଖାଦ୍ୟ ପରିବେଷଣ ମାଧ୍ୟମରେ ସେମାନେ ନିଜର ରନ୍ଧନ ପ୍ରତିଭାର ପ୍ରଦର୍ଶନ କରିବା ସହ ଅର୍ଥନୈତିକ ଭାବେ ମଧ୍ୟ ସଶକ୍ତ ହୋଇପାରିଛନ୍ତି। ଏହି ଉତ୍ସବରେ ବିଭିନ୍ନ ବିସ୍ମୃତ ଉପାଦାନ ଉପଯୋଗରେ ବିଭିନ୍ନ ସ୍ନାକ୍ସ ଓ ବେକେରୀ ଖାଦ୍ୟ ପ୍ରସ୍ତୁତ କରାଯାଇଛି। ମିଲେଟ-ଆଧାରିତ କୁଇଜ୍, ଫ୍ୟୁଜନ ବେକେଡ ଖାଦ୍ୟ ଓ ସ୍ୱାସ୍ଥ୍ୟକର ପାନୀୟ ଆଦି ସ୍ୱାସ୍ଥ୍ୟ ସଚେତନ ପରିଦର୍ଶକ ଓ ଯୁବାଙ୍କୁ ସମାନ ଭାବେ ଆକର୍ଷିତ କରୁଛି। ଏଥିସହିତ ପାରମ୍ପରିକ ସ୍ନାକ୍ସ ଯେପରିକି ମଗଜି ଲଡ୍ଡୁ, ପିଆଜି, ସରସତିଆ ଓ ପକୋଡ଼ି ସାଙ୍ଗକୁ ଆଧୁନିକ ବେକେରୀ ଫ୍ୟୁଜନ, ଆଇସ୍କ୍ରିମ ଓ ଶୀତଳ ପାନୀୟର ପରିବେଷଣ ପ୍ରତ୍ୟେକ ରୁଚି ପାଇଁ ବିଭିନ୍ନ ବିକଳ୍ପ ପ୍ରଦାନ କରୁଛି। ଜୁନ ୧୫ ସୁଦ୍ଧା ୧୫ ଲକ୍ଷ ଟଙ୍କାରୁ ଅଧିକର ବ୍ୟବସାୟ ଏହି ପ୍ରାଚୀନ ଖାଦ୍ୟ ପରମ୍ପରା ପ୍ରତି ଲୋକଙ୍କ ଗଭୀର ଆଗ୍ରହକୁ ପ୍ରତିଫଳିତ କରୁଥିବା କୁହାଯାଉଛି।



ବିକାଶ ମେଳାରେ ଖୋଲିଥିବା ଏକ ପିଠା ଷ୍ଟଲ।

## ଭୁବନେଶ୍ୱରରେ ଝାଡ଼ାବାନ୍ତି, ଜଣ୍ଡିସ୍ ରୋଗୀ

ଭୁବନେଶ୍ୱର, ୧୫।୬(ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରକୁ ଏବେ ଝାଡ଼ାବାନ୍ତି ଓ ଜଣ୍ଡିସ୍ ଭୟ ଘାରିଛି। ଯାଜପୁର, ଭଦ୍ରକ, କଟକରେ ହଇଜା ବ୍ୟାପିବା ପୂର୍ବରୁ ରାଜଧାନୀରେ ଝାଡ଼ାବାନ୍ତି ଲାଗି ରହିଛି। ଘାଟିକିଆସ୍ଥିତ ଟ୍ରାଇଡେଣ୍ଟ ଗାଲାକ୍ସି ଆପାର୍ଟମେଣ୍ଟରେ ଝାଡ଼ାବାନ୍ତିରେ ଶତାଧିକ ଲୋକେ ଆକ୍ରାନ୍ତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨/୩ ମାସ ହେବ ଏଠାରେ ଝାଡ଼ାବାନ୍ତି ବ୍ୟାପିଛି। ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଆସି ବିଭିନ୍ନ ପରାମର୍ଶ ଦେଇଥିଲେ ହେଁ ଝାଡ଼ାବାନ୍ତି ଜାରି ରହିଛି। ରବିବାର ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ସ୍ଥିତି ପରଖିଛନ୍ତି।

ଅପରପକ୍ଷେ ବଡ଼ଗଡ଼ ବ୍ରିଟ୍ କଲୋନୀ ଅଞ୍ଚଳରେ ୫ଜଣ ଜଣ୍ଡିସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ସର୍ଭେଲାନ୍ସ ଟିମ୍ ଘଟଣାସ୍ଥଳକୁ ଯାଇ ପାଣି ନମୁନା ସଂଗ୍ରହ କରିଛନ୍ତି। ଏହାର ରିପୋର୍ଟ ଆସିବା ପରେ ଜଣ୍ଡିସ୍ କାରଣ ଜଣାପଡିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ୱାର୍ଡ ନଂ.୧୩ ଅନ୍ତର୍ଗତ ନୀଳମାଧବ ନିବାସରେ ୧୮୦ଜଣ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇଥିଲେ। ଏହାପରେ ୱାର୍ଡ ନଂ.୬୪ ଅନ୍ତର୍ଗତ ଡୁମୁଡୁମା ନୂଆସାହି ଅନ୍ତର୍ଗତ ଗାନ୍ଧୀ ବିଦ୍ୟାପୀଠରେ ୬ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏବେ ସହରରେ ପୁଣି ଝାଡ଼ାବାନ୍ତି ବ୍ୟାପୁଥିବାବେଳେ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଥିବାରୁ ସହରବାସୀ ନାନା ଆଶଙ୍କା ଭିତରେ ରହୁଛନ୍ତି।

## ଗଡ଼ନହରକଣ୍ଟାରେ ରଜ ମହୋତ୍ସବ

ବାଲିଅନ୍ତା, ୧୫।୬(ନୀଳମାଧବ ସାହୁ)

ଗଡ଼ନହରକଣ୍ଟା ଗ୍ରାମରେ ରଜ ମହୋତ୍ସବ ଚାଲିଛି। ପହିଲି ରଜରେ ଗ୍ରାମର ରୁଦ୍ରେଶ୍ୱର ମନ୍ଦିର ପରିସରରେ ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା ୨୬ଟି ଦଳ ମଧ୍ୟରେ ଆୟୋଜିତ ହୋଇଥିଲା। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିବାବେଳେ ବାଲିଅନ୍ତା ବେଣ୍ଣୁପୁର ଗ୍ରାମର ମାନସ ରଞ୍ଜନ ମହାପାତ୍ର ଓ ଦୟାନିଧି ଖୁଣ୍ଟିଆଙ୍କ ଟିମ ଚାମ୍ପିୟନ ହୋଇଥିଲା। ପୁରୀ ଦଳର ବାସୁଦେବ ପ୍ରଧାନ ଓ ପ୍ରଦୀପ ଦାସ୍ ରନର୍ସ ଅପ୍ ଓ ମଞ୍ଚେଶ୍ୱର ଟିମର ବିଚିତ୍ରାନନ୍ଦ ଖୁଣ୍ଟିଆ ଓ ପ୍ରଭାକର ପରିଡ଼ା ତୃତୀୟ ସ୍ଥାନରେ ରହିଥିଲେ। ମୁଖ୍ୟ ଅତିଥି ରୂପେ ଗ୍ରାମ୍ୟ କମିଟି ସଭାପତି ଶିବ ଚରଣ ଜେନା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ପ୍ରଫୁଲ୍ଲ ଜେନା ପରିଚାଳନା କରିଥିଲେ। ସେହିପରି ମନ୍ଦିର ସମ୍ମୁଖ ଯାତ୍ରା ପଡ଼ିଆରେ ଲାଗିଥିବା ଆଖପାଖ ଗ୍ରାମର ପିଲାମାନେ ଦୋଳିର ମଜା ନେଇଥିଲେ। ମହୋତ୍ସବରେ ଦୋଳି କାର୍ଯ୍ୟକ୍ରମକୁ ଶିବ ଚରଣ ଜେନା ଉଦ୍‌ଘାଟନ କରିଥିଲେ। ବାଦୀପାଲା ପରିବେଷଣ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର ପାରମ୍ପରିକ କବାଡ଼ି ପ୍ରତିଯୋଗିତା ହେବ।



ମହୋତ୍ସବରେ ଦୋଳି ଖେଳକୁ ଶିବ ଚରଣ ଜେନା ଉଦ୍‌ଘାଟନ କରୁଛନ୍ତି।

## ରଜପାନ ଆଣିବାକୁ ଯିବା ବେଳେ ଶିଶୁପୁତ୍ରର ଜୀବନ ଗଲା

ଭୁବନେଶ୍ୱର, ୧୫।୬ (ସତ୍ୟଜିତ୍ ରାଉତ)

### ଧକ୍କା ଦେଲା ଦ୍ରୁତଗାମୀ ବାଇକ

ଖୁସିରେ ଘରୁ ବାହାରି ପାଖ ଦୋକାନକୁ ରଜପାନ ଆଣିବାକୁ ଯାଉଥିଲା। ମାତ୍ର ରାସ୍ତାରେ କାଳ ହୋଇ ମାଡିଆସିଲା ଦ୍ରୁତଗାମୀ ବାଇକ। ବାଇକ ଧକ୍କାରେ କୋମଳମତି ଶିଶୁଟିର ଜୀବନ ଚାଲିଗଲା। ଭୁବନେଶ୍ୱର ସାଲିଆସାହି ନୀଳଚକ୍ର ନଗରରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁପୁତ୍ର ହେଉଛନ୍ତି ସନ୍ତୋଷ କୁମାର ସାହୁଙ୍କ ପୁଅ ଲକ୍ଷ୍ମୀଧର (୩)। ଶନିବାର ସନ୍ଧ୍ୟାରେ ଘର ଆଗରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ଶିଶୁଟି ଆଖି ବୁଜିଛି। ମା’ ଲକି ମାର୍ଥାଙ୍କ କହିବା ଅନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୫ଟା ୩୦ରୁ ୬ଟା ମଧ୍ୟରେ ତାଙ୍କ ପୁଅ ରଜପାନ ଆଣିବାକୁ ଯିବା ବେଳେ ବାଇକଟି ଧକ୍କାଦେଇଥିଲା। ସକାଳେ ଅପରେଶନ ହେବାକୁ ସ୍ଥିର ହୋଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବାପା ସନ୍ତୋଷଙ୍କ ଏତଲାକ୍ରମେ ମୈତ୍ରୀବିହାର ଥାନା ପୋଲିସ ମାମଲା (ନଂ.୨୩୫/୨୦୨୫) ରୁଜୁ କରି ତଦନ୍ତ କରୁଛି। ପୋଲିସ ଟିମ୍ ଦୁର୍ଘଟଣା ଘଟାଇଥିବା ବାଇକ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ତେବେ ଅଭିଯୁକ୍ତ ଚାଳକ ଜଣକ ନାବାଳକ ହୋଇଥିବା ବେଳେ ତାଙ୍କୁ ସୋମବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ନୟାପଲ୍ଲୀ କଳିଙ୍ଗ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ରଜ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଜଣେ ମହିଳାଙ୍କୁ ଦୋଳିରେ ଝୁଲାଉଛନ୍ତି। ସ୍ଥାନୀୟ କର୍ପୋରେଟର୍ ବନ୍ଦିତା ପାଲ, ସାମାଜିକ କର୍ମୀ ଅର୍ଜୁନ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ସମସ୍ତ ୟୁଏଲବି, ଜିଲାସ୍ତରୀୟ ଅଧିକାରୀଙ୍କୁ ଡାଇରିଆ ପ୍ରତିଷେଧକ ପଦକ୍ଷେପ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୬(ବନ୍ଦନା ସେଠୀ)

### ଗୃହ ଓ ନଗର ଉନ୍ନୟନ ବିଭାଗର ହାଇ ଆଲର୍ଟ ଜାରି

ରାଜ୍ୟର ବିଭିନ୍ନ ଜିଲାରେ ଡାଇରିଆ ରୋଗ ବୃଦ୍ଧି ପାଉଥିବାରୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ଏନେଇ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ଏବଂ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମ୍ବେଦନଶୀଳ ସହରାଞ୍ଚଳ ପ୍ରତି ବିଶେଷ ଧ୍ୟାନ ଦେଇ ସମସ୍ତ ଜଳ ଉତ୍ସଗୁଡ଼ିକର ପରିମଳ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଜିଲା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ବାସ୍ତବ ସ୍ଥିତି ସହ ଜଡ଼ିତ ରହି ଡାଇରିଆ ରୋଗ ପ୍ରସାରକୁ ରୋକିବା ପାଇଁ ଯଥାଶୀଘ୍ର କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ଉତ୍ସଗୁଡ଼ିକର ତୁରନ୍ତ ଯାଞ୍ଚ କରିବା, ପରିମଳ ସମ୍ଭାବ୍ୟ ହଟ୍‌ସ୍ପଟ ଚିହ୍ନଟ, ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା, କ୍ଷେତ୍ର କର୍ମଚାରୀଙ୍କ ସମ୍ବେଦନଶୀଳତା ଏବଂ ସ୍ୱଚ୍ଛତା ଅଭ୍ୟାସ ଉପରେ ଗୋଷ୍ଠୀ ଯୋଗଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଜଳର ଗୁଣବତ୍ତା ଯାଞ୍ଚ, ପରିମଳ ଅଭିଯାନ ବୃଦ୍ଧି ଏବଂ ଜନସଚେତନତା ଅଭିଯାନକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଚୋରା ମଦ ବିକ୍ରିକୁ ବିରୋଧ, ଥାନା ଘେରିଲେ ଗ୍ରାମବାସୀ

ବାଲିପାଟଣା, ୧୫।୬(ଅଭିମନ୍ୟୁ ନାୟକ)

ବନମାଳୀପୁର ଅଞ୍ଚଳର କେତେକ ଗ୍ରାମବାସୀ ରବିବାର ଚୋରା ମଦ ବିକ୍ରିକୁ ବିରୋଧ କରି ବାଲିପାଟଣା ଥାନା ଆଗରେ ହୋହଲ୍ଲା କରିବା ସହ ଘେରାଉ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ଗ୍ରାମରେ ଖୁଲମ୍‌ଖୁଲା ଚୋରା ମଦ ବିକ୍ରି ହେଉଛି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଚୋରାମଦ ବିକ୍ରିକୁ ବିରୋଧ କରିବାରୁ ସମ୍ପୃକ୍ତ ବେପାରୀ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଉଛନ୍ତି। ଏନେଇ ଥାନା ଏବଂ ଫାଣ୍ଡିରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏହାର ପ୍ରତିବାଦରେ ମଝିହରା ବିଶ୍ୱାଳ ସାହି ରୟତ ପାଟଣା, ସାରଙ୍ଗଧର ପାଟଣା, ମଝିହରା ବସ୍ତି ସମେତ ଗ୍ରାମବାସୀ ଏକାଠି ହୋଇ ଥାନା ଘେରାଉ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଚୋରା ମଦ ବିକ୍ରି ବନ୍ଦ ନେଇ ଆଗାମୀ ଦିନରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ହମ୍ପ୍ସ ନିର୍ମାଣ, ଚାରା ରୋପଣ କଲା ମଧୁସୂଦନନଗର ବୁଦ୍ଧିଜୀବୀ ଆସୋସିଏଶନ

ଭୁବନେଶ୍ୱର, ୧୫।୬ (ସୌମ୍ୟରଞ୍ଜନ ରାଉତ)

ମଧୁସୂଦନ ନଗର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଆସୋସିଏଶନ ପକ୍ଷରୁ ରବିବାର ଏକ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ପଟେଲ ମାର୍ଗରେ ଅନୁଷ୍ଠିତ ହୋଇଯାଇଛି। ମାର୍ଗର ଚାରି ଛକ ଏକ ଦୁର୍ଘଟଣା ସ୍ଥାନ ହୋଇଥିବାରୁ ଉକ୍ତ ସ୍ଥାନରେ ବରିଷ୍ଠ ନାଗରିକମାନେ ଏକ ହମ୍ପ୍ସ ନିର୍ମାଣ କରିବା ସହ ରାସ୍ତାରେ ସିମେଣ୍ଟ କୁଣ୍ଡର ବ୍ୟବସ୍ଥା କରିଛନ୍ତି। ସେହି କୁଣ୍ଡରେ ଚାରା ରୋପଣ ସହ କୁଣ୍ଡକୁ ସୁନ୍ଦର ଭାବେ ଡିଜାଇନ କରାଯାଇ ରାସ୍ତାରେ ଏକ ଭିନ୍ନ ଧରଣର ରୋଡ ଡିଭାଇଡର ଭାବେ ରଖାଯାଇଛି। ଏହି ଅବସରରେ ବ୍ୟାଙ୍କ ଅଫ ବରୋଦାର ଅଧିକରୀ ବିମଳ କୁମାର ମଙ୍ଗରାଜ, ମନୋଜ ମିଶ୍ର, ସୁଶାନ୍ତ ଦାସ, ଆଶିଷ ଦାସ, ମନୋଜ ଦାସ, ଚିତ୍ତରଞ୍ଜନ ମହାନ୍ତି, କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ରାସ୍ତା ମେଡିଆନ୍‌ରେ କୁଣ୍ଡ ରଖି ଚାରା ଲଗାଉଛନ୍ତି।

## ମେୟରଙ୍କ ସହ ରଜ ପାଳିଲେ ସଫେଇ କର୍ମୀ



ମେୟର ସୁଲୋଚନା ଦାସ ଓ ଅନ୍ୟମାନଙ୍କ ସହ ସଫେଇ କର୍ମୀ।

ଭୁବନେଶ୍ୱର, ୧୫।୬(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବୈଭବ କେନ୍ଦ୍ର ଟିଟିଏସ୍‌ଠାରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବରେ ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟି ଅଧକ୍ଷା ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ଜୟନ୍ତୀ ସାହୁ, କର୍ପୋରେଟର ଭାରତୀ ସିଂଙ୍କ ସହ ପ୍ରାୟ ୧୫୦ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ରଜ ପାଇଁ ରବିବାର ସମସ୍ତ ମହିଳା ସଫେଇ କର୍ମଚାରୀଙ୍କୁ ଛୁଟି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୋଡ ପିଠା ଖାଇବା ସହ ମେହେନ୍ଦୀ ଓ ଅଳତା ଲଗାଇ, ପାନ ଖାଇ ସମସ୍ତେ ରଜ ସଂକ୍ରାନ୍ତି ପାଳନ କରିଥିଲେ। ଦୋଳିରେ ଝୁଲିବା ସହ ନାଚ, ପୁଚି ଓ ଖେଳରେ ସାମିଲ ହୋଇଥିଲେ। ସଫେଇକର୍ମୀଙ୍କ ପାଇଁ ରଜ ପାଳନ କରିବା ଏକ ନିଆରା ପ୍ରୟାସ। ସହରକୁ ସଫା ରଖିବାରେ ସେମାନଙ୍କ ଅବଦାନର ମହତ୍ତ୍ୱକୁ ଟଙ୍କାରେ ଭରଣା କରିହେବ ନାହିଁ। ତେବେ ପାରିଶ୍ରମିକ ସାଙ୍ଗକୁ ସେମାନଙ୍କ ମାନବିକ ସ୍ଥିତିକୁ ସମ୍ମାନ ଦେବା ଏକ ସାମୂହିକ ଦାୟିତ୍ୱ ବୋଲି ମେୟର କହିଥିଲେ।

## ଶଙ୍କର୍ଷଣ, ରାମଚନ୍ଦ୍ରଙ୍କୁ ‘ଉତ୍କଳ ଶ୍ରୀ’ ସମ୍ମାନ

ଭୁବନେଶ୍ୱର, ୧୫।୬(ସୌମ୍ୟରଞ୍ଜନ ରାଉତ)

### ଜୟ ମା’ ଭବାନୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରଜ ସଂକ୍ରାନ୍ତି

ଜୟ ମା’ ଭବାନୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରବିବାର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅଷ୍ଟମ ବାର୍ଷିକ ରଜ ସଂକ୍ରାନ୍ତି ପାଳନ ହୋଇଯାଇଛି। ଏହି ଅବସରରେ କଥାବାଚକ ଶଙ୍କର୍ଷଣ ମଙ୍ଗରାଜ ଦାଶ ଏବଂ ମା’ ଆଦିଶକ୍ତିଙ୍କ ପ୍ରଚାର ଓ ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ରାମଚନ୍ଦ୍ର ଦାସ ମହାପାତ୍ରଙ୍କୁ ‘ଉତ୍କଳ ଶ୍ରୀ’ ସମ୍ମାନରେ ସମ୍ମାନିତ କରାଯାଇଛି। ଅତିଥିଭାବେ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବିଜ୍ଞାନି ଗୁରୁ ଶ୍ରୀ ସନ୍ଥ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ଭାଜପା ଜିଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଭିନନ୍ଦନ ଦାସ ମଞ୍ଚ ପରିଚାଳନା କରିଥିଲେ।

## ଏସ୍‌ପ୍ଲାନେଡ ମଲ୍‌ରେ ରଜ ମହୋତ୍ସବ

ଭୁବନେଶ୍ୱର, ୧୫।୬(ଅଭୟ ଦାସ)




ରସୁଲଗଡସ୍ଥିତ ନେକ୍ସସ ଏସପ୍ଲାନେଡ ମଲ୍ ପରିସରରେ ରଜ ମହୋତ୍ସବ ‘ସଜ ବାଜ ରଜ’ ପାଳିତ ହୋଇଯାଇଛି। ରେଡ୍ ଏଫ୍ଏମ୍‌ର ବହୁ ପ୍ରତୀକ୍ଷିତ ସଜ ବାଜ ରଜ ପର୍ବ –୨୦୨୫ ଏସପ୍ଲାନେଡ୍ ମଲ୍‌ରେ ଆରମ୍ଭ ହୋଇଛି, ଯାହା ଓଡ଼ିଶାର ମୁଖ୍ୟ ପର୍ବ ‘ରଜ’ର ଆତ୍ମାକୁ ପାଳନ କରୁଛି। ୨୦୨୫ ଜୁନ୍ ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନି ଦିନିଆ ମହୋତ୍ସବରେ ୩୦ଜଣ ପ୍ରତିଭାବାନ୍ ପ୍ରତିଯୋଗୀ/ଅଂଶଗ୍ରହଣକାରୀଙ୍କ ସହିତ ରଜ ରାଜକୁମାରୀ ପ୍ରତିଯୋଗିତା, ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ୍ ଏବଂ ଏକ ଆକର୍ଷଣୀୟ ଖେଳ ସହ ଓଲିଉଡ କଳାକାରଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ସାମିଲ ରହିଛି। ଏହି ମହୋତ୍ସବରେ ୩,୦୦୦ରୁ ଅଧିକ ଉତ୍ସାହୀଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଛି। ସେହିଭଳି ରେଡ୍ ଏଫ୍ଏମ୍‌ର ଏହି ପ୍ରୟାସ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ପ୍ରତିଭାକୁ ଚମକ ଦେବା ସହ ଏକ ମଞ୍ଚ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

ବିଶେଷକରି ମଲରେ ଆୟୋଜିତ ମନୋରଞ୍ଜନ, ସଂସ୍କୃତି ଏବଂ ସାମୁଦାୟିକ ସମ୍ପର୍କର ଅନନ୍ୟ ମିଶ୍ରଣ ସହିତ ସଜ ବାଜ ରଜ ପର୍ବ ଏହି ଉତ୍ସବର ଏକ ଆକର୍ଷଣୀୟ ସ୍ଥାନ ହେବାକୁ ଯାଉଛି। ଅପରପକ୍ଷରେ ଏହି କାର୍ଯ୍ୟକ୍ରମର ଟାଇଟଲ୍ ପାର୍ଟନର୍ ଶୁଭମ୍ କନ୍‌ଷ୍ଟ୍ରକ୍ସନ୍, ସ୍ୱାସ୍ଥ୍ୟ ସାଥୀ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ, ଅଳଙ୍କାର ପାର୍ଟନର ଟିବିଜେଡ, ଶିକ୍ଷା ସହଯୋଗୀ ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଏବଂ ମିଡିଆ (ପ୍ରିଣ୍ଟ) ପାର୍ଟନର ‘ଓଡ଼ିଶା ପୋଷ୍ଟ’ ପ୍ରମୁଖ ସାମିଲ ରହିଛନ୍ତି।

## ଡାକ୍ତରୀ ପାଠ ପଢ଼ିବେ ଜିନ୍ଦେଗି ଫାଉଣ୍ଡେଶନର ୨୦ ମେଧାବୀ

ଭୁବନେଶ୍ୱର, ୧୫।୬(ଅଭୟ ଦାସ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି ୟୁଜି-୨୦୨୫ରେ ଜିନ୍ଦେଗି ଫାଉଣ୍ଡେଶନର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସମସ୍ତ ୨୦ ଜଣ ଛାତ୍ର ମେଡିକାଲ ଶିକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶାରୀରିକ ଅକ୍ଷମ ଛାତ୍ର ରଘୁନାଥ ବେହେରା ଦେଶରେ ତୃତୀୟ ସ୍ଥାନ ହାସଲ କରି ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ପୁରୀର ଜଣେ ଦିନ ମଜୁରିଆଙ୍କ ପୁଅ ରଘୁନାଥ ଛାତ୍ର ଜୀବନର ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଜିନ୍ଦେଗି ଫାଉଣ୍ଡେଶନର ଅନେକ ଛାତ୍ରଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂହ କହିଛନ୍ତି, ଏହି ଛାତ୍ରମାନଙ୍କ ସଫଳତା କେବଳ ସେମାନଙ୍କ ଜୀବନ ବଦଳାଇ ଦେଇ ନାହିଁ, ବରଂ ଏହା ସେମାନଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ଜୀବନରେ ମଧ୍ୟ ପରିବର୍ତ୍ତନ ଆଣିଦେଇଛି। ଏହି ଛାତ୍ରମାନେ ଯେଉଁ କଷ୍ଟ ଦେଇ ଗତି କରିଛନ୍ତି, ତାହା ପ୍ରକୃତରେ ଅକଳ୍ପନୀୟ। ସେମାନଙ୍କ ପରିବାର ପ୍ରତିଦିନ ଭଲ କରି ମୁଠାଏ ଖାଇବାକୁ ମଧ୍ୟ ପାଆନ୍ତି ନାହିଁ। ମାତ୍ର ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେମାନଙ୍କ ପାଖରେ ଆର୍ଥିକ ଶକ୍ତିର ଅଭାବ ଥାଇ ପାରେ କିନ୍ତୁ ଇଚ୍ଛାଶକ୍ତିର ଅଭାବ ନାହିଁ। ମୁଁ ଏପରି ଛାତ୍ରମାନଙ୍କୁ ଦେଖିଛି, ଯେଉଁମାନଙ୍କ ପାଖରେ ଟଙ୍କା ନାହିଁ, ସମର୍ଥନ ନାହିଁ, ଏପରିକି କେତେବେଳେ ଖାଦ୍ୟ ମଧ୍ୟ ନାହିଁ, କିନ୍ତୁ ଠିକ୍ ମାର୍ଗଦର୍ଶନ ସହିତ ସେମାନେ କେବଳ ସ୍ୱପ୍ନ ଦେଖନ୍ତି ନାହିଁ, ସ୍ୱପ୍ନକୁ ହାସଲ ମଧ୍ୟ କରନ୍ତି।



ଛାତ୍ରୀଛାତ୍ରଙ୍କ ସହ ଫାଉଣ୍ଡେଶନ ପ୍ରତିଷ୍ଠାତା ଅଜୟ ବାହାଦୁର ସିଂହ ଓ ଅନ୍ୟମାନେ।

ସେହିପରି ଉକ୍ତ ଛାତ୍ରୀମାନେ ଅନେକ କଷ୍ଟ ସହି ମଧ୍ୟ ସେମାନେ ଆଗକୁ ବଢିବାର ସ୍ୱପ୍ନରୁ ଓହରି ଯାଇନାହାନ୍ତି। ତାଙ୍କର ଆଶା ପୂରଣ ପାଇଁ ଜିନ୍ଦେଗି ଫାଉଣ୍ଡେଶନ ସେମାନଙ୍କୁ କେବଳ ଏକ ପ୍ଲାଟଫର୍ମ ଦେଇ ନ ଥିଲା, ଏହା ସେମାନଙ୍କୁ ସେମାନଙ୍କର ମୂଲ୍ୟ, କ୍ଷମତା ଏବଂ ଭବିଷ୍ୟତ ଗଢିବାର ଆତ୍ମବିଶ୍ୱାସ ଦେଇଥିଲା। ଫାଉଣ୍ଡେଶନ ଏହି ଛାତ୍ରମାନଙ୍କୁ ଏନ୍‌ଇଇଟି କୋଚିଂ, ଅଧ୍ୟୟନ ସାମଗ୍ରୀ, ଖାଦ୍ୟ ଏବଂ ରହିବା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରିଥିଲା। ୨୦୧୭ରେ ଆରମ୍ଭ ହେବା ପରଠାରୁ ଫାଉଣ୍ଡେଶନ ୧୪୩ଜଣ ଛାତ୍ରଙ୍କୁ ଏନ୍‌ଇଇଟି ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଏବଂ ଡାକ୍ତର ହେବାର ସ୍ୱପ୍ନ ହାସଲ କରିବାରେ ସାହାଯ୍ୟ କରିଛି।

## ସଂକ୍ଷେପରେ

### ତାରାଦେବୀଙ୍କ ପୀଠରେ ଯଜ୍ଞ

ବେଗୁନିଆ,୧୫।୬(ସନ୍ଧ୍ୟାରାଣୀ ମିଶ୍ର)

ରଜ ସଂକ୍ରାନ୍ତିରେ ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ମା' ତାରାଦେବୀଙ୍କ ପୀଠରେ ୩୦ତମ ଏକବିଂଶୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ରବିନାରାୟଣ ଚମ୍ପତି ଦାୟିତ୍ୱ ତୁଲାଇଥିଲେ। ମନ୍ମଥ ଚମ୍ପତି, ଭରତ ମଙ୍ଗରାଜ, ସଞ୍ଜୟ କୁମାର ବାହୁବଳେନ୍ଦ୍ର, ଭବାନୀ ଚମ୍ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଣ୍ଡିତ ଜଗନ୍ନାଥ ମିଶ୍ର ଯଜ୍ଞରେ ବେଦପାଠ କରିବା ସହ ଆହୁତି ପ୍ରଦାନ କରିଥିଲେ। ଅପରାହ୍ନରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଯଜ୍ଞକାର୍ଯ୍ୟ ସମାପନ ହୋଇଥିଲା।

### ମୁକ୍ତମଞ୍ଚ ନାଟକୋତ୍ସବ

ବେଗୁନିଆ,୧୫।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଂପୁର ଗ୍ରାମରେ ରଜପର୍ବ ଅବସରରେ ମୁକ୍ତମଞ୍ଚ ନାଟକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ପୁରୁଷ୍ଟି ମୁଖ୍ୟବକ୍ତା, ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା, ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ, ହାଡୁବନ୍ଧୁ ମହାପାତ୍ର, ସମିତିସଭ୍ୟ ନଳିନୀ ପଣ୍ଡା, ନବନିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନାଟକ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ଜୟଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ 'କହିବାକୁ ଲାଜ ଶୁଣିଲେ ପାପ' ନାଟକ ପରିବେଷିତ ହୋଇଥିଲା।

# ସଂସ୍କୃତି, ପରମ୍ପରାକୁ ବଜାୟ ରଖିଛି ମହୋତ୍ସବ

## ୧୭ତମ ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)



ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ଅନୁଷ୍ଠାନ 'ବିଶାନ୍ତ' ପକ୍ଷରୁ ବରୁଣେଇ ପୀଠରେ ୧୭ତମ ତ୍ରିଦିବସୀୟ ରଜ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ଖୋର୍ଦ୍ଧାର ପାରମ୍ପରିକ ରଜ ମହୋତ୍ସବ ଭାଇଚାରାର ଏକ ନିଚ୍ଛକ ଝଲକ। ସଂସ୍କୃତି, ପରମ୍ପରାକୁ ବଜାୟ ରଖିଛି ମହୋତ୍ସବ ବୋଲି କହିଥିଲେ। ମୁଖ୍ୟବକ୍ତା ସାମାଜିକ କର୍ମୀ ବାସନ୍ତୀ ମହାପାତ୍ର କହିଥିଲେ, ଏହି ରଜପର୍ବ ପାଳନ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବା ସହ ମା'ବରୁଣେଇ ଓ କରୁଣେଇଙ୍କ ମହିମା ଏବଂ ଖୋର୍ଦ୍ଧାଗଡ଼, ତାପଙ୍ଗଗଡ଼ର ଇତିହାସକୁ ଉଜ୍ଜୀବିତ କରେ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ଉତ୍କଳୀୟ ସଂସ୍କୃତି ପରମ୍ପରାରେ ରଜ ପର୍ବର ବିଶେଷତା ରହିଛି ବୋଲି କହିଥିଲେ। ବିଶାନ୍ତ ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲୀପ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦ୍‌ଘାଟନୀ ସଭାରେ ପୌର କାଉନ୍‌ସିଲର କମଳ କୁମାର ପ୍ରଧାନ, ପୂର୍ବତନ ଅଧ୍ୟକ୍ଷା ମମତା ଦେ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ବକ୍ତବ୍ୟରେ ରଜ ମହୋତ୍ସବ ଓଡ଼ିଶାର ଏକ ଗଣପର୍ବ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପାଇକ ଆଖଡ଼ା, ଅପରେଶନ ସିନ୍ଦୂର ମୁଖ୍ୟ ଆକର୍ଷଣ ଥିଲା। ମହୋତ୍ସବ ଅବସରରେ ବରୁଣେଇ ପାଦଦେଶରେ ବିଭିନ୍ନ ଦୋକାନ, ଫାଷ୍ଟଫୁଡ୍, ଘରକରଣା ସାଜସଜ୍ଜା, ପିଲାଙ୍କ ଖେଳଣା ଆଦି ପସରା ମେଳିଛି। ଶତାଧିକ ପର୍ଯ୍ୟଟକ, ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।




ବରୁଣେଇ ରଜ ମହୋତ୍ସବ ଅବସରରେ ରବିବାର ନୃତ୍ୟ ପରିବେଷଣ କରାଯାଉଛି।



ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ଅନ୍ତର୍ଗତ ଓଗାଳପଡ଼ାସ୍ଥିତ ମୃଗେଶ୍ୱର ମହାଦେବଙ୍କ ପୀଠରେ ଝାମୁଯାତ୍ରା ଅବସରରେ ରବିବାର ମାନସିକଧାରୀମାନେ ନିଆଁରେ ଚାଲୁଛନ୍ତି। (ଫଟୋ: ବୁଲା ବାରିକ)

# ସଂକ୍ରାନ୍ତିରେ ଲାଗିହେଲା ମାଛଭୋଗ

## କୋଶଳାଶୁଣୀ ପୀଠରେ ରଜ ଉତ୍ସବ

ବୋଲଗଡ଼,୧୫।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଆରିକମା ନିକଟ ଜଙ୍ଗଲରେ ପୂଜା ପାଉଥିବା ମା' କୋଶଳାଶୁଣୀଙ୍କ ପୀଠରେ ରଜପର୍ବ ପାଳନ କରାଯାଉଛି। ରଜ ସଂକ୍ରାନ୍ତିରେ ତଥା ରବିବାର ଏଠାରେ ଦେବୀଙ୍କୁ ଆମିଷ ଭୋଗ ଲାଗି ପରେ ପ୍ରସାଦ ଭାବେ ଭକ୍ତମାନେ ଗ୍ରହଣ କରିଥିଲେ। ସୂଚନା ମୁତାବକ, ଆରିକମା ଗ୍ରାମ ମୁଣ୍ଡରେ ଥିବା ନେଳିଆ ପୋଖରୀରୁ ମାଛ ଧରାଯାଇ ଗ୍ରାମର ପ୍ରତ୍ୟେକ ପରିବାରକୁ ବଣ୍ଟା ଯାଇଥିଲା। ପରେ ଗ୍ରାମର ପ୍ରତ୍ୟେକ ପରିବାର ବନ୍ଧୁବାନ୍ଧବଙ୍କ ସହ ଏହି ମାଛକୁ ଧରି ଶୁଦ୍ଧପୂତ ଭାବେ ପୀଠରେ ପହଞ୍ଚି ନୂତନ ମାଟି ହାଣ୍ଡିରେ ରାନ୍ଧିବା ପରେ ମା'ଙ୍କୁ ସମର୍ପଣ କରି ସେଠାରେ ପ୍ରସାଦଭାବେ ଗ୍ରହଣ କରିଥିଲେ। ଏହାପରେ ସେଠାରେ ସାମୂହିକ ଭାବେ ଉକ୍ତ ମାଟି



ହାଣ୍ଡିଗୁଡ଼ିକୁ ଭାଙ୍ଗି ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ନିଆରା ପାରମ୍ପରିକ ପ୍ରଥାକୁ ଆଧ୍ୟାତ୍ମିକ ପରିବେଶରେ ଗ୍ରାମବାସୀ ପାଳନ କରିଆସୁଛନ୍ତି।

# 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ମଞ୍ଚସ୍ଥ

କୃଷ୍ଣପ୍ରସାଦ,୧୫।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ଶ୍ରୀରଘୁନାଥ ଦେବ ନାଟ୍ୟ ସଂସଦ ଅଣୁଆଁ ଆନୁକୂଲ୍ୟରେ ରଜ ଉତ୍ସବ ଅବସରରେ ସାମାଜିକ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ମଞ୍ଚସ୍ଥ ହୋଇଯାଇଛି। ଉତ୍ସବକୁ ବ୍ରହ୍ମଗିରି ବିଧାୟିକାଙ୍କ ମା' ନମିତା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଣୁଆଁ ଗ୍ରାମ୍ୟ କମିଟି ସଭାପତି ଦେବରାଜ ଜେନାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ବରିଷ୍ଠ ସମାଜସେବୀ ଦୀନବନ୍ଧୁ ଜେନା, ମୁଖ୍ୟବକ୍ତା ଶିକ୍ଷାବିତ୍ କେଲୁ ଚରଣ ଜେନା, ସମ୍ମାନିତ ଅତିଥିଭାବେ ସିଆଣ୍ଡି ସମିତିସଭ୍ୟ ଲଳିତ କୁମାର ତରେଇ, ମହେଶ୍ୱର ବିଶ୍ୱାଳ, କଣ୍ଠୁରି ଚରଣ ତରେଇ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ପ୍ରଭାତ କୁମାର ବାରିକ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ବିଜୟ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ସଂସଦ ପରିଚାଳକ ଶିବରାମ ଜେନା, ସହପରିଚାଳକ ବିଚିତ୍ର କୁମାର ବିଶ୍ୱାଳ ଉତ୍ସବକୁ ପରିଚାଳନା କରିଥିଲେ। ରଘୁନାଥ ଦେବ ନାଟ୍ୟ ସଂସଦର ସତ୍ୟବାନ, ପ୍ରଭାତ, ମଧୁ, ବସନ୍ତ, ଟିଟୁ, ଦେବାଶିଷ, ଲକ୍ଷ୍ମୀଧର, ବାଦଲ, ସୋମ, ଲକ୍ଷ୍ମୀ ଚରଣ, ପ୍ରସନ୍ନ, ସୁକାନ୍ତ, ରତ୍ନାକର ପ୍ରମୁଖ ନାଟକରେ ଅଭିନୟ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ କେଲୁ ଚରଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପାରିକୁଦ କଳାକୃତି ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜଟଣୀ ପୌରାଞ୍ଚଳରେ ଗଡ଼ିଲା ବିକାଶ ବାହନ



ଅତିଥିମାନେ ପତାକା ଦେଖାଇ ବିକାଶ ବାହନ ରଥକୁ ଶୁଭାରମ୍ଭ କରୁଛନ୍ତି।

ଜଟଣୀ,୧୫।୬(ରବୀନ୍ଦ୍ରନାଥ ମହାକୁଡ଼)

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲକ୍ଷ୍ୟ ନେଇ ରବିବାର ଜଟଣୀ ପୌରାଞ୍ଚଳରେ ପରିକ୍ରମା ଆରମ୍ଭ କରିଛି ବିକାଶ ବାହନ। ଜଟଣୀ ପୌର ପରିଷଦ କାର୍ଯ୍ୟାଳୟରେ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ ପ୍ରମୁଖ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପୌର ପରିଷଦ କାର୍ଯ୍ୟାଳୟରୁ ବିକାଶ ବାହନ ଯାତ୍ରା ଆରମ୍ଭ ହେବା ସହ ପ୍ରଥମ ଦିବସରେ ପୌରାଞ୍ଚଳ ଅନ୍ତର୍ଗତ ୧ନଂ. ୱାର୍ଡଠାରୁ ୮ନଂ. ୱାର୍ଡ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ପୌର କର୍ମଚାରୀଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପଣସପୁରରେ ରଜ ମହୋତ୍ସବ

ଟାଙ୍ଗୀ,୧୫।୬(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ସାଂସ୍କୃତିକ ଅନୁଷ୍ଠାନ ମା' ବ୍ରାହ୍ମଣୀ ଦେବୀ ରଜ ମହୋତ୍ସବ କମିଟି ପକ୍ଷରୁ ପଣସପୁର ଖେଳପଡ଼ିଆରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଡ.ସଞ୍ଜୟ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ଯୁବନେତା ହେମନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ବିରଞ୍ଚି ନାରାୟଣ ଭୋଳ, ବଭ୍ରୁବାହନ ପଲେଇ, ମନୋଜ ମାନସିଂହ, ଆୟୋଜକ ସଂଘର ସଭାପତି ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାୟଗଡ଼ାର ଆଦିବାସୀ ଢେମ୍‌ସା ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏଥିସହ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ ଅଭିମନ୍ୟୁ ବଧ ଏବଂ ଜଟଣୀର ଅଗ୍ରଣୀ କଳା ପରିଷଦ ପକ୍ଷରୁ ଦୋଳ ପର୍ବ ପରିବେଷଣ କରାଯାଇଥିଲା। ଆୟୋଜକ ଅନୁଷ୍ଠାନ ପକ୍ଷରୁ ବାଉଁଶ ଦୋଳିର ବ୍ୟବସ୍ଥା କରାଯାଇଥିଲା। ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଏହି ରଜ ମହୋତ୍ସବ ଅନୁଷ୍ଠିତ ହେବ।

# ୨୩ରେ ଫାଟୁଆ ଗବେଷଣା କେନ୍ଦ୍ର ଘେରାଉ ଚେତାବନୀ

ଜଟଣୀ,୧୫।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବରଅରାସ୍ଥିତ ହନୁମାନ ମନ୍ଦିର ପରିସରରେ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ, ଓଡ଼ିଶାର ରାଜ୍ୟ ସଂଯୋଜକ ଏମ୍.ଡି. ମନୱର ଅଲ୍ଲିଙ୍କ ସଭାପତିତ୍ୱରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅରଗୁଳସ୍ଥିତ ଫାଟୁଆ ଗବେଷଣା କେନ୍ଦ୍ରରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଆଲୋଚନା କରାଯାଇଥିଲା। ୧୦ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କର୍ମଚାରୀଙ୍କ ଇଏସ୍‌ଆଇ କାର୍ଡ ହୋଇନଥିବାରୁ କ୍ଷୋଭ ପ୍ରକାଶ ପାଇବା ସହିତ ଶୀଘ୍ର କର୍ମଚାରୀଙ୍କୁ ଉକ୍ତ କାର୍ଡ ପ୍ରଦାନ କରିବା, ୨୫ମାସର ବକେୟା ରହିଥିବା ଇପିଏଫ୍ ୫ବର୍ଷ ପରେ ବି ମିଳିନଥିବାରୁ ତାହା ପ୍ରଦାନ କରିବା, ଶୀଘ୍ର ବେତନ ପ୍ରଦାନ କରିବା, ସ୍ଥାୟୀ ନିଯୁକ୍ତି, ଗତ ଏପ୍ରିଲ ଏବଂ ମେ' ମାସର ଦରମା ପ୍ରଦାନ, ଆଡ୍‌ମିନିଷ୍ଟ୍ରେଟିଭ ଅଧିକାରୀଙ୍କ ଦୁର୍ବ୍ୟବହାର ବନ୍ଦ କରିବା, ଏମ୍‌ଟିଏସ୍‌ରେ କାର୍ଯ୍ୟ କରାଇ ଏଗ୍ରିକଲ୍‌ଚରର ବେତନ ପ୍ରଦାନ ବନ୍ଦ କରିବା ଆଦି ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଫାଟୁଆ କେନ୍ଦ୍ରରେ କାର୍ଯ୍ୟରତ ଠିକା କର୍ମଚାରୀ ବିଭିନ୍ନ ଦାବି ପୂରଣ ପାଇଁ ୧୩ଦିନ ଧାରଣା ଦେବା ପରେ କୌଣସି ସୁଫଳ ମିଳିଲା ନାହିଁ। ତୁରନ୍ତ ଠିକା କର୍ମଚାରୀଙ୍କ ଦାବି ପୂରଣ ନ ହେଲେ ଆସନ୍ତା ୨୩ ତାରିଖରେ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଫାଟୁଆ ଗବେଷଣା କେନ୍ଦ୍ର ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଜେନା, ଗୁନ ବଳିଆରସିଂ, ବିକ୍ରମ ଜେନା, ନିରଞ୍ଜନ ସାହୁ, ଅକ୍ଷୟ ବେହେରାଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଏମ୍.ଡି. ମନୱର ଅଲ୍ଲୀ ସୂଚନା ଦେଉଛନ୍ତି।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୧୫।୬(ଦେବବ୍ରତ ହୋତା)

ଭୀମପଡ଼ାସ୍ଥିତ ପୂଜ୍ୟପୂଜା କ୍ଲବ ସଭାପତି ଲୋକେଶ ପଟ୍ଟନାୟକ, ଉପସଭାପତି ଜଗବନ୍ଧୁ ମୁଦୁଲି, ସମ୍ପାଦକ ବିନୋଦ ମହାରଣା ପ୍ରମୁଖଙ୍କ ମିଳିତ ଆବାହକତ୍ୱରେ ବ୍ଲକ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଉପରୋକ୍ତ କର୍ମକର୍ତ୍ତାମାନେ ମେଧାବୀ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ସେମାନଙ୍କ ଅଭିଭାବକଙ୍କୁ ସାକ୍ଷାତ୍ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅଂଶୁମାନ୍ ବେହେରା, ଅର୍ପିତା ହୋତା, ସଂଘମିତ୍ରା ବେହେରା, ଓମ୍‌ପ୍ରକାଶ ନାୟକ, ଶ୍ରଦ୍ଧାଞ୍ଜଳି ମାର୍ଥା ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ, ବହି, କଲମ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଶିବାନୀ ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି।

# ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

## ଦାବି ପୂରଣ ନ ହେଲେ ସମୂହ ଛୁଟି ଚେତାବନୀ

ଟାଙ୍ଗୀ,୧୫।୬(ରଘୁନାଥ ସାହୁ)

ଓଡ଼ିଶା ଅଣଗେଜେଟେଡ୍ ବନ କର୍ମଚାରୀ ସଂଘର ଆହ୍ୱାନକ୍ରମେ ୩ ଦଫା ଦାବିରେ ୧୫ ତାରିଖଠାରୁ ପ୍ରତୀକ ଧାରଣା ଭାବେ ଡେପୁଟି ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଆସନ୍ତା ୨୧ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସମସ୍ତ ବନ କର୍ମଚାରୀ ସମୂହ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଗତ ମେ' ୨୫ରେ ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜରେ ଗୁଳିମାଡ଼ରେ ମୃତ୍ୟୁବରଣ କରିଥିବା କାର୍ଯ୍ୟରତ ଫରେଷ୍ଟଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କର୍ମଚାରୀଙ୍କ ସୁରକ୍ଷା ପାଇଁ ଏକ ଫରେଷ୍ଟ କମିଶନ ଗଠନ କରିବା, ବନ୍ୟପ୍ରାଣୀ ଓ ଟେରିଟୋରିଆଲ ଡିଭିଜନରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଓ ରାପିଡ ରେସ୍‌ପଣ୍ଡ ଟିମ୍ ନିଯୁକ୍ତି ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପଠାଯାଇଛି। ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଟେରିଟୋରିଆଲ ଓ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫରେଷ୍ଟର ସୁବ୍ରତ କୁମାର ହୋତା, ପ୍ରଶାନ୍ତ କୁମାର ଦାଶ, ସଞ୍ଜୀବ କୁମାର ବେହେରା, ଫରେଷ୍ଟ ଗାର୍ଡ ପ୍ରଦୀପ କୁମାର ସାହୁ, ରମେଶ ବରାଳ, ଦିଲୀପ କୁମାର ବେହେରା, ଭବାନୀ ଶଙ୍କର ପଟ୍ଟନାୟକ, ବାସନ୍ତୀ ଗୁଡୁ ପ୍ରମୁଖ କଳାବ୍ୟାଜ୍ ପରିଧାନ କରିଥିଲେ।

# ୧୧୬ ରୋଗୀଙ୍କ ହେଲା ଚିକିତ୍ସା

## କୁହୁଡ଼ି ରଜ ମହୋତ୍ସବର ଦ୍ୱିତୀୟ ଦିବସ

ଟାଙ୍ଗୀ,୧୫।୬(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କୁହୁଡ଼ି ପଞ୍ଚାୟତ ସମ୍ମୁଖ ରଜପଡ଼ିଆରେ ମା' ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ରଜ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ସକାଳେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କୁହୁଡ଼ି ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅସ୍ଥିଶଲ୍ୟ ବିଭାଗ ଡା. ଚନ୍ଦ୍ରଶେଖର ପାତ୍ର, ଭେଷଜ ବିଭାଗ ଡା. ଦେବେଶ ରଞ୍ଜନ ଧର, ଶିଶୁରୋଗ ବିଭାଗ ଡା. ସୋଭେଶ ରଞ୍ଜନ ବେହେରା, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା.ବର୍ଷା ବୈଶାଳୀ ଦାଶ ଏବଂ ମାଇକ୍ରୋ ବାଓଲୋଜିଷ୍ଟ ଡା. ସୋମ୍ୟ ସ୍ୱସ୍ତିକ ସାହୁ ଯୋଗଦେଇ ୧୧୬ଜଣ ରୋଗୀଙ୍କ ଚିକିତ୍ସା କରିବା ସହିତ ଔଷଧ ବଣ୍ଟନ କରିଥିଲେ। ଶିବିରରେ କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, କମିଟି ସଭ୍ୟ ରଞ୍ଜନ ସିଂହ, ମନୋଜ ପରିଧା, ସୋମ୍ୟରଞ୍ଜନ ସିଂହ, ଅରୂପ ବେହେରା, ସୁରେନ୍ଦ୍ର ମହାରଣା, ଦିଲୀପ ସାମନ୍ତସିଂହାରଙ୍କ ସମେତ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ। ରାଜ୍ୟସ୍ତରୀୟ ମୁକ୍ତନାଟକ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟାରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। ତୃତୀୟ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଶ୍ରୀମନ୍ତ ମହାପାତ୍ର ଏବଂ ସଭାପତି ପ୍ରିୟମ୍ବଦା ବେହେରା କହିଛନ୍ତି।

# ବିହୁ, ଡାଲ୍‌ଖାଇ ନୃତ୍ୟ ମନ ମୋହିଲା

## ଜିଲାସ୍ତରୀୟ ବିକାଶ ମେଳାର ୪ର୍ଥ ସନ୍ଧ୍ୟା

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ହାବେଳି ପଡ଼ିଆରେ ଗତ ୧୨ତାରିଖରୁ ଆରମ୍ଭ ହୋଇଥିବା ବର୍ଷେ ଏକ ଉପଲବ୍ଧି ଅନେକ, ଜିଲାସ୍ତରୀୟ ବିକାଶ ମେଳା ଏବଂ ପାରମ୍ପରିକ ଖାଦ୍ୟମେଳାର ଚତୁର୍ଥ ଦିବସରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିରେ ଦର୍ଶକଙ୍କୁ ମନୋରଞ୍ଜନ ସହ ସମାଜ ଗଠନରେ ପ୍ରତ୍ୟେକ ନାଗରିଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ ନିମନ୍ତେ ସାମାଜିକ ବାର୍ତ୍ତା ରହିଥିଲା। ସେହିପରି ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟାୟନ ପକ୍ଷରୁ ମାଳବିକା ଦାସ ଓ ସାଥୀ ବିହୁ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ଓ ଓଡ଼ିଶୀ ଭଜନ ପରିବେଷଣ କରିଥିଲେ। ସମ୍ବଲପୁର ପଞ୍ଚବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଡାଲ୍‌ଖାଇ, ସୀଙ୍ଗାରି ଧାପା ନୃତ୍ୟ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମରେ ହିମାଂଶୁ ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।



ଜିଲାସ୍ତରୀୟ ବିକାଶ ମେଳାର ୪ର୍ଥ ସନ୍ଧ୍ୟାରେ ନୃତ୍ୟ ପରିବେଷଣ କରାଯାଉଛି।

# ଆକର୍ଷଣ ସାଜିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ରାଧାବଲ୍ଲଭ ଆମ୍ରକାନନ ପରିସରରେ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଧଳାପଥର ରଜ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ନୃତ୍ୟଧାମ ଭୁବନେଶ୍ୱର ଏବଂ ରାଜସୁନାଖଳାର କଳାକାରଙ୍କ ନୃତ୍ୟରେ ଝୁମିଥିଲେ ଦର୍ଶକ। ନୃତ୍ୟରେ ପାର୍ବତୀଙ୍କ ଦଶରୂପ ପ୍ରଦର୍ଶନ କରାଯାଇଥିଲା। ରଜପର୍ବ ଓଡ଼ିଶାର ଗଣପର୍ବ। ବିଶେଷଭାବେ ମହିଳା ଓ ଝିଅମାନଙ୍କ ପର୍ବଭାବେ ଏହା ପରିଚିତ। ପ୍ରତ୍ୟେକ ଓଡ଼ିଆ ଏହି ପର୍ବକୁ ପାଳନ କରିଥାନ୍ତି। ଧଳାପଥରର ଏହି ମହୋତ୍ସବରେ ଦୋଳି ସହ ପୁଚି, ହୁଳହୁଳି, ମ୍ୟୁଜିକ ଚେୟାର, ଝୋଟିଆଦି ପ୍ରତିଯୋଗିତା ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁମନ୍ତ ସାହୁ, କାଠିଆ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିଥିଭାବେ ଧଳାପଥର ସରପଞ୍ଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ସୁରଜ ପ୍ରସାଦ ସୁବୁଦ୍ଧି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।



ଧଳାପଥର ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପାନ, ପିଠା ବାସ୍ନାରେ ମହକିଲା ଆମ୍ରକାନନ

## ବେଗୁନିଆ ରଜ ମହୋତ୍ସବର ଦ୍ୱିତୀୟ ଦିବସ

ବେଗୁନିଆ,୧୫।୬(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ଆୟୋଜିତ ରଜ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ କାର୍ଯ୍ୟକ୍ରମ ସଭିଙ୍କୁ ଉତ୍ସାହିତ କରିବା ସହ ନୂତନ ଦିଶା ଦେଇଛି। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ପଡ଼ିଆରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉପଦେଷ୍ଟା ତଥା ପ୍ରଧାନଶିକ୍ଷକ ଦିବାକର ସାହୁଙ୍କ ସଂଯୋଜନାରେ ଦଉଡ଼ିଡିଆଁ, ଅନ୍ତାକ୍ଷରୀ, ଅନ୍ଧପୁଡୁଳି ଆଦି ପ୍ରତିଯୋଗିତା କରାଯାଇଥିଲା। କୁମାରୀମାନଙ୍କ ଦ୍ୱାରା ତିଆରି ଭଳିକି ଭଳି ପିଠା ବାସ୍ନାରେ ପଡିଆ ମହକୁଥିଲା। ମିଠା ପାନ ଓ ପିଠାର ସ୍ୱାଦ, ଉପାଦେୟ ଏବଂ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ପ୍ରତିଯୋଗୀଙ୍କଠାରୁ ପଚାରି ବୁଝିଥିଲେ। ଚୟନ କରାଯାଇ ୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନର୍ମଦା ବରାଳ ପ୍ରଥମ, ମାଳତିଲତା ବେହେରା ଦ୍ୱିତୀୟ ଏବଂ ବନଲତା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷାବିତ୍ ଭାଗୀରଥି ପରିଡ଼ା, ପ୍ରତାପ କୁମାର ସାହୁ, ପ୍ରତିମା ଖାଡ଼ଙ୍ଗା ଏବଂ ସୁବାସିନୀ ଜେନା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଦ୍ୱିତୀୟ ସୋପାନରେ ସ୍ୱର୍ଗତ ଭକ୍ତି ଭୂଷଣ ତ୍ରିପାଠୀ ସ୍ମୃତି ସଂସଦ ଆନୁକୂଲ୍ୟରେ କୁନି ପିଲାଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଥିଲା। ପୁରୀରୁ ଆସିଥିବା ରେଣୁକା ସଙ୍ଗୀତ କଳାକେନ୍ଦ୍ର ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ପରେ ସାଇ ଆଲ୍‌ଫା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ଗୀତ ପରିବେଷଣ ହୋଇଥିଲା। ଆୟୋଜକ ଅନୁଷ୍ଠାନର ସଭାପତି ରଶ୍ମିଚାନ୍ଦ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଗଙ୍ଗାଧର ମାର୍ଥା, ଉପଦେଷ୍ଟା ତଥା ପ୍ରଧାନ ଶିକ୍ଷକ ଦିବାକର ସାହୁ, ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବଜ୍ରପାତରେ ଜଣେ ଗୁରୁତର**

ତେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)- ତେଲାଙ୍ଗ ବ୍ଲକ ଅଧୀନ ଗଡଭୁକ୍ଷା ଗ୍ରାମରେ ବଜ୍ରପାତ ଆଘାତରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କାଳନ୍ଦୀ ବେହେରା (୫୫)। ପ୍ରତିଦିନ ଭଳି ରବିବାର କାଳନ୍ଦୀ ଗାଈ ଓ ମେଣ୍ଢା ନେଇ ଗହୀରକୁ ଚରାଇବାକୁ ଯାଇଥିଲେ। ଅପରାହ୍ନ ୨ଟାବେଳେ ହଠାତ୍ କଳାହାଣ୍ଡିଆ ମେଘ ସହିତ ପବନ ଓ ଘଡ଼ଘଡ଼ି ହୋଇ ପ୍ରବଳ ବର୍ଷା ହୋଇଥିଲା। ହଠାତ୍ ବଜ୍ରପାତ ହେବାରୁ ସେ ଗହୀରରେ ଢଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଗୋଡ଼ ଓ ଆଖିରେ ଆଘାତ ଲାଗିଥିବାବେଳେ ସେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡ଼ିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



| ୧୫।୬।୨୦୨୫ | |
|---|---|
| | ୨,୩୨,୦୪୭ ଟଙ୍କା |
| ସୁନା | ୩୨୦ ମିଲିଗ୍ରାମ୍ |
| ରୁପା | ୧୬ ଗ୍ରାମ୍ |

## ସଂକ୍ଷେପରେ

### ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ

ସାକ୍ଷୀଗୋପାଳ,୧୫।୬(ଭରତ ରାଉତ)

ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ। ଏମିତି ଘଟଣା ଘଟିଛି ସତ୍ୟବାଦୀ ବ୍ଲକ ଅଧୀନ ନରେନ୍ଦ୍ରପୁର ପାଇକ ସାହି ଗାଁରେ। ରବିବାର ମଧ୍ୟାହ୍ନରେ ହଠାତ କଳାହାଣ୍ଡିଆ ମେଘ ଆକାଶରେ ଘୋଟି ଘଡ଼ଘଡ଼ି ସହ ବିଜୁଳି ମାରିଥିଲା। ଫଳରେ ନରେନ୍ଦ୍ରପୁର ପାଇକ ସାହି ତେରମାଣ ବଗିଚାରେ ଏକ ନଡ଼ିଆ ଗଛ ହୁତୁହୁତୁ ହୋଇ ଜଳି ଉଠିଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

### ବାପାଙ୍କୁ ଛୁରିରେ ଆକ୍ରମଣ, ପୁଅ ଗିରଫ

କୋଣାର୍କ,୧୫।୬(ଜ୍ୟୋତିରାଜ ମହାନ୍ତି)

ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଶନିବାର ସନ୍ଧ୍ୟାରେ ବାଲିକପିଳେଶ୍ୱର ଗ୍ରାମର ଧଡ଼ିଆ ମଲ୍ଲିକ ଓ ତାଙ୍କ ପୁଅ ଦିଲୀପ ମଲ୍ଲିକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପୁଅ ଦିଲୀପ ରାଗିଯାଇ ବାପାଙ୍କର ପେଟକୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୋପ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ରବିବାର ମେଡିକାଲ୍‌ରୁ ଫେରିବା ପରେ ରାମଚଣ୍ଡୀ ଥାନାରେ ପୁଅ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ରାମଚଣ୍ଡୀ ଥାନାରେ ୮୩/୨୫ରେ ଏକ ମାମଲା ରୁଜୁକରି ପୋଲିସ ଆସାମୀ ଦିଲୀପ ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ବଜ୍ରପାତରେ ୪ ଗାଈ ମୃତ

କଣାସ,୧୫।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ରବିବାର ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ୪ ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କ ପକ୍କାଘର ଫାଟିଯାଇଛି। ସୂଚନାଯୋଗ୍ୟ, ତ୍ରିଲୋଚନପୁର ପଞ୍ଚାୟତ କଣ୍ଟପଡ଼ା ଗ୍ରାମର ରବୀନ୍ଦ୍ର ଦାଶଙ୍କ ୨ ଗାଈ, ସୁକାନ୍ତ ବେହେରାଙ୍କର ୨ଟି ଗାଈ ଗ୍ରାମ ନିକଟରେ ଚରୁଥିବା ବେଳେ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି କାତପଡ଼ା ଗ୍ରାମର ପ୍ରମୋଦ ମହାପାତ୍ରଙ୍କ ପକ୍କାଘର ଫାଟି ଯାଇଥିବା ଜଣାପଡ଼ିଛି।

### ୬୧ଦିନ ପରେ ହଟିଲା ମାଛଧରା କଟକଣା

ଅସ୍ତରଙ୍ଗ,୧୫।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ମତ୍ସ୍ୟ ସଂରକ୍ଷଣକୁ ଆଖି ଆଗରେ ରଖି ଏପ୍ରିଲ୍ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ୬୧ ଦିନ ସମୁଦ୍ରରେ ମାଛ ଧରା ବନ୍ଦ ରହିଥିଲା। ୨ମାସ ଧରି ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯିବା ନେଇ କଟକଣା ଲାଗୁ ହୋଇଥିଲା। ଓଡ଼ିଶା ଉପକୂଳ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ମାଛ ଧରା ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସାଢ଼େ ୮ ମିଟର ଡଙ୍ଗାରେ କେବଳ ମାଛ ଧରାଯାଇପାରିବ ବୋଲି କୁହାଯାଇଥିଲା। ଏହି ସମୟରେ ମାଛଙ୍କର ପ୍ରଜନନ ଋତୁ ଆରମ୍ଭ ହେଉଥିବା ଯୋଗୁ ପ୍ରତିବର୍ଷ ଏହି ସମୟରେ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମତ୍ସ୍ୟଜୀବୀଙ୍କ ସମୁଦ୍ର ପ୍ରବେଶ ଉପରେ କଟକଣା ଲାଗୁ ହୋଇଥିଲା। ମୌସୁମୀ ଆସିବା ପୂର୍ବରୁ ମାଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥାଏ। ମାଛମାନେ ଏହି ସମୟରେ ଅନୁକୂଳ ପରିବେଶରେ ଅଣ୍ଡା ଦେଇଥାନ୍ତି। ମାଛ ବିକିବାକୁ ୩ରୁ ୪ ମାସ ଲାଗିଥାଏ। ଏହା ପୂର୍ବରୁ କଟକଣା ଶେଷ ହୋଇଯାଉଥିବାରୁ ମାଛର ଆକାର ବହୁତ ଛୋଟଥାଏ। ଏହି ସମୟରେ ସମୁଦ୍ରରେ ଟ୍ରଲର, ଗିଲେଟିନ, ଭୁଟୁଭୁଟି ଆଦି ଚଳାଚଳ ଆରମ୍ଭ ହୋଇଯାଏ, ଯାହାଦ୍ୱାରା ଲକ୍ଷାଧିକ ମାଛ ଓ ଯାଆଁଳ ମରିଯାଆନ୍ତି। ମତ୍ସଜୀବୀ ମାଛ ବଦଳରେ ଛୋଟ ମାଛ ଆଣିଥାନ୍ତି। କଟକଣା ହଟିବା ପରେ ଅସ୍ତରଙ୍ଗ ଅଞ୍ଚଳର ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି।

# ରଥଗୋଦାମରେ ରହିବ ରଥର ସଂରକ୍ଷିତ ଅଂଶ

ପୁରୀ,୧୫।୬(ଅଜିତ୍ କୁମାର ମହାନ୍ତି)

- ■ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ
- ■ ୮.୯ କୋଟି ବ୍ୟୟରେ ନିର୍ମାଣ ଚାଲିଛି ଗୋଦାମ

ମହାପ୍ରଭୁଙ୍କ ଘୋଷଯାତ୍ରା ଶେଷ ହେବା ପରେ ରଥତ୍ରୟକୁ ଭାଙ୍ଗିଦିଆଯାଇଥାଏ। ସେହିପରି ରଥର ସାରଥୀ, ଘୋଡ଼ା, ପାର୍ଶ୍ୱଦେବଦେବୀଙ୍କୁ ସୁରକ୍ଷିତ ଭାବେ ରଖାଯାଏ। ତେବେ କିଛିବର୍ଷ ହେବ ରଥ ଅଂଶଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଉ ନ ଥିବା ନେଇ ଅଭିଯୋଗ ହୋଇଆସୁଛି। ଏ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରଥଚକ ସମେତ ସମସ୍ତ ଅଂଶ ଗୋଟିଏ ସ୍ଥାନରେ ସଂରକ୍ଷିତ ରଖାଯିବ। ଏଥିଲାଗି ମଶାଣିଚଣ୍ଡୀଠାରେ ରଥଗୋଦାମ ନିର୍ମାଣ କରାଯାଉଛି।

ଅବଶ୍ୟ ଯୋଜନାରେ ଏହି ପ୍ରକଳ୍ପର ୮.୯ କୋଟି ଟଙ୍କା ବ୍ୟୟ ହେଉଛି। ୧୨ହଜାର ୫ଶହ ବର୍ଗଫୁଟ ଅଞ୍ଚଳରେ ଏହା ନିର୍ମିତ ହେଉଛି। ସମ୍ପ୍ରତି ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ ରଥ ଗୋଦାମ ନିର୍ମାଣ ପ୍ରକ୍ରିୟା ଦ୍ରୁତ ଗତିରେ ଚାଲିଛି। ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ପ୍ରମୁଖ ପ୍ରକଳ୍ପ ନିକଟକୁ ଯାଇ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ, ଗୁଣ୍ଡିଚା ମନ୍ଦିର ପରିସରରେ ପୁରୁଣା ରଥଚକ ରଖାଯାଇଥାଏ। ଏହା ଦୀର୍ଘଦିନ ପଡ଼ିରହି ଖରାବର୍ଷାରେ କ୍ଷତି ଦୟନୀୟ ହୋଇଯାଉଥିଲା। ପରବର୍ତ୍ତୀ ସମୟରେ ଏହାକୁ ଏକକାଳୀନ ନିଲାମ କରାଯାଇ ଭକ୍ତଙ୍କୁ ଯୋଗାଇ ଦିଆଯାଉଥିଲା। ସେହିପରି ରଥ ନିର୍ମାଣ ସାମଗ୍ରୀ ରହିବା ପାଇଁ ସ୍ୱତନ୍ତ୍ର ଜାଗା ନ ଥିବାରୁ ରଥର ଅନ୍ୟ ଅଂଶଗୁଡ଼ିକ ପୁରୁଷୋତ୍ତମ ଭକ୍ତ ନିବାସ ପଛପାର୍ଶ୍ୱରେ ରଖାଯାଉଛି। ଏହାବ୍ୟତୀତ ରଥ ଘୋଡ଼ା, ସାରଥୀ ଓ ପାର୍ଶ୍ୱଦେବଦେବୀ, ଶୁଆ, ଅଁଳା ଆଦି ଭିନ୍ନ ଭିନ୍ନ ସ୍ଥାନରେ ରଖାଯାଉଥିଲା। ଏସବୁ ପ୍ରତିବର୍ଷ ଗଢ଼ାଯାଏ ନାହିଁ, ବରଂ ପୁରୁଣା ଲଗାଯାଇଥାଏ। ଗୁଣ୍ଡିଚା ମନ୍ଦିର ପରିସରରେ ରଥ ଘୋଡ଼ା ରଖାଯାଏ। ନରେନ୍ଦ୍ର ମହଲା ନିକଟରେ ପାର୍କ ପରିସରରେ ସାରଥୀଙ୍କୁ ରଖାଯାଏ। ପାର୍ଶ୍ୱଦେବଦେବୀ ଓ ଶୁଆ ଆଦିଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଏ। ତେବେ ଅନେକ ସମୟରେ ସାମଗ୍ରୀଗୁଡ଼ିକୁ ଠିକ୍ ଭାବରେ ସଂରକ୍ଷଣ କରାଯାଉ ନ ଥିବା ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଅଭିଯୋଗ ହୋଇଆସୁଥିଲା। ଫଳରେ ଏନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚଳିତବର୍ଷ ପାର୍ଶ୍ୱ ଦେବତାଙ୍କୁ ଆରମ୍ଭକରି ରଥଚକ ପର୍ଯ୍ୟନ୍ତ ସବୁ ଅଂଶ ଗୋଟିଏ ସ୍ଥାନରେ ସଂରକ୍ଷିତ ରଖାଯିବ। ଫଳରେ ପବିତ୍ରତା ବଜାୟ ରହିବ। ଏଥିପାଇଁ ମଶାଣି ଚଣ୍ଡୀଠାରେ ଷ୍ଟିଲ ଷ୍ଟ୍ରକଚରରେ ରଥ ଗୋଦାମ ନିର୍ମାଣ ହେଉଛି। ଗୋଦାମ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ସମ୍ପର୍କରେ ଓବିସିସି କର୍ତ୍ତୃପକ୍ଷ ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ଚଳିତ ବର୍ଷଠାରୁ ଏହି ରଥ ଗୋଦାମର ଉପଯୋଗ କରାଯାଇ ଏଠାରେ ରଥ ଚକ ଓ ଅନ୍ୟ ରଥାଂଶ ରହିବା ନେଇ ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିଛନ୍ତି। ରଥ ଭଙ୍ଗାଯିବା ପରେ ସାରଥୀ, ଘୋଡ଼ା, ପାର୍ଶ୍ୱଦେବତା, ଅଁଳା, ଦଉଡ଼ି, ଗୁଜ, ଚକ, ଅଖୁଆରି ଆଦିକୁ ସେଇ ରଥ ଗୋଦାମକୁ ସ୍ଥାନାନ୍ତର କରାଯିବ। ସେଠାରେ ଏହାକୁ ସୁରକ୍ଷିତ ଓ ପବିତ୍ର ଭାବେ ସଂରକ୍ଷିତ କରାଯିବ। ଓବିସିସିର ଗିରିଜା ନାୟକ କହିଛନ୍ତି, ରଥ ଗୋଦାମ ଷ୍ଟିଲ ଷ୍ଟ୍ରକଚରରେ ନିର୍ମାଣ ଚାଲିଛି। ଚଳିତ ବର୍ଷ ନୀଳାଦ୍ରି ବିଜେ ବେଳକୁ ଏହା ପୂର୍ଣ୍ଣାଙ୍ଗ ହୋଇଯିବ। ଚଳିତବର୍ଷଠାରୁ ଏହାର ଉପଯୋଗ କରାଯିବ। ଦ୍ରୁତ ଗତିରେ ଏହାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ରଥ ଭଙ୍ଗା ହେବା ପରେ ଯେଉଁ ଜିନିଷଗୁଡ଼ିକ ସଂରକ୍ଷଣ କରି ରଖାଯାଇଥାଏ, ସେଗୁଡ଼ିକୁ ଚଳିତବର୍ଷଠାରୁ ଗୋଦାମ ଘରେ ରଖାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ମଶାଣିଚଣ୍ଡୀ ଠାରେ ଗୋଦାମଘର ନିର୍ମାଣ କରାଯାଉଛି। ଭକ୍ତମାନେ ସେଠାରୁ ଚକା କିଣି ନେଇପାରିବେ। ସେହିପରି ପ୍ରଶାସନର ଏହି ପଦକ୍ଷେପକୁ ଭୋଇ ସର୍ଦ୍ଦାର ରବି ଭୋଇ ସ୍ୱାଗତ କରିଛନ୍ତି।

## ରଥଖଳାରୁ...

### ୧୬ ନାଟଗୋଡ଼ରେ ରାହୁରୂପ ଖୋଦେଇ ଶେଷ



ରଥ କଳସ ପ୍ରସ୍ତୁତ କରାଯାଉଛି।

ପୁରୀ,୧୫।୬(ଅଜିତ୍ କୁମାର ମହାନ୍ତି)

ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକମାନେ ମିଶି ମୂଳ କଇଞ୍ଚି ବା ଚାରି ନାହାକା କଇଞ୍ଚି ଦୁଇଟି ଲେଖାଏ ରଥ ଉଭୟ ପାର୍ଶ୍ୱରେ ପଡ଼ିଛି। ଏହି କଇଞ୍ଚି ଚାରି ନାହାକା ଭିତର ଦୁଇପାର୍ଶ୍ୱରେ ଚାରି ନାହାକା ମୂଳରୁ ଗରଗରା ସହ କ୍ରସ୍ କରି ଫିଟିଙ୍ଗ ହୋଇଛି। ପାରା ଭାଡ଼ି ସହ ପୋଟଳ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କଳସରେ ପାଖୁଡ଼ା ସଂଯୋଗ ଶେଷହୋଇଛି। କଳସରେ ସିଲଭର ପାତ ଫିଟିଙ୍ଗ ପରେ କଳସ ରଙ୍ଗ କାର୍ଯ୍ୟ ଆରମ୍ଭ ହେବ। ତିନିରଥର ଦୁଆର ବେଢ଼ା ପାଇଁ ଚାରିଟି ଲେଖାଏ ଅଁଳା ନିର୍ମାଣ ଶେଷ ହୋଇଛି। ରଥ ବେଦି ସମ୍ମୁଖ ଭାଗକୁ ଛାଡ଼ି ତିନି ପାର୍ଶ୍ୱରେ ତାଗ ବା ବଟନ୍ ବାଡ଼ିଆ ଚାଲିଛି। ରୂପକାରସେବକମାନେ ତିନିରଥର ୩୨ଟି ନାଟଗୋଡ଼ ମଧ୍ୟରୁ ୧୬ଟିରେ ରାହୁ ରୂପ ବା କନ୍ଦର୍ପ ରୂପ ଖୋଦେଇ ସାରି ରଙ୍ଗ କାର୍ଯ୍ୟ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇ ବାକି ନାଟଗୋଧରେ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି, କୋଣଗୁଜ ଓ ପଟାଗୁଜରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥ ଶୁଆ ଫିଟିଙ୍ଗ ପାଇଁ କଣ୍ଟା ନିର୍ମାଣ କରୁଛନ୍ତି। ଦରଜିସେବକମାନେ ତିନିରଥ କନାରେ ଲେସ ଫିଟିଙ୍ଗ କରୁଛନ୍ତି।





କୋଣାର୍କ ରଜଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

## ସଚେତନତା କାର୍ଯ୍ୟକ୍ରମ

ପୁରୀ,୧୫।୬(ଅଜିତ୍ କୁମାର ମହାନ୍ତି)

ମାଇକ୍ରୋଫାଇନାନ୍ସ ଇଣ୍ଡଷ୍ଟ୍ରି ନେଟ୍‌ୱର୍କ (ଏମ୍‌ଏଫ୍‌ଆଇଏନ୍) ଆନୁକୂଲ୍ୟରେ ମାଇକ୍ରୋଫାଇନାନ୍ସ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏନ୍‌ଡିଏଫ୍‌ସି-ଏମ୍‌ଏଫ୍‌ଆଇ ପାଇଁ ଏକ ଜାତୀୟସ୍ତରୀୟ ସ୍ୱ-ନିୟାମକ ସଂସ୍ଥା ମାଇକ୍ରୋଫାଇନାନ୍ସ ଇଣ୍ଡଷ୍ଟ୍ରି ନେଟ୍‌ୱର୍କ ପକ୍ଷରୁ ଉକ୍ତ ସଚେତନତା କାର୍ଯ୍ୟକ୍ରମ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ସଞ୍ଚୟ, ନିବେଶ ଋଣ, ଋଣଭାର, ବଜେଟ ପ୍ରସ୍ତୁତ କରିବା, ଜାଲିଆତି ନିବାରଣ ଏବଂ ବୀମା ଆଦି ବିଷୟରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଏମ୍‌ଏଫ୍‌ଆଇଏନ୍‌ର ଆଞ୍ଚଳିକ ମୁଖ୍ୟ ହବିବ୍ ଶେଖ୍ ଉଦ୍‌ଘାଟନ କରି କହିଥିଲେ, ପୁରୀ ଜିଲାରେ କାର୍ଯ୍ୟ କରୁଥିବା ୫୦ଟି ମାଇକ୍ରୋଫାଇନାନ୍ସ କମ୍ପାନୀକୁ ଆର୍‌ବିଆଇ ନିୟନ୍ତ୍ରଣ କରିଥାଏ। ଭବିଷ୍ୟତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଏମ୍‌ଏଫ୍‌ଆଇଏନ୍ ଯୋଜନା କରିଛି। ତେବେ ଋଣ କାର୍ଡ ଥିବା ଗ୍ରାହକ ଅଭିଯୋଗ ସମାଧାନ ଫୋନ ନମ୍ବରରେ ଅଭିଯୋଗ ପଞ୍ଜୀକରଣ କରିବା ସହ ଟୋଲ୍ ଫ୍ରି ନମ୍ବରକୁ ମଧ୍ୟ କଲ୍ କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ମ୍ୟାନେଜର କିଶୋର କୁମାର ଆଚାର୍ଯ୍ୟ ଏବଂ ଜିଲା ଡେଭେଲପ୍‌ମେଣ୍ଟ ମ୍ୟାନେଜର ସସ୍ମିତା ପୃଷ୍ଟି ବିଭିନ୍ନ ସଚେତନ ଉପରେ ମତ ଦେଇଥିଲେ। ଉଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ସହଯୋଗରେ ଏମ୍‌ଏଫ୍‌ଆଇଏନ୍ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା।

# ଭଗବତୀ ପୀଠରେ ରଜ ଉତ୍ସବ

କୋଣାର୍କ,୧୫।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ପ୍ରସିଦ୍ଧ ଦେବୀ ମା' ଭାଗବତୀଙ୍କ ପୀଠରେ ସାମାଜିକ ସଙ୍ଗଠନ ଅର୍କଶ୍ରୀ ଆନୁକୂଲ୍ୟରେ ୨୫ତମ ରଜ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଶିଶୁ ପତ୍ରିକା ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଓ ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ରଜର ମାହାତ୍ମ୍ୟ ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ରଜ ଉତ୍ସବ ପରିପ୍ରେକ୍ଷୀରେ ସତ୍ୟ ସାଇ ସେବା ସମିତି ପକ୍ଷରୁ ରଜ ପ୍ରେମୀଙ୍କୁ ଦହି ସର୍ବତ ବଣ୍ଟା ଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ଭଗବତୀ ପୀଠରେ ରଜପ୍ରେମୀ ମହିଳା, କୁମାରୀ ଓ କୁମାରମାନେ ରଜ ଦୋଳିର ମଜା ନେଇଥିଲେ। ଏହି ପରିପ୍ରେକ୍ଷୀରେ ଚେତନା ଧର୍ମୀ ରଜ ଗୀତ, ସଂସ୍କୃତି ଧର୍ମୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ଅର୍କଶ୍ରୀର ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ସାଇଁ, ସୁଦର୍ଶନ ମଲ୍ଲିକ, ସବିତା ରଥ, ଗନ୍ଧର୍ବ ସେନାପତି, ପଞ୍ଚାନନ ସ୍ୱାଇଁଙ୍କ ସମେତ ସଙ୍ଗଠନର ମହିଳା କର୍ମକର୍ତ୍ତା ପରିଚାଳନା କରିଥିଲେ। ବରିଷ୍ଠ ସାମାଜିକକର୍ମୀ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଆଜି ମହାପ୍ରଭୁଙ୍କୁ ଲାଗିହେବ ଫୁଲୁରି ତେଲ

ପୁରୀ,୧୫।୬(ଅଜିତ୍ କୁମାର ମହାନ୍ତି)

ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ଅଣସର ଘରେ ଏବେ ଶ୍ରୀବିଗ୍ରହଙ୍କ ଗୁପ୍ତ ସେବା ଚାଲିଛି। ଅଣସର ଦ୍ୱିତୀୟ ଦିନରେ ଦଇତାପତି ସେବକମାନେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରୁ ଓଦାବସ୍ତ୍ର ଓଲାଗି କରିଥିବାବେଳେ ଚତୁର୍ଥ ଦିନରେ ରବିବାର ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ ହୋଇଛି। ଏହା ଏକ ଗୁପ୍ତନୀତି। ଅଣସରର ପଞ୍ଚମ ଦିନରେ ସୋମବାର ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗିହେବ। ଏହି ଫୁଲୁରି ତେଲ ବଡ଼ଓଡ଼ିଆ ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶି ତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ମାଟିପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ଅଣସର ପଞ୍ଚମୀ ଦିନ ତେଲକୁ ଛଣାଯାଇ ସେଥିରେ

**ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ**

ବିଭିନ୍ନ ପ୍ରକାର ସୁଗନ୍ଧୀୟ ଦ୍ରବ୍ୟ ଓ ଫୁଲ ପକାଯାଇ ଫୁଲୁରି ତେଲ ପ୍ରସ୍ତୁତ କରି ବଡ଼ ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ଅପରାହ୍ନରେ ମଠରୁ ହାଣ୍ଡିରେ ୬ସେର ଫୁଲୁରି ତେଲ ଶ୍ରୀମନ୍ଦିରକୁ ବିଜେ କରାଯାଏ। ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଅଣସର ଘର ଦ୍ୱାର ବା ବେହେରଣ ଦ୍ୱାର ଖୋଲାଯାଏ। ପରେ ଅଣସର ନୀତି ଆରମ୍ଭ ହୋଇଥାଏ। ପତିମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇବେ। ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଫୁଲୁରି ତେଲ ଲାଗି ହେବା ପରେ ଶ୍ରୀବିଗ୍ରହମାନେ କିଛିମାତ୍ରାରେ ସୁସ୍ଥତା ଅନୁଭବ କରିଥାନ୍ତି।

# ୪.୫୦ କୋଟି ଟଙ୍କାରେ ନିର୍ମାଣ ହେବ ୭ ମେଗା ଡ୍ରେନ୍

ନିମାପଡ଼ା,୧୫।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ପକ୍ଷରୁ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ୱାର୍ଡରେ ୭ଟି ମେଗା ଡ୍ରେନ ଖୁବ୍‌ଶୀଘ୍ର ନିର୍ମାଣ ହେବ। ଏହି ନୂତନ ପ୍ରକଳ୍ପ ପାଇଁ ଏନ୍‌ଏସି ପକ୍ଷରୁ ଅନୁମୋଦନ ହୋଇ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇସାରିଛି। ଖୁବ୍‌ଶୀଘ୍ର ଏହି ନୂତନ ମେଗାଡ୍ରେନ ନିର୍ମାଣ ପାଇଁ ପରିଷଦ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ସୂଚନା ଦେଇଛନ୍ତି। ବଡ଼ ବଜାର ମହେନ୍ଦ୍ର ସିଂ ଭାଟିଆଙ୍କ ଦୋକାନଠାରୁ ନିତ୍ୟାନନ୍ଦ ସାହୁ ଦୋକାନ ପର୍ଯ୍ୟନ୍ତ, କପିଳେଶ୍ୱର ମନ୍ଦିରଠାରୁ ଧର୍ଜନ ମୁହାଣ ପର୍ଯ୍ୟନ୍ତ, କଆକଣ୍ଟା ଗ୍ରାମଠାରୁ ଶ୍ମଶାନ ପର୍ଯ୍ୟନ୍ତ, ଗଡ଼ଅଣ୍ଡିଆ ଗ୍ରାମଠାରୁ ଗୁପ୍ତା ଯୋର, ପିଏଚ୍‌ଡି ପମ୍ପ୍ ହାଉସ୍‌ଠାରୁ ନୂଆ ପୋଖରୀ ସାଇଫନ, ସ୍ୱାଧୀନ କଲୋନୀରୁ ଭାୟା ଭୁବନପୁର, ନୂଆ ପୋଖରୀ ଆଦି ସ୍ଥାନରେ ଏହି ୭ଟି ନୂତନ ମେଗା ଡ୍ରେନ ନିର୍ମାଣ ହେବ। ଏହି ଡ୍ରେନ ନିର୍ମାଣ ହେଲେ ଏନ୍‌ଏସି ଅଞ୍ଚଳରେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ସମସ୍ୟାର ଖୁବ୍‌ଶୀଘ୍ର ଅନ୍ତ ଘଟିବ ବୋଲି ଜଣାପଡ଼ିଛି। ନିଜେ ଉପମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ନିର୍ମାଣ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନର ବ୍ୟବସ୍ଥା କରିସାରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିମାପଡ଼ା ଏନ୍‌ଏସି ଖୁବ୍‌ଶୀଘ୍ର ଏକ ବିକଶିତ ଏନ୍‌ଏସିରେ ରୂପାନ୍ତରିତ ହେବ ଓ ରାଜ୍ୟରେ ଏକ ଅଗ୍ରଣୀ ଏନ୍‌ଏସିର ମାନ୍ୟତା ପାଇବାକୁ ଯାଉଛି। ଏନ୍‌ଏସିର ବିକାଶ ରଥରେ ସମସ୍ତ ପୌରବାସୀ ସାରଥି ହୋଇ ସାମିଲ ହେବାକୁ ଉପମୁଖ୍ୟମନ୍ତ୍ରୀ ସମସ୍ତ ପୌରବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

## ମା' ଦକ୍ଷିଣକାଳୀଙ୍କୁ ଦର୍ଶନ କଲେ ପିସିସି ସଭାପତି

ସାକ୍ଷୀଗୋପାଳ,୧୫।୬(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ରଜ ସଂକ୍ରାନ୍ତି ଅବସରରେ ରବିବାର ପିସିସି ସଭାପତି ଭକ୍ତଚରଣ ଦାସ ବୀରଗୋବିନ୍ଦପୁର ଗ୍ରାମର ପ୍ରସିଦ୍ଧ ତନ୍ତ୍ରପୀଠ ମା'ଦକ୍ଷିଣକାଳୀଙ୍କୁ ଦର୍ଶନକରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ପୂର୍ବାହ୍ନରେ ଶତାଧିକ କଂଗ୍ରେସ କର୍ମୀଙ୍କ ଗହଣରେ ଦାସ ବୀରଗୋବିନ୍ଦପୁର ଗ୍ରାମରେ ଚାଲିଚାଲି ଦକ୍ଷିଣକାଳୀଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହିତ ପୁରୀ ଜିଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ ମିଶ୍ର, ସତ୍ୟବାଦୀ କଂଗ୍ରେସ ନେତା ମନୋଜ ରଥ, ପ୍ରଭାତ ପୁରି, କାଳୁ ପାଣି, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଦିନମଜୁରିଆଙ୍କ ପୁଅ ହେବେ ଡାକ୍ତର

**ପରିଶ୍ରମ ଆଗରେ ହାର ମାନିଲା ଦାରିଦ୍ର୍ୟ**

କାକଟପୁର/ଅସ୍ତରଙ୍ଗ,୧୫।୬ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦିନମଜୁରିଆଙ୍କ ପୁଅ ହେବେ ଡାକ୍ତର। ପୁଅ ନିଟ୍‌ପରୀକ୍ଷାରେ ପାସ କରିଛି। ପୁଅ ଡାକ୍ତରୀ ପଢ଼ିବ ଜାଣି ମା'ଙ୍କ ଖୁସି କହିଲେ ନ ସରେ। ପୁଅ ସହ ସେମାନଙ୍କର ବିବର୍ଷ ବର୍ଷର କଠିନ ପରିଶ୍ରମ ସାକାର ହୋଇଛି। ସେମାନଙ୍କ ଆଖିରେ ଆଖିଏ ସ୍ୱପ୍ନ ଥିଲେ ମଧ୍ୟ ପାଖରେ ଅର୍ଥର ଅଭାବ ରହିଛି। ଏପରି ଏକ ଘଟଣା କାକଟପୁର ବ୍ଲକ ବାଜପୁର ଗାଁରେ ଦେଖିବାକୁ ମିଳିଛି। ବାଜପୁର ଗାଁର ଅଲେଖ ଚନ୍ଦ୍ର ବେହେରା ଓ ଶାନ୍ତିଲତା ବେହେରାଙ୍କ ପୁଅ ରଘୁନାଥ ବେହେରା ଚଳିତ ବର୍ଷ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଫଳରେ ସର୍ବଭାରତୀୟସ୍ତରରେ ତାଙ୍କ ର୍‍ୟାଙ୍କ ୪,୪୭୮ ରହିଥିବା ବେଳେ କାଟେଗୋରିସ୍ତରରେ ୩ ନଂ.ରେ ରହିଛନ୍ତି। ଦିନ ମଜୁରି ଲାଗିଲେ ପରିବାର ମୁହଁରେ ଦାନା ଦେଉଥିବା ଅଲେଖ ବେହେରାଙ୍କ ନିକଟରେ ସମ୍ବଳ ବୋଲି କିଛି ନାହିଁ। ପୂର୍ବରୁ ପରିବାର ଚଳାଇବାକୁ ପାମ୍ପଡ଼ ଓ ଆଇସକ୍ରିମ ବିକ୍ରି କରୁଥିବା ବେଳେ କୋଭିଡ୍ ପରଠାରୁ କାକଟପୁର ଅଞ୍ଚଳର ଏକ ମିଷ୍ଟାନ ଭଣ୍ଡାରରେ କାମ କରୁଛନ୍ତି। ବହୁକଷ୍ଟରେ ଅର୍ଥ ରୋଜଗାର କରି ପୁଅକୁ ନିଟ୍ କୋଚିଂ ଦେଇଥିଲେ। ପୁଅ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିବା ଖୁସି ସହ ସେମାନଙ୍କ ମଧ୍ୟରେ ଅର୍ଥ ଯୋଗାଡ଼ ନେଇ ଚିନ୍ତା ବଢ଼ି ଯାଇଛି। ପୁଅକୁ ଡାକ୍ତର ଭାବେ ଦେଖିବା ନିମନ୍ତେ ମନରେ ଅଦ୍ୟମ ଇଚ୍ଛା ଥିଲେ ବି କିପରି ଖର୍ଚ୍ଚ ତୁଲାଇବେ ତାହାକୁ ନେଇ ଏବେ ଚିନ୍ତାରେ।

ଏନେଇ ରଘୁନାଥ କହିଛନ୍ତି, ପିଲା ବେଳୁ ଡାକ୍ତର ହେବାକୁ ଇଚ୍ଛା ଥିଲା। ତେଣୁ ପାଠପଢ଼ାରେ ମନ ଦେଉଥିଲି। ମାତ୍ର କୋଚିଂ ନିମନ୍ତେ ବାପା-ମା'ଙ୍କ ନିକଟରେ ଅର୍ଥର ଘୋର ଅଭାବ ଥିଲା। ତେଣୁ କଷ୍ଟେ ମଷ୍ଟେ କୋଚିଂ ନେଇ ନିଜକୁ ପ୍ରସ୍ତୁତ କରୁଥିଲି। ଏଥିନିମନ୍ତେ ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ଶେଷରେ ମେଡିକାଲ୍ ସିଟ ପାଇଥିଲେ ବି କିପରି ପାଠ ପଢ଼ିବି, ଟଙ୍କା କେଉଁଠୁ ଆସିବ ସେ ଚିନ୍ତା ମୋତେ ଓ ମୋ' ବାପାମା'ଙ୍କୁ ଘାରିଛି। ପୁଅର ସ୍ୱପ୍ନପୂରଣ ପାଇଁ ସରକାର କିଛି ସହାୟତା ଯୋଗାଇଦେବାକୁ ରଘୁନାଥଙ୍କ ମାତାପିତାଙ୍କ ସହ ସମ୍ପର୍କୀୟମାନେ ଦାବିଜଣାଇଛନ୍ତି।



ମା' ବାପାଙ୍କ ସହ ପୁଅ ରଘୁନାଥ ବେହେରା

**ଅଲାରନାଥଙ୍କ ଅନବସରର ଚତୁର୍ଥ ଦିନ**

# ବର୍ଷାରେ ଭିଜି ଦର୍ଶନ ପାଇଁ ଅପେକ୍ଷା

ବ୍ରହ୍ମଗିରି,୧୫।୬(ସ୍ୱାଧୀନ ଚମ୍ପତିରାୟ)

ଦାରୁବ୍ରହ୍ମ ଅନବସର ପିଣ୍ଡିରେ ଗୁପ୍ତ ପୂଜା ପାଉଥିବା ସମୟରେ ଗୁରୁବାରଠାରୁ ବ୍ରହ୍ମଗିରି ଅଲାରନାଥ ମନ୍ଦିରରେ ଆରମ୍ଭ ହୋଇଛି ଅନବସର ଦର୍ଶନ। ଏହି ଅନବସର ଦର୍ଶନ ରବିବାର ଚତୁର୍ଥ ଦିନରେ ପହଞ୍ଚିଛି। ମହାପ୍ରଭୁ ଅଲାରନାଥଙ୍କ ଏହି ଅନବସର ଦର୍ଶନ କରିବା ପାଇଁ ପ୍ରତ୍ୟେକ ଦିନ ଭକ୍ତଙ୍କ ଭିଡ଼ ଲାଗିଛି । ଦାରୁ ବ୍ରହ୍ମଙ୍କ ପରିବର୍ତ୍ତେ ମହାପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି କୃତାର୍ଥ ହେବା ପରିବର୍ତ୍ତେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଭକ୍ତ ଏଠାରୁ ତିକ୍ତ ଅନୁଭୂତି ନେଇ ଫେରୁଥିବାର ଦେଖିବାକୁ ମିଳୁଛି। ରବିବାର ଅଲାରନାଥ ମନ୍ଦିରରେ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସିଂହଦ୍ୱାରଠାରୁ ଅଲାରପୁର ଗାଁ ଅର୍ଥାତ ପ୍ରାୟ ୧ କି.ମି. ପର୍ଯ୍ୟନ୍ତ ଧାଡ଼ି ଲମ୍ବି ରହିଥିଲା। ମୁଣ୍ଡଫଟା ଖରା ସାଙ୍ଗକୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରି ରହିବାକୁ ପଡୁଥିଲା। ଅପରାହ୍ନରେ ହଠାତ୍ ପାଗର ପରିବର୍ତ୍ତନ ହୋଇ ବର୍ଷା ହୋଇଥିଲା। ଭକ୍ତମାନେ ଖରାସାଙ୍ଗକୁ ବର୍ଷାମାଡ଼ ଖାଇ ଆବର୍ଜନା ପାଣିରେ ଠାକୁରଙ୍କ ଦର୍ଶନ ପାଇଁ ଧାଡ଼ିରେ ଯାଇ ଦର୍ଶନ କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରି ଧାଡ଼ିରେ ଆସି ମନ୍ଦିର ଦ୍ୱାର ପାଖରେ ପହଞ୍ଚିଲା ବେଳକୁ ଭିଆଇପି ଦର୍ଶନ ସେମାନଙ୍କୁ ଆହୁରି ବ୍ୟଥିତ କରିପକାଏ।



ଭକ୍ତମାନେ ଅଲାରନାଥଙ୍କ ଦର୍ଶନ ପାଇଁ ବର୍ଷାରେ ଭିଜି ଧାଡ଼ିରେ ଛିଡ଼ା ହୋଇଛନ୍ତି।

ମନ୍ଦିରରେ କୌଣସି ଭିଆଇପି ଦର୍ଶନର ବ୍ୟବସ୍ଥା ନ ଥିବା ସମୟରେ ସେବାୟତଙ୍କ ସମ୍ପର୍କୀୟଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଏହାର ସୁଯୋଗ ନେଇ ପ୍ରଶାସନ ଓ ପୋଲିସର କୋହଳ ମନୋଭାବ ଯୋଗୁ ଭିଆଇପି ଧାଡ଼ିରେ ହଜାର ହଜାର ଭକ୍ତ ଦର୍ଶନ କରୁଛନ୍ତି। ଫଳରେ ସାଧାରଣ ଭକ୍ତଙ୍କୁ ଦର୍ଶନ କରିବାକୁ କଷ୍ଟକର ହୋଇପଡୁଛି। ଏଥିରେ ସାଧାରଣ ଭକ୍ତମାନେ ପ୍ରତିବାଦ କଲେ ପୋଲିସଠାରୁ ତଣ୍ଟିଆ ଖାଇବାକୁ ପଡୁଛି। ପ୍ରଶାସନର ଅବ୍ୟବସ୍ଥା ଓ ପୋଲିସ କର୍ମଚାରୀଙ୍କ ଏଭଳି ବ୍ୟବହାରକୁ ନେଇ ଦୂରଦୂରାନ୍ତରୁ ଶ୍ରଦ୍ଧାର ସହିତ ଆସୁଥିବା ଭକ୍ତ ତିକ୍ତ ଅନୁଭୂତି ନେଇ ଫେରୁଛି। ଏଭଳିକି ତାଙ୍କ ପାଟିରୁ ବାହାରୁଛି ଆଉ ଅଲାରନାଥ ଆସିବାନି।

କଟକରୁ ଆସିଥିବା ଉଦୟନାଥ ଦାସ କୁହନ୍ତି, ପ୍ରାୟ ୩ ଘଣ୍ଟା ଧରି ଆମ ପରିବାର ସହ ଧାଡ଼ିରେ ବର୍ଷାରେ ଭିଜି ଭିଜି ମନ୍ଦିର ପାଖରେ ପହଞ୍ଚିଲୁ। କିନ୍ତୁ ଆମକୁ ଅଟକାଇ ସଙ୍ଗେ ସଙ୍ଗେ ଆସୁଥିବା ଭିଆଇପି ଧାଡ଼ିର ଲୋକମାନଙ୍କୁ ଛାଡୁଛନ୍ତି। ଠାକୁରଙ୍କ ପାଖରେ ସମସ୍ତେ ସମାନ। ପ୍ରଶାସନର ଏଭଳି ପାତର ଅନ୍ତର ନୀତି ଭଲ ନୁହେଁ। ବ୍ରହ୍ମପୁରରୁ ଆସିଥିବା ଦୁର୍ଗାପ୍ରସାଦ କହିଛନ୍ତି, ଆମ ପାଖରେ ପଇସା ନାହିଁ ବୋଲି ଆମେ ୨/୩ ଘଣ୍ଟା ଧାଡ଼ିରେ ଛିଡ଼ାହୋଇ ଆସିବୁ। ଯାହା ପାଖରେ ପଇସା ଅଛି, ସେମାନେ ସଙ୍ଗେ ସଙ୍ଗେ ଠାକୁରଙ୍କୁ ଦର୍ଶନ କରୁଛନ୍ତି। ଏଥିରେ ଯିଏ ପ୍ରତିବାଦ କରୁଛି ତାକୁ ପୋଲିସଠାରୁ ତଣ୍ଟିଆ ଖାଇବାକୁ ପଡୁଛି। ଆମ ପାଖରେ ପଇସା ହେଲେ ଆଉ କେବେ ଆସିବୁ। ଭକ୍ତମାନଙ୍କୁ ଦୁର୍ବ୍ୟବହାର ସମ୍ପର୍କରେ ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ କହିଛନ୍ତି, ଭିଡ଼ ସମୟରେ ଭିଡ଼ ନିୟନ୍ତ୍ରଣ କରିବାକୁ ଏଭଳି ଛୋଟମୋଟ ଭୁଲ୍ ହୁଏ। ଏହାକୁ କେହି ଜାଣି ଶୁଣି କରି ନ ଥାନ୍ତି।

**ଫାର୍ସାରେ ଆକ୍ରମଣ ଘଟଣାରେ ଜଣେ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଥାନା ଅଧୀନ ବଡ଼ପଦାଗାଁରେ ଶନିବାର ରଜ ଉତ୍ସବରେ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ସେହି ଗ୍ରାମର ସାଗର ବାରିକ୍(୨୫)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନାନୁଯାୟୀ, ପୂର୍ବ ଶତ୍ରୁତାକୁ ନେଇ ସାଗର ଏକ ଫାର୍ସାରେ ସେହି ଗ୍ରାମର କ୍ଷୀର ବାରିକଙ୍କୁ ଆକ୍ରମଣ କରିଥିଲେ। କ୍ଷୀର ଗୁରୁତର ଆହତ ହୋଇ କଟକ ବଡ଼ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଅଭିଯୋଗ ପାଇ ପୋଲିସ ୩୪୩/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା, ୨ ମୃତ

ମଙ୍ଗୁଳି-ଜଗତପୁର,୧୫।୬(ମାନସ ସାମଲ)

ଜଗତପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ୨ଟି ସ୍ଥାନରେ ଶନିବାର ରାତ୍ରିରେ ସଡ଼କ ଦୁର୍ଘଟଣା ଘଟି ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି ଓ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ମାହାଙ୍ଗା ଥାନା ଅଧୀନ ନହଙ୍ଗା ଗ୍ରାମର ଦେବେନ୍ଦ୍ର ମଲ୍ଲିକ (୩୭) ଓ ଜଗତପୁର ଥାନା ଅଧୀନ ଭୈରିପୁର ଗ୍ରାମର ଲିପୁନ ରାଉତ (୨୯)। ଏନେଇ ଦେବେନ୍ଦ୍ରଙ୍କ ବାପା ଗୌରାଙ୍ଗ ମଲ୍ଲିକ ଓ ଲିପୁନଙ୍କ ଭାଇ ଦିପୁନ ରାଉତଙ୍କ ଅଭିଯୋଗ କ୍ରମେ ପୋଲିସ ୪୦୫/୨୫, ୪୦୪/୨୫ରେ ୨ଟି ପୃଥକ୍ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଉଭୟ ଘଟଣାର ଚାଳକ ଫେରାର ଅଛନ୍ତି।

### ଟ୍ରକ ଧକ୍କାରେ ଖସିପଡ଼ିଲା ହାଇଟ୍ ଗଜ

କଟକ,୧୫।୬(କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ନିକଟ ରେଲୱେ ଓଭରବ୍ରିଜ ପୂର୍ବରୁ ୧୬ ନମ୍ବର ଜାତୀୟ ରାଜପଥରେ ଲାଗିଥିବା ହାଇଟ ଗଜ୍ ଏକ ଟ୍ରକ ଧକ୍କାରେ ରବିବାର ସନ୍ଧ୍ୟାରେ ଖସିପଡ଼ିଛି। ଟ୍ରକ ହାଇଟ ଗଜ୍‌କୁ ଧକ୍କାଦେଇ ଖସି ପଳାଇଯିବାବେଳେ ରାସ୍ତା ଉପରେ ଖସିପଡ଼ିଥିବା ହାଇଟ୍ ଗଜ ଯୋଗୁ ଟ୍ରାଫିକ ଜାମ୍ ହୋଇଥିଲା। କଟକରୁ ଜଗତପୁର ଅଭିମୁଖେ ଯାନବାହନ ଚଳାଚଳ ପ୍ରାୟ ଘଣ୍ଟାଏ ଧରି ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ମଧୁପାଟଣା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ରେଲୱେ ଅଧିକାରୀଙ୍କୁ ଜଣାଇଥିଲା। କ୍ରେନ୍ ଦ୍ୱାରା ହାଇଟ ଗଜ୍‌କୁ ରାସ୍ତାରୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ପୋଖରୀରେ ବୁଡ଼ି ଦିବ୍ୟାଙ୍ଗ ମୃତ

ବାଙ୍କୀ,୧୫।୬(ଶୁଭେନ୍ଦୁ ମହାପାତ୍ର)

ପୋଖରୀରେ ବୁଡ଼ିଯିବାରୁ ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତସ୍ଥିତ ତେନ୍ତୁଳିଆ ଗ୍ରାମର ଜଣେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦ ଚନ୍ଦ୍ର ନାୟକ (୫୦)। ଗୋବିନ୍ଦ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧେଇ ସାରି ଉପରକୁ ଆସୁଥିବା ବେଳେ ଖସି ପଡ଼ିବାରୁ ପାଣିରେ ବୁଡି ଯାଇଥିଲେ। ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଦମକଳ ଗାଡ଼ିରେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଗୋବିନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଜୁଆଆଡ୍ଡାରେ ଚଢ଼ାଉ, ୫ ଗିରଫ

ଚୌଦ୍ୱାର,୧୫।୬(ଆଶୁତୋଷ ଦାସ)

ରଜ ପର୍ବ ଅବସରରେ ବିଭିନ୍ନ ସ୍ଥାନରେ ଜୁଆଖେଳ ଚାଲିଥିବା ଖବର ପାଇ ଚୌଦ୍ୱାର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ମିର୍ଜାପୁରର ପଞ୍ଚାନନ ସାହୁ (୫୫), ସଲେପୁର ଥାନା ମାଳଲେଖନପୁରର ରଞ୍ଜିତ ଲେଙ୍କା(୩୬), ଚୌଦ୍ୱାର ନୂଆବଣିଆସାହିର କିଶୋର ମହାରଣା(୪୦), ପ୍ରତାପ ଚନ୍ଦ୍ର ବାରିକ(୩୮) ଓ ରବୀନ୍ଦ୍ର ମହାରଣା (୨୨)। ସେମାନଙ୍କ ନିକଟରୁ ନଗଦ ୩, ୭୬୦ଟଙ୍କା ଓ ତାସମୁଠା ଜବତ କରାଯାଇଛି। ଏମାନେ ଚୌଦ୍ୱାର ମଙ୍ଗଳାସାହି ନିକଟ ଚାଟେଶ୍ୱର ଶ୍ମଶାନ ପିଣ୍ଡିରେ ଜୁଆ ଖେଳୁଥିବାବେଳେ ଖବରପାଇ ପୋଲିସ ଚଢ଼ାଉ କରିଥିଲା।

### ୨ ହାଇୱା ଧକ୍କା, ଜଣେ ମୃତ

ଖୁଣ୍ଟୁଣୀ,୧୫।୬(ସଚ୍ଚିଦାନନ୍ଦ ପଣ୍ଡା)

ପ୍ରଥମ ରଜର ପ୍ରାତଃ ୪ଟା ୩୦ରେ ୫୫ ନଂ. ଜାତୀୟ ରାଜପଥରେ ୨ ହାଇୱା ବାଲି ନିକଟ ବଉଳଠାରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ମେରାମୁଣ୍ଡଳୀର ଦିଲ୍ଲୀପ ନାଏକ। ଅନ୍ୟଜଣେ ଚାଳକ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଗୁରୁଡ଼ିଝାଟିଆ ଥାନା ଆଇଆଇସି ତପନ କୁମାର ପତି କହିଛନ୍ତି। ଏଥିସହ ୨ ହାଇୱାକୁ ଜବତ କରି ପୋଲିସ ୧୦୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗରୁଡ଼ଗାଁ, କନ୍ହେଇପୁରରେ ହାତୀ ଆତଙ୍କ

ମଙ୍ଗୁଳି-ଜଗତପୁର,୧୫।୬(ମାନସ ସାମଲ)

**ଆକ୍ରମଣରେ ଜଣେ ଗୁରୁତର**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡ଼ଗାଁ ଓ କନ୍ହେଇପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଗତ କିଛି ମାସ ହେବ ନିଶାଯୁକ୍ତ ବର୍ଜ୍ୟଜଳ ପିଇ ହାତୀ ଆତଙ୍କ ଦେଖାଦେଇଛି। ଏଭଳି ଏକ ଘଟଣା କନ୍ହେଇପୁର ଗ୍ରାମ ପଞ୍ଚାୟତ ବଡ଼ପୋଖରୀ ଗ୍ରାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ଲକ୍ଷ୍ମୀଧର ବାନରା ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଘରୁ ବାହାରକୁ ଆସିଥିଲେ। ଘର ପାଖରେ ଛିଡ଼ା ହୋଇଥିବା ଏକ ଗୋଟିକିଆ ହାତୀ ହଠାତ୍ ତାଙ୍କୁ ଶୁଣ୍ଢରେ ପେଲି କଚାଡ଼ି ଦେଇଥିଲା। ଲକ୍ଷ୍ମୀଧର କୌଶଳକ୍ରମେ ସେଠାରୁ ଖସି ଆସି ଚିତ୍କାର କରିବାରୁ ଗ୍ରାମବାସୀ ଆସି ହାତୀକୁ ନିଆଁହୁଳା ଦେଖାଇବାରୁ ସେ ସେଠାରୁ ଚାଲିଯାଇଥିଲା। ଖବର ପାଇ ଭଗତପୁର ବନ ବିଭାଗ ପହଞ୍ଚି ଲକ୍ଷ୍ମୀଧରଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସାରୁ ଲକ୍ଷ୍ମୀଧରଙ୍କ ପିଞ୍ଜରା ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ଉତ୍ତମ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ଚପାଇ ଦେବାକୁ ବନ ବିଭାଗ ପ୍ରୟାସ କରୁଥିବା ଜଣାପଡୁଛି। ଏନେଇ ବୈରୀ ରେଞ୍ଜରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ପ୍ରକାଶଥାଉ କି, କନ୍ହେଇପୁର ଗ୍ରାମପଞ୍ଚାୟତ ବରପଦାସ୍ଥିତ ଏକ ବିଅର କମ୍ପାନୀ ଗତ କିଛି ମାସ ହେବ ବେଆଇନ ଭାବେ ନିଶାଯୁକ୍ତ ବର୍ଜ୍ୟଜଳ ଚାଷ ଜମିକୁ ଛାଡୁଛି, ଯାହାକୁ ବନ୍ୟପ୍ରାଣୀ ପିଉଛନ୍ତି। ସେମାନେ ନିଶାଗ୍ରସ୍ତ ଅବସ୍ଥାରେ ଧନଜୀବନ ହାନି କରୁଛନ୍ତି। ଏଥିସହ ସେମାନଙ୍କ ମଧ୍ୟ ଜୀବନ ଯାଉଥିବା ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ ଅମିତ ସୀଙ୍କୁ ଓ ମଳୟ କୁମାର ସାହୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। କିନ୍ତୁ ପ୍ରଶାସନ କେବଳ ଉଚ୍ଚସ୍ତରୀୟ ତଦନ୍ତ କରି ବିନା କାର୍ଯ୍ୟାନୁଷ୍ଠାନରେ ଚୁପ୍ ବସି ପଡ଼ିବା ଫଳରେ ଏଭଳି ଅଘଟଣ ହେଉଥିବା ଉଭୟ ଚାଷୀ କହିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଶତାଧିକ ଚାଷୀ ଓ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।




ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଭଗତପୁର ମା'ବଗଳା ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ସିଏମ୍‌ସି ୱାର୍ଡ ନଂ- ୨୬ର କର୍ପୋରେଟର ତଥା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝାଙ୍କ ନେତୃତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

# ଦେଶାତ୍ମବୋଧକ ସଙ୍ଗୀତରେ ଦର୍ଶକ ମୁଗ୍ଧ



କଳପଡ଼ାରେ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କଟକ ସଦର,୧୫।୬(ସୁଶାନ୍ତ କୁମାର ଜେନା)

**କଳପଡ଼ାରେ ରଜ ମହୋତ୍ସବ**

ୟୁନିୟନ ଫର କଟକ ସଦର ଡେଭେଲପମେଣ୍ଟ ଆନୁକୂଲ୍ୟରେ ୪୨ ମୌଜା କଳପଡ଼ା କଦମ୍ବେଶ୍ୱର ମନ୍ଦିର ଯାତ୍ରା ପଡ଼ିଆରେ ଆୟୋଜିତ ରବିବାର ୨ୟ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦେଶାତ୍ମବୋଧକ ସଙ୍ଗୀତରେ ଦର୍ଶକ ମୁଗ୍ଧ ହୋଇଥିଲେ। ୟୁନିୟନର ସଭାପତି ପ୍ରଫେସର ମନୋଜ କୁମାର ନାୟକଙ୍କ ପ୍ରେରଣାରେ ସନ୍ଧ୍ୟାରେ ମହିଳାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ ୨୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କୁଇଜ୍ ମାଷ୍ଟର ସମରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସକାଳ ସମୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାକୁ ବିଚାରକ ଭାବେ ପ୍ରଦୀପ୍ତ କୁମାର ବିଶ୍ୱାଳ, ତ୍ରିଲୋଚନ ଦଳେଇ, ଆଲୋକ ମହାନ୍ତି, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ମିହିର କୁମାର ପତି, ସୂର୍ଯ୍ୟ ନାରାୟଣ ଭୂୟାଁ, ସୁରଜ ବେହେରା, ଦିଲ୍ଲୀପ ନାୟକ, ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଓ ବିଶିଷ୍ଟ ନୃତ୍ୟକାର ସନ୍ୟାସୀଜୀ ମୁଖ୍ୟ ଆକର୍ଷଣ ଥିଲେ।



କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ରବିବାର ସୁର ମନ୍ଦିର ପକ୍ଷରୁ ଆୟୋଜିତ ୨୭ତମ ରଜ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।(ଫଟୋ: ରାଜକିଶୋର ମହାନ୍ତି)

## କିଶୋର ନଗରରେ ରଜ ମହୋତ୍ସବ

କଟକ ସଦର,୧୫।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ରବିବାର ରଜ ମହୋତ୍ସବ ପାଳନ କରାଯାଇଥିଲା। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ସାଧାରଣ ସଭାର ଆୟୋଜନ କରାଯାଇଥିଲା। କଟକ ସଦର ରଜ ମହୋତ୍ସବ କମିଟି ସଭାପତି ତଥା କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଉପସ୍ଥିତିରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଶିଳ୍ପପତି ଦେବୀ ପ୍ରସାଦ ତ୍ରିପାଠୀ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ଯୋଗଦେଇଥିଲେ।

## ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ରାଶନ କାର୍ଡ

କଟକ ସଦର,୧୫।୬(ସୁଶାନ୍ତ କୁମାର ଜେନା)

କଟକ ଜିଲାସ୍ତରୀୟ ନୂତନ ରାଶନ କାର୍ଡ ବଣ୍ଟନ ଶନିବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ କଟକ ସଦର ବ୍ଲକ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟାପାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିରେ ଯୋଗଦେଇ ଜିଲାର ୫୦ ଜଣ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। କୌଣସି ଯୋଗ୍ୟ ବ୍ୟକ୍ତି କାର୍ଡ ପାଇବାରୁ ବଞ୍ଚିତ ହୋଇଥିଲେ ତାଙ୍କୁ କାର୍ଡ ମିଳିବ ବୋଲି ମନ୍ତ୍ରୀ ପାତ୍ର କହିଥିଲେ। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କେ. ଚନ୍ଦ୍ରଶେଖର ପାତ୍ର, ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ୍, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ରଞ୍ଜିତା ବିଶ୍ୱାଳ, ସଦର ଅତିରିକ୍ତ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନୀ ଓ ନୀହାର ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ।

# ଝାଡ଼ାବାନ୍ତିରେ ପୁଣି ୧୪ ଆକ୍ରାନ୍ତ



ଘୋଳପୁର ଗ୍ରାମରେ ଡାକ୍ତରୀ ଟିମ୍ ଯାଞ୍ଚ କରୁଛନ୍ତି।

ବାଙ୍କୀ, ୧୫।୬( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ କନ୍ତପହଁରା ପଞ୍ଚାୟତ ଅନ୍ତର୍ଗତ ଘୋଳପୁର ଗ୍ରାମରେ ଝାଡ଼ାବାନ୍ତି ଆକ୍ରନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶନିବାର ଏହି ସଂଖ୍ୟା ୨୬ ଥିଲାବେଳେ ରବିବାର ୧୪ ଜଣ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଫଳରେ ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ଏହି ଗ୍ରାମରେ ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କୁହାଯାଉଛି। ଗତ ଶୁକ୍ରବାର ଝାଡ଼ାବାନ୍ତିରେ ୩ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଶନିବାର ୨୩ ଜଣ ଆକ୍ରାନ୍ତ ହୋଇଥିଲେ। ରବିବାର ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ୧୪ ଜଣ ଆକ୍ରାନ୍ତଙ୍କୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏସମ୍ପର୍କରେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ାକ୍ତର ଅମରେଶ ସାହୁ କହିଛନ୍ତି, ମେଡିକାଲ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ଘରଘର ବୁଲି ଚିକିତ୍ସା ସେବା ଯୋଗାଇ ଦେଉଛି। ଏତଦ୍‌ବ୍ୟତୀତ ଖୋଲା କୂଅ, ଗ୍ରାମରେ ଜଳ ଜମିଥିବା ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଇଛି। ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ଅଛି ବୋଲି ସାହୁ ସୂଚନା ଦେଇଛନ୍ତି।

# ୩ ଆନ୍ତଃଜିଲା ଡକାୟତ ସମେତ ୪ ଗିରଫ

ସାଲେପୁର,୧୫।୬(ଅରବିନ୍ଦ ଭୂୟାଁ)

**ଶିକ୍ଷୟିତ୍ରୀଙ୍କ ଘରେ ପଶି ଲୁଟ୍, ପେଟ୍ରୋଲ ପମ୍ପରୁ ଡକାୟତି ଘଟଣାର ପର୍ଦ୍ଦାଫାଶ୍**

ଶିକ୍ଷୟିତ୍ରୀଙ୍କ ଘରେ ପଶି ବନ୍ଧୁକ ଲଗାଇ ଲୁଟ୍ ଘଟଣା ଓ ପେଟ୍ରୋଲ ପମ୍ପ ଡକାୟତି ଘଟଣାର ରବିବାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଲୁଟ୍ ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ହୃଷିକେଶ ମଲ୍ଲିକ, ଜ୍ୟୋତିପ୍ରକାଶ ମଲ୍ଲିକ, ବଡ଼ପାଳ ଗ୍ରାମର ହେମନ୍ତ ଆଚାର୍ଯ୍ୟ ଏବଂ ଏହି ସାମଗ୍ରୀ କ୍ରୟ ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ବଡ଼ଗାଁ ଗ୍ରାମର ରାମଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୬ହଳ ସୁନା ଚୁଡ଼ି, ୧ ସୁନା ମୁଦି, ନଗଦ ୭ ହଜାର ଟଙ୍କା, ରୁପା ପାଉଁଜି, ରୁପା ଚେନ୍, ଭୁଜାଲି, କଟୁରୀ, ଏକ ଖେଳଣା ବନ୍ଧୁକ ଓ ଟିଭିଏସ୍ ମୋଟର ସାଇକେଲ୍ ପୋଲିସ ଜବତ କରିଛି। ଏନେଇ ସାଲେପୁର ଥାନାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତିକ୍ ସିଂ ସୂଚନା ଦେଇଛନ୍ତି। ଜୁନ୍ ୨ରେ ତେନ୍ତୋଳ ପଞ୍ଚାୟତର ନାନ୍ଦୋଳସ୍ଥିତ ଶିକ୍ଷୟିତ୍ରୀ ମାନି ସିଂହଙ୍କ ଘରେ ଅଭିଯୁକ୍ତମାନେ ପଶିଥିଲେ। ଏଥିସହ ନକଲି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରି ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଉକ୍ତ ଦିନ ରାତିରେ କଟକ-ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟ ଏକ ପେଟ୍ରୋଲ ପମ୍ପରେ ରାତ୍ରି ଡ୍ୟୁଟି କରୁଥିବା ସେଲ୍ସମ୍ୟାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଅଭିଯୁକ୍ତମାନେ ଟଙ୍କା ଲୁଟି ନେଇଥିଲେ। ଏନେଇ ସାଲେପୁର ଥାନାରେ ୨ମାମଲା (ନଂ.୨୪୫/୨୫ ଓ ୨୪୬/୨୫) ରୁଜୁ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଧରିବାପାଇଁ ଏସ୍‌ଡିପିଓ ବିରଞ୍ଚିନାରାୟଣ ପତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏଥିରେ ସାଲେପୁର ଆଇଆଇସି ଅନିତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କିଶୋର ଦାସ, ମାହାଙ୍ଗା ଆଇଆଇସି ତପନ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ହୃଷିକେଶ, ଜ୍ୟୋତି ଓ ହେମନ୍ତଙ୍କ ନାମରେ କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ସମେତ ଅନ୍ୟାନ୍ୟ ଜିଲାରେ ଏକାଧିକ ଚୋରି ଓ ଡକାୟତି ମାମଲା ରହିଛି ବୋଲି ପୋଲିସ କହିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଗ୍ରାମାଞ୍ଚଳ ଏସ୍‌ପି ସିଂ ସୂଚନା ଦେଇଛନ୍ତି।

# ଦୋଳି, ପୁଚି ଖେଳ ସହ ନାଚଗୀତରେ ଝୁମିଲେ

କଟକ,୧୫।୬(ଶିଳ୍ପା ପ୍ରିୟଦର୍ଶିନୀ)

ରଜର ଦ୍ୱିତୀୟ ଦିନ ସଂକ୍ରାନ୍ତି ଥିବାରୁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖୋଟି, ସଙ୍ଗୀତ ଓ ଅନ୍ୟାନ୍ୟ ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା। ବାରବାଟୀ ଦୁର୍ଗ, ବାଲିଯାତ୍ରା ପଡ଼ିଆ, ସିଲଭରସିଟି ବୋଟ୍ କ୍ଲବ ଆଦି ସ୍ଥାନରେ ଗହଳି ଲାଗିଥିଲା। ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ପକ୍ଷରୁ ରଜପର୍ବ ପାଳନ କରାଯାଇଛି। କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ରବିବାର ସୁର ମନ୍ଦିର ପକ୍ଷରୁ ଆୟୋଜିତ ୨୭ତମ ରଜ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚାଉଳିଆଗଞ୍ଜ ଖେଳପଡ଼ିଆରେ ଅନୁଷ୍ଠିତ ରଜ ମହୋତ୍ସବରେ ଝିଅମାନେ ପୁଚି ଓ ଦୋଳି ଖେଳୁଥିଲେ। ସେହିପରି ସିଲଭର ସିଟି ବୋଟି କ୍ଲବ ଓ ପାନ୍ଥନିବାସରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ରଜ ଉତ୍ସବ ପାଳନ କରାଯାଇଛି। ସିଲଭର ସିଟି ବୋଟି କ୍ଲବରେ ବୋଟିଂ, ରଜପାନ, ଦୋଳି, ମେହେନ୍ଦି ସାଙ୍ଗକୁ ଅଳତା ବାବଦକୁ ଦୁଇଦିନରେ ୪ ଲକ୍ଷ ଟଙ୍କାର କାରବାର ହୋଇଛି। ପାନ୍ଥନିବାସରେ ଦୁଇଦିନରେ ପୋଡ଼ପିଠା ସହ ଅନ୍ୟାନ୍ୟ ପିଠା ବିକ୍ରି ନେଇ ୧ଲକ୍ଷ ୫୦ ଟଙ୍କାର କାରବାର ହୋଇଥିବା ପରିଚାଳକ ଦେବାଶିଷ ସାହୁ କହିଛନ୍ତି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

କଟକ,୧୫।୬(ଶିଳ୍ପା ପ୍ରିୟଦର୍ଶିନୀ)

ଯୋବ୍ରାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରବିବାର ମୃତକଙ୍କ ପରିବାରର ଏତଲା କ୍ରମେ ପୋଲିସ ଏକ କେସ୍ (ନଂ.୧୩୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଅଞ୍ଚଳର ଅଜିତ କୁମାର ରାଉତଙ୍କ ଜିଭରେ ଘା' ହେବାରୁ ସେ ଗତ ମେ ୩୦ରେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ଡାକ୍ତର ଦେଖାଇବା ପରେ ଅଜିତ ମୁଖଗହ୍ୱର କର୍କଟ ରୋଗରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। କର୍କଟ କେନ୍ଦ୍ରରେ ଜଣେ ଡାକ୍ତର ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରାଇବାକୁ କହିଥିଲେ। ପରେ ଅଜିତ ଜଣେ ଦଲାଲଙ୍କ ହାବୁଡ଼ରେ ପଡ଼ିଥିଲେ। ସେ ଅଜିତଙ୍କୁ ଯୋବ୍ରାର ବୁଢ଼ାବାବା ହସ୍ପିଟାଲକୁ ନେଇଥିଲେ। ଅଜିତ ଗତ ୧୧ ତାରିଖରେ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ୧୩ରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତେବେ ଶନିବାର ରାତିରେ ଅଜିତଙ୍କ ମୃତ୍ୟୁ ଘଟିଥିଲା। ଅଜିତଙ୍କ ଭଉଣୀ କହିଛନ୍ତି ଯେ, ଡାକ୍ତର ଦଲାଲଙ୍କ ସହ ହାତ ମିଳାଇ ବେପାର କରୁଛନ୍ତି। ଫଳରେ ଆଜି ଏଭଳି ଘଟଣା ଘଟିଛି। ଉକ୍ତ ଘରୋଇ ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟପକ୍ଷରେ ବୁଢ଼ାବାବା ହସ୍ପିଟାଲ ସିଇଓ ରିତେଶ କୁମାର ପୁହାଣ କହିଛନ୍ତି, ଅଜିତ କର୍କଟ ରୋଗରେ ପୀଡ଼ିତ ଥିଲେ ଏବଂ ସ୍ୱାସ୍ଥ୍ୟାବସ୍ଥା ଦେଖି ଅସ୍ତ୍ରୋପଚାର କରାଯାଇଥିଲା। ଚିକିତ୍ସା ନେଇ କୌଣସି ତ୍ରୁଟି ରହିନାହିଁ। ଦଲାଲଙ୍କ ସହ ଏହି ହସ୍ପିଟାଲର କୌଣସି ସମ୍ପୃକ୍ତି ନାହିଁ। ପୋଲିସକୁ ତଦନ୍ତରେ ଆମେ ସହଯୋଗ କରୁଛୁ। ସେହିପରି ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି, ଏକ ମାମଲା ରୁଜୁ ହୋଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖେ ରଜ ମହୋତ୍ସବ



ବାଙ୍କୀ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ପିସିସି ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଏବଂ ଅନ୍ୟ ଅତିଥିମାନେ।

ବାଙ୍କୀ,୧୫।୬(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ବାଙ୍କୀ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବାଙ୍କୀ କଚେରି ପଡ଼ିଆରେ ରଜ ମହୋତ୍ସବର ୨ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସର ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ରଜ ମହୋତ୍ସବ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ରଜ ଓଡ଼ିଶାର ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ପରିଗଣିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଧରିତ୍ରୀର ଉପ ବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଯୋଗଦେଇ କହିଥିଲେ, ରଜ ପର୍ବ ବହୁ ପୁରାତନ କାଳରୁ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଆସିଛି। ପୂର୍ବରୁ ମହିଳାମାନେ ରଜ ପର୍ବ ପାଳନ କରୁଥିବା ବେଳେ ବର୍ତ୍ତମାନ ଏହା ଗଣପର୍ବରେ ପରିଣତ ହୋଇଛି। ଆମ ସାଂସ୍କୃତିକ ଚେତନାର ଜାଗରଣ ହେଉଛି ରଜପର୍ବ ବୋଲି ରଥ ପ୍ରକାଶ କରିଥିଲେ। ଏହି ଅବସରରେ ସେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ସବୁଜ ଜଙ୍ଗଲ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଡମପଡା ବ୍ଲକ ମହାବିଦ୍ୟାଳୟ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲ, ବାଙ୍କୀ ବଣିଜ ସଂଘ ମୁଖ୍ୟ ପ୍ରତାପ ଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ କାଶୀନାଥ ମହାପାତ୍ର, ରଜ ମହୋତ୍ସବ କୋଷାଧକ୍ଷ ଟଙ୍କଧର ବେହେରା, ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା, ଯୁବ କଂଗ୍ରେସ ସଭାପତି ରାଜେଶ କୁମାର ବେହେରା, ସାମାଜିକ କର୍ମୀ ଶୁଭେନ୍ଦୁ ମିଶ୍ର, ବାଙ୍କି ରଜ ମହୋତ୍ସବ କମିଟି ସଭାପତି ପଠାଣି ବେହେରା, ରଜ ମହୋତ୍ସବ ସାଙ୍ଗଠନିକ ସମ୍ପାଦକ କାହ୍ନୁ ଚରଣ ବେହେରା, ଶୁଭେନ୍ଦୁ ମିଶ୍ର ଉପସଭାପତି ପ୍ରମୁଖ ଯୋଗଦେଇ ଥିଲେ। ମହୋତ୍ସବରେ ଭୁବନେଶ୍ୱର ରସୁଲଗଡ଼ ନିବାସୀ ସାମାଜିକ କର୍ମୀ ଅମୂଲ୍ୟ ପରିଡ଼ାଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁନି କଳାକାରମାନଙ୍କ ଦ୍ୱାରା ରଜପର୍ବ ସଙ୍ଗୀତ ଓ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଶେଷରେ ସାଙ୍ଗଠନିକ ସମ୍ପାଦକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଆଇ କ୍ୟାମେରା ନଜରରେ ରହିବ ପୁରୀ

■ ଯାଞ୍ଚ ପାଇଁ ସମସ୍ତ ଜିଲାରେ ସ୍ୱତନ୍ତ୍ର ଡ୍ରାଇଭ୍ ନିର୍ଦ୍ଦେଶ

■ ପ୍ରଥମଥର ପାଇଁ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ

## ତ୍ରୁଟିଶୂନ୍ୟ, ଶୃଙ୍ଖଳିତ ରଥଯାତ୍ରା ପାଇଁ ଡିଜିପିଙ୍କ ଗୁରୁତ୍ୱ



ବୈଠକରେ ଡିଜିପି ୱାଇ ବି ଖୁରାନିଆଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ।

ଭୁବନେଶ୍ୱର,୧୫।୬(ସତ୍ୟଜିତ୍ ରାଉତ)

ପୁରୀରେ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ରବିବାର ଏନେଇ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଡିଜିପି ୱାଇ ବି ଖୁରାନିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଆଦି ନୀତିକାନ୍ତି ବେଳେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମଥର ପାଇଁ ଟାଉନ ଥାନାରେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବ। ଏହାସହ ସହରର ବିଭିନ୍ନ ସ୍ଥାନରେ ଏଆଇ କ୍ୟାମେରା ଲଗାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଉତ୍ତରା ଛକରୁ ପୁରୀ, ପୁରୀ–କୋଣାର୍କ ରୋଡ୍ ସହ ସହରର ବିଭିନ୍ନ ଛକରେ ଏହି କ୍ୟାମେରା ଲଗାଯିବ। ରବିବାର ସନ୍ଧ୍ୟାଠାରୁ ରାଜ୍ୟର ସମସ୍ତ ଜିଲାରେ ଅପରାଧ ନିୟନ୍ତ୍ରଣ ପାଇଁ ସବୁ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ହୋଟେଲ, ଲଜ୍, ମନ୍ଦିର, ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ଶ୍ରମିକଙ୍କ ରହଣିସ୍ଥଳ ଆଦି ସ୍ଥାନରେ ଯାଞ୍ଚ କରିବାକୁ କୁହାଯାଇଛି। ଲୋକଙ୍କ ପାଇଁ ଏକ ବିଶେଷ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି। ଏଥିରେ ଟ୍ରାଫିକ ପରାମର୍ଶ, ପାର୍କିଂ ସ୍ଥାନ, ଟ୍ରାଫିକ ଜାମ ଓ ବିକଳ୍ପ ରାସ୍ତା ସମ୍ପର୍କରେ ତ୍ୱରିତ ସୂଚନା ମିଳିବ। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ପାଇଁ ସମୁଦ୍ରରେ ନୌସେନା, ତଟରକ୍ଷୀ ଓ ରାଜ୍ୟ ପୋଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆର୍‌ଟି ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଡ୍ରୋନ ଏବଂ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯାଇଛି। ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମୁକାବିଲା ପାଇଁ ଆଣ୍ଟି ଟେରରିଷ୍ଟ୍ ସ୍କ୍ୱାଡ୍ ସହ ଏକ ରକ୍ଷକ ବାହନ ମଧ୍ୟ ପୁରୀରେ ମୁତୟନ କରାଯିବ। ଏଥର ଅଧିକ ଫୋର୍ସ ନିୟୋଜିତ କରାଯିବ। ଦଳାଚକଟା ପରିସ୍ଥିତି ଏବଂ ଏହାର ନିରାକରଣ ଉପରେ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ସହରରେ ଟ୍ରାଫିକ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର, ଡ଼ିଲିନେଟର ଓ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସମୁଦ୍ର କୂଳରେ ପାଟ୍ରୋଲିଂ ଓ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବ। ରେଲ୍‌ୱେ ପୋଲିସ ପକ୍ଷରୁ ବିଭିନ୍ନ ରେଳ ଷ୍ଟେଶନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ। ଆର୍‌ପିଏଫ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଏହି ବୈଠକରେ ଗୋଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଆଧୁନୀକରଣ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ଓ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, କମ୍ୟୁନିକେଶନ ଏଡିଜି ଦୟାଲ ଗଙ୍ଗୱାର, ଏଡିଜି (ଏସ୍‌ଏପି) ରାଜେଶ କୁମାର, କେନ୍ଦ୍ରାଞ୍ଚଳ ଆଇଜି ଏସ୍. ପ୍ରବୀଣ କୁମାର, ଅପରେଶନ୍ ଆଇଜି ଦୀପକ କୁମାର, ପିପିଏସ୍‌ପିଏ ଆଇଜି ଅନୁପ ସାହୁ, ପ୍ରୋଭିଜନିଂ ଡିଆଇଜି ଚରଣ ସିଂ ମିନା, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି କନୱାର ବିଶାଳ ସିଂ, ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର, କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର, କାର୍ମିକ ଡିଆଇଜି ଯୁଗଳ କିଶୋର ବନୋଥ, ରେଲୱେ ଏସ୍‌ପି ବିବେକାନନ୍ଦ ଶର୍ମା, ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ନାଟକ କାର୍ଯ୍ୟକ୍ରମରେ ରବିବାର ବରପୁତ୍ରଙ୍କ ଜୀବନୀକୁ ନେଇ ପରିବେଷିତ ନାଟକ 'କାବ୍ୟଶିଳ୍ପୀ ଗଙ୍ଗାଧର'ର ଏକ ଦୃଶ୍ୟ।

## ଅଦିନିଆ ରଥଯାତ୍ରା ପାଳନ ବନ୍ଦ କରୁ ଇସ୍କନ

ପୁରୀ,୧୫।୬(ଅଜିତ୍ କୁମାର ମହାନ୍ତି)

### ଗଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷଙ୍କୁ ଚିଠି ଲେଖିଲେ ଗଜପତି ମହାରାଜା

ସାରା ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ ସମ୍ପର୍କରେ ପଦକ୍ଷେପ ନେବାକୁ ଇସ୍କନ ଗଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷଙ୍କୁ ରବିବାର ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଚିଠି ଲେଖିଛନ୍ତି। ଗଜପତି ମହାରାଜା ଇମେଲ୍ ମାଧ୍ୟମରେ ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିରଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନ ଥିବା ତିଥିରେ ପାଳନ କରୁଥିବା ନଜରକୁ ଆସିଛି। ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ। ବିଭିନ୍ନ ଇସ୍କନ ମନ୍ଦିର ପକ୍ଷରୁ ଇଣ୍ଟରନେଟ୍‌ରେ ଏସମ୍ପର୍କରେ ଦିଆଯାଇଥିବା ଘୋଷଣାନାମାକୁ ମଧ୍ୟ ଚିଠି ସହିତ ସଂଲଗ୍ନ କରାଯାଇଛି।

ଗଜପତି ମହାରାଜା ଲେଖିଛନ୍ତି ଯେ, ଗତ ମାର୍ଚ୍ଚ ୨୦ରେ ଭୁବନେଶ୍ୱରରେ ହୋଇଥିବା ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଦୃଢ଼ ଭାବେ ଇସ୍କନର ଯୁକ୍ତିକୁ ଖଣ୍ଡନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ–ପୂର୍ଣ୍ଣିମା ତିଥି (ଚଳିତବର୍ଷ ଜୁନ୍ ୧୧) ପାଳନ ହୋଇପାରିବ ଏବଂ ଆଷାଢ ଶୁକ୍ଳ ଦ୍ୱିତୀୟ ତିଥି (ଚଳିତବର୍ଷ ଜୁନ୍ ୨୭) ଠାରୁ ଆଷାଢ ଶୁକ୍ଳପକ୍ଷ ଦଶମୀ (ଚଳିତବର୍ଷ ଜୁଲାଇ ୫) ପର୍ଯ୍ୟନ୍ତ ୯ ଦିନ ମଧ୍ୟରେ ହିଁ ରଥଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବାହୁଡ଼ାଯାତ୍ରା) ପାଳନ କରାଯାଇପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ। ମହାପ୍ରଭୁଙ୍କ ସବୁଠାରୁ ପବିତ୍ର ଏହି ଯାତ୍ରା ଅନ୍ୟ ତିଥି କିମ୍ବା ତାରିଖରେ ପାଳନ କରାଯିବା ଦ୍ୱାରା ଶାସ୍ତ୍ର ତଥା ପବିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଉଲ୍ଲଂଘନ ହେବ। ଏନେଇ ଗବେଷକମାନଙ୍କ ବିସ୍ତୃତ ଶାସ୍ତ୍ର ସମ୍ମତ ମତ ଖୁବଶୀଘ୍ର ଇସ୍କନକୁ ପଠାଯିବ। ତେଣୁ ସମଗ୍ର ବିଶ୍ୱରେ କୌଣସି ଇସ୍କନ କେନ୍ଦ୍ର କିମ୍ବା ମନ୍ଦିରରେ ଶାସ୍ତ୍ର ସମ୍ମତ ତିଥି ଓ ତାରିଖ ବ୍ୟତିରେକେ ଅନ୍ୟ ଦିନ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଯେପରି ପାଳନ ନ ହୁଏ, ତାହା ନିଶ୍ଚିତ କରିବାକୁ ଇସ୍କନ ଗଭର୍ଣ୍ଣିଂ ବଡି କମିଶନ ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସ ପ୍ରଭୁଙ୍କୁ ଗଜପତି ମହାରାଜା ଚିଠିରେ ଜଣାଇଛନ୍ତି।

## ରଥ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ପୁରୀ,୧୫।୬(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇ ରତ୍ନସିଂହାସନରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯିବେ। ଏଥିଲାଗି ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ରବିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୁରୀ ଆସି ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆହୁଜା ଶ୍ରୀନହରସ୍ଥିତ ରଥଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟ ଓ ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ।

ଏନେଇ ମୁଖ୍ୟ ଶାସନ ସଚିବ ଆହୁଜା ସୂଚନା ଦେଇ କହିଛନ୍ତି ଯେ, ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ପାଇଁ ପୁରୀ ଆସିଥିଲି। ପ୍ରସ୍ତୁତି ଠିକ୍ ଅଛି, ଅଗ୍ରଗତି ଭଲ ହେଉଛି। ଯାହା ଅନୁମାନ କରାଯାଉଥିଲା, ତା'ଠାରୁ ଆହୁରି ଶୀଘ୍ର ରଥକାର୍ଯ୍ୟ ଶେଷ ହେବ। ମହାପ୍ରଭୁଙ୍କ କୃପା ସବୁବେଳେ ଆମ ଉପରେ ରହିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସମସ୍ତ ପ୍ରକାର କାର୍ଯ୍ୟ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଗତବର୍ଷଠାରୁ ଚଳିତ ବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାରେ ଅଧିକ ଭକ୍ତ ସମାଗମ ହେବାର ସମ୍ଭାବନା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ଆହୁଜା କହିଛନ୍ତି।



ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ରଥ ଖଳାକୁ ଯାଉଛନ୍ତି।

## ଆଜିଠୁ ମୌସୁମୀ ସକ୍ରିୟ, ୨୦ ଯାଏ ବର୍ଷିବ

ଭୁବନେଶ୍ୱର,୧୫।୬ (ଅନୁରାଧା ମହାରଣା)

ଚଳିତବର୍ଷ ରାଜ୍ୟକୁ ପ୍ରାୟ ୧୫ଦିନ ଆଗୁଆ ପ୍ରବେଶ କରିଥିବା ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଗତ ୧୭ଦିନ ଧରି ନିଷ୍କ୍ରିୟ ହୋଇପଡ଼ିଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ମୌସୁମୀ ପୁଣି ସକ୍ରିୟ ହେବ ବୋଲି ଆକଳନ କରାଯାଇଛି। ତେବେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ଏହା ପ୍ରଭାବରେ ରାଜ୍ୟର ଆହୁରି କିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଫଳରେ ୨୦ ତାରିଖ ଯାଏ ୫ଦିନ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଝଟ୍‌କା ପବନ ସହ ପ୍ରବଳ ବର୍ଷା ନେଇ ଗଜପତି, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନବରଙ୍ଗପୁର, ମୟୂରଭଞ୍ଜ ଓ ଜଗତ୍‌ସିଂହପୁର ରହିଛି। ବଜ୍ରପାତ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, କେନ୍ଦୁଝର ଓ ମାଲକାନଗିରି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଏବର୍ଷ ରଜରେ ନନ୍ଦନକାନନ ବୁଲିଲେ ୩୯, ୫୮୨ ପର୍ଯ୍ୟଟକ

ବାରଙ୍ଗ,୧୫।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଦ୍ୱିତୀୟ ରଜରେ ୩୯, ୫୮୨ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଗତ ୨୦୨୩ର ୨ୟ ରଜରେ ୨୧, ୫୫୧ ପର୍ଯ୍ୟଟକ, ୨୦୨୪ର ୨ୟ ରଜରେ ୨୮, ୫୨୦ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବାବେଳେ ଚଳିତ ବର୍ଷ ୧୧, ୦୬୨ ଜଣ ଅଧିକ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ପ୍ରାଣୀ ଉଦ୍ୟାନ ଭିତରେ ଥିବା ବାଘ, ସିଂହ, ଭାଲୁ, ଜିରାଫ, ସିମ୍ପାଜି, ପାଦଚଲା ବିହଙ୍ଗ ସରଣୀ ସହ ସଫାରିର ମଜା ଉଠାଇଥିଲେ। ଶିଶୁ ଉଦ୍ୟାନରେ ମଧ୍ୟ ପିଲାଙ୍କ ଗହଳି ଲାଗି ରହିଥିଲା। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୨୦୨୪ରେ ୧, ୮୮୭ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବାବେଳେ ଚଳିତବର୍ଷ ୨ୟ ରଜରେ ୨, ୪୭୪ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ରାଜପଥରେ ଓଲଟିଲା ଯାତ୍ରୀବାହୀ ବସ୍

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)

### ୭ ଗୁରୁତର, ୧୫ ଆହତ

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ପିତାପଲ୍ଲୀ ଛକ ନିକଟରେ ରବିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥର ବାମପାର୍ଶ୍ୱ ଗାର୍ଡୱାଲ୍‌ରେ ପିଟି ହୋଇ ଓଲଟି ପଡ଼ିଛି। ଫଳରେ ବସ୍‌ରେ ଥିବା ୨୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଗୁରୁତରଙ୍କ ମଧ୍ୟରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଯାଇଛି। ଆହତମାନେ ଗଞ୍ଜାମ ଜିଲାର ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ନୀଳକଣ୍ଠ ନାମକ ଏକ ବସ୍ (ଓଡି ୦୭ ଏଟି ୦୬୪୩) ଅପରାହ୍ନ ୧ଟାରେ ଭୁବନେଶ୍ୱରରୁ ପ୍ରାୟ ୫୦ ଯାତ୍ରୀଙ୍କୁ ନେଇ ଗଞ୍ଜାମ ଜିଲା ପୋଲସରା ଅଭିମୁଖେ ଯାଉଥିଲା। ପିତାପଲ୍ଲୀ ଛକ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ରାଜପଥର ବାମପାର୍ଶ୍ୱ ଗାର୍ଡୱାଲ୍‌ରେ ବସ୍ ପିଟିହୋଇ ରାଜପଥରେ ଓଲଟି ପଡ଼ିଥିଲା। ବସ୍‌ରେ ଥିବା ଯାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦୁର୍ଘଟଣା ଯୋଗୁ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।



ରାସ୍ତା ଉପରେ ଓଲଟି ପଡିଥିବା ବସ୍।

ଖବରପାଇ ଶିଳ୍ପାଞ୍ଚଳ ଭାରପ୍ରାପ୍ତ ଥାନା ଅଧିକାରୀ ଏସ୍‌ଆଇ ବାସୁଦେବ ଜୟସିଂ, ଏସ୍‌ଆଇ ସୁନିତା ବେହେରାଙ୍କ ସମେତ ପୋଲିସ ଟିମ୍, ଖୋର୍ଦ୍ଧା ଅଗ୍ନିଶମ ଏଏଫ୍‌ଓ ମୀନକେତନ ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଏବଂ ଖୋର୍ଦ୍ଧା ପୌରାଞ୍ଚଳ ୧ନଂ. ୱାର୍ଡର କାଉନ୍‌ସିଲର ଜିତେନ୍ଦ୍ର ବେହେରା ଓ ତାଙ୍କ ସାଥୀ, ସହକାରୀ ମୋଟରଯାନ ନିରୀକ୍ଷକ ଧର୍ମେନ୍ଦ୍ର ଦେହୁରୀ ପ୍ରମୁଖ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବସ୍‌ରୁ ବାହାର କରିଥିଲେ। ପରେ ଆହତମାନଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଓଲଟି ପଡ଼ିଥିବା ବସ୍‌କୁ କ୍ରେନ୍ ସହାୟତାରେ ଉଠାଯାଇଥିଲା। ଏଥିସହ ପୋଲିସ ଉକ୍ତ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିନେଶ



@ ବାଣୀ



@ କାଳନ୍ଦୀ



@ ହିମାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମାଣିଆବନ୍ଧର ଶ୍ରୀନିବାସ ଜାପାନରେ ଜିତିଲେ ଶ୍ରେଷ୍ଠ ପୋଷ୍ଟର ପୁରସ୍କାର



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରୀନିବାସ ନନ୍ଦୀ

ମାଣିଆବନ୍ଧ, ୧୫।୬ (ଅଖିଳ କୁମାର ସାହୁ)

### ୨୩ ଦେଶର ପ୍ରତିନିଧି ଯୋଗଦେଇଥିଲେ

ଜାପାନରେ ଆୟୋଜିତ ସମ୍ମିଳନୀରେ ଓଡ଼ିଶା ଛାତ୍ର ଶ୍ରେଷ୍ଠ ପୋଷ୍ଟର ପୁରସ୍କାର ପାଇଛନ୍ତି। ସେ ହେଲେ କଟକ ଜିଲା ମାଣିଆବନ୍ଧ ଗ୍ରାମର ଶ୍ରୀନିବାସ ନନ୍ଦୀ। ଭାରତୀୟ ବିଜ୍ଞାନ ସଂସ୍ଥାନ ବେଙ୍ଗାଲୁରୁସ୍ଥିତ କମ୍ପ୍ୟୁଟେଶନାଲ ଆଣ୍ଡ ଡାଟା ସାଇନ୍ସ ବିଭାଗର ମାଟ୍ରିକ୍ସ ଲ୍ୟାବ୍‌ରେ ସେ ପିଏଚ୍‌ଡି କରୁଛନ୍ତି। ଜାପାନର ୟୋକୋହୋମାରେ ଜୁନ୍ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏସିଆନ କମ୍ପ୍ୟୁଟେଶନାଲ ମେଟେରିଆଲ୍ସ ସାଇନ୍ସ (ଏସିସିଏମ୍‌ଏସ୍ – ୧୧) କନସୋର୍ଟିୟମରେ ନନ୍ଦୀ ପୁରସ୍କୃତ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ଏହି ସମ୍ମିଳନୀରେ ବିଶ୍ୱର ୨୩ ଦେଶର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ମୋଟ୍ ୪୮ପୋଷ୍ଟର ମଧ୍ୟରୁ କେବଳ ୪ଜଣଙ୍କୁ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଗବେଷଣା କାର୍ଯ୍ୟ ଡ.ଫଣୀ ମୋଟାମାରିଙ୍କ ନିର୍ଦ୍ଦେଶନାରେ ହୋଇଛି ବୋଲି ନନ୍ଦୀ କହିଛନ୍ତି। ବର୍ତ୍ତମାନ ନନ୍ଦୀ ଯେଉଁ ଗବେଷଣା କ୍ଷେତ୍ରରେ କାମ କରୁଛନ୍ତି, ତାହାର ସଂକ୍ଷିପ୍ତ ଉଦ୍ଦେଶ୍ୟ ହେଉଛି ଆଜିର ଯୁଗରେ ଉନ୍ନତ ମାଟେରିଆଲ ଅନ୍ୱେଷଣ ପାଇଁ ବୈଜ୍ଞାନିକ ସଂଖ୍ୟାତ୍ମକ ଧାରା। ଆଗାମୀ ଦିନରେ ଏହି କ୍ଷେତ୍ରରେ ଅଧିକ ଶିଖିବା, ଶୋଧନ କରିବା ଓ ଏହି ବିଭାଗରେ ଅନ୍ୟ ଗବେଷକଙ୍କ ସହ କାମ କରିବାକୁ ସେ ଆଶାବ୍ୟକ୍ତ କରିଛନ୍ତି।

## ସିନିୟରଙ୍କୁ ଗୁଳିକରି ହତ୍ୟାକଲେ ଯବାନ

ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାରେ ବିଏସ୍ଏଫ୍ କନ୍‌ଷ୍ଟେବଲ ଶିବମ କୁମାର ମିଶ୍ରା ନିଜ ସିନିୟର ତଥା ହେଡ୍ କନ୍‌ଷ୍ଟେବଲ ରତନ ସିଂ ଶେଖାୱାତଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଶନିବାର ରାତିରେ ଶିବମ ଏବଂ ରତନଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ଶିବମ ଅତ୍ୟଧିକ ଉତ୍ତ୍ୟକ୍ତ ହୋଇ ରତନଙ୍କୁ ଗୁଳି କରିଥିଲେ।

**ସଂକ୍ଷେପରେ**

## ଖବରଦାତାଙ୍କୁ ଫାଶୀ ଦେଲା ସାଉଦି ଆରବ



ତୁର୍କୀ ଅଲ୍-ଜାସେର

ଦୁବାଇ, ୧୫।୬

ସାଉଦି ଆରବର ଖବରଦାତା ତୁର୍କୀ ଅଲ୍-ଜାସେରଙ୍କୁ ଶନିବାର ଫାଶୀ ଦିଆଯାଇଛି। ଜାସେର୍‌ଙ୍କୁ ୨୦୧୮ରେ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା। ପରେ ସେ କୋର୍ଟଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିଲେ। ଫାଶୀଦଣ୍ଡ ବିରୋଧରେ ଜାସେରଙ୍କ ଆବେଦନକୁ ସାଉଦି ସର୍ବୋଚ୍ଚ କୋର୍ଟ ଖାରଜ କରିବା ପରେ ତାଙ୍କୁ ଫାଶୀ ଦିଆଯାଇଥିବା ନେଇ ରବିବାର ସାଉଦି ଆରବର ସରକାରୀ ଗଣମାଧ୍ୟମ ସଂସ୍ଥା ସାଉଦି ପ୍ରେସ୍ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜାସେରଙ୍କ ଫାଶୀଦଣ୍ଡକୁ ନ୍ୟୁୟର୍କସ୍ଥିତ 'କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍' ସଙ୍ଗଠନ ନିନ୍ଦା କରିଛି। ଜାସେର ଟ୍ୱିଟରରେ ସାଉଦି ରାଜପରିବାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ।

# ଇରାନ ପ୍ରତିରକ୍ଷା ମୁଖ୍ୟାଳୟରେ ଇସ୍ରାଏଲର ଆକ୍ରମଣ

ଦୁବାଇ,୧୫।୬

ଇରାନର ଘାତକ ଆକ୍ରମଣ ପରେ ଇସ୍ରାଏଲ୍ ରବିବାର କ୍ରମାଗତ ତୃତୀୟ ଦିନ ପାଇଁ ତେହରାନ ଉପରେ ଜୋର୍‌ଦାର ଆକ୍ରମଣ କରିଛି। ଇରାନର ଶକ୍ତି ଶିଳ୍ପ ଏବଂ ତେହରାନରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟକୁ ଟାର୍ଗେଟ କରି ଇସ୍ରାଏଲୀ ସେନା ଆକ୍ରମଣ କରିଥିବାବେଳେ ତେହରାନ୍‌ର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ରବିବାର ସୁଦ୍ଧା ଇସ୍ରାଏଲ୍ ଆକ୍ରମଣରେ ଇରାନରେ ଅନ୍ୟୂନ ୪୦୬ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ୬୫୪ ଜଣ ଆହତ ହୋଇଥିବା ଏକ ମାନବାଧିକାର ସଂଗଠନ କହିଛି। ଇସ୍ରାଏଲ୍‌ର ସାଧାରଣ ନାଗରିକଙ୍କୁ ଟାର୍ଗେଟ କଲେ ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଚେତାବନୀ ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଆକ୍ରମଣ ଜାରି ରହିଥିବାରୁ ଆମେରିକା ସହ ଇରାନର ଆଣବିକ ଆଲୋଚନା ବାତିଲ ହୋଇଛି। ଗତ ମାସରେ ବାଣିଜ୍ୟ ଥୋପ କରି ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାରମ୍ବାର କହିଆସୁଥିଲାବେଳେ ଇରାନ ଓ ଇସ୍ରାଏଲ ମଧ୍ୟରେ ଅନୁରୂପ ଡିଲ୍ କରିପାରିବେ ବୋଲି ରବିବାର ଦାବି କରିଛନ୍ତି।



ଇରାନର ମିଶାଇଲ୍ ମାଡ଼ରେ ଇସ୍ରାଏଲ୍‌ର ତାମ୍ରା ସହରରେ ଏକ ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

ଇସ୍ରାଏଲ୍ 'ଅପରେଶନ ରାଇଜିଂ ଲାୟନ' ନାମରେ ଶୁକ୍ରବାର ଅଚାନକ ଇରାନର ଆଣବିକ ସ୍ଥଳ ଓ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଜୋର୍‌ଦାର ଆକ୍ରମଣ କରିବାରୁ ଏହାର ସେନାମୁଖ୍ୟଙ୍କ ସମେତ କେତେଜଣ ଶୀର୍ଷ ଜେନେରାଲ ଏବଂ ଆଣବିକ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବରେ ଇରାନ ଇସ୍ରାଏଲ୍ ଉପରେ ଶତାଧିକ ଡ୍ରୋନ୍ ଏବଂ ମିଶାଇଲ ମାଡ଼ କରିଥିଲା। ପରେ ଇସ୍ରାଏଲ୍ ଇରାନର ୨ଟି ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି। ଇରାନର ବୁଶେର ପ୍ରଦେଶର ସାଉଥ୍ ପାର୍ସରେ ରହିଥିବା ବିଶ୍ୱର ସର୍ବବୃହତ୍ ଗ୍ୟାସ୍ ଫିଲ୍ଡରେ ଶନିବାର ଇସ୍ରାଏଲ୍ ଡ୍ରୋନ୍ ଆକ୍ରମଣ କରିବାରୁ ଏକ ପ୍ରୋସେସିଂ ୟୁନିଟ୍‌ରେ ନିଆଁ ଲାଗିଯାଇଛି। ଫଳରେ ସେଠାରୁ ଉତ୍ପାଦନ ଆଂଶିକ ବନ୍ଦ ରହିଛି।

ଇସ୍ରାଏଲ୍ ଇସ୍‌ଲାମିକ ରିପବ୍ଲିକ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କଲେ ଆମେ ଆକ୍ରମଣ କରିବୁ ନାହିଁ ବୋଲି ରବିବାର ତେହରାନ କହିଛି। ଶନିବାର ରାତିରୁ ଇସ୍ରାଏଲ୍ ଉପରେ ଇରାନ ଶତାଧିକ ମିଶାଇଲ ମାଡ଼ କରିଥିଲା। ଏଥିରେ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦୦ ଜଣ ଆହତ ହୋଇଥିବା ଇସ୍ରାଏଲ୍ ଜରୁରୀ ସେବା ବିଭାଗ କହିଛି। ଅନ୍ୟପକ୍ଷରେ ଇସ୍ରାଏଲ୍ କହିଛି, ଇରାନ ଅଣୁଅସ୍ତ୍ର ବିକାଶ ବନ୍ଦ କରିବା ଆମେ ଚାହୁଁ। ଆମେରିକା ରାଷ୍ଟ୍ରପତି ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଇରାନ ଯଦି ଆଣବିକ ଚୁକ୍ତିନାମା ପାଇଁ ରାଜି ହୁଏ, ତେବେ ଆଉ ଧ୍ୱଂସଲୀଳା ହେବ ନାହିଁ ବୋଲି ସେ କହିଥିଲେ।

### ଖାମେନେଇଙ୍କୁ ହତ୍ୟା ଯୋଜନା କରିଥିଲା ଇସ୍ରାଏଲ

**ୱାଶିଂଟନ:** ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ଯୋଜନା କରିଥିଲା। ତେବେ ଆମେରିକା ରାଷ୍ଟ୍ରପତି ଏହା ହେବାକୁ ଦେଇ ନ ଥିବା ଆମେରିକାର ୨ ଜଣ ଅଫିସର ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଇରାନୀୟମାନେ ଏପର୍ଯ୍ୟନ୍ତ ଜଣେ ହେଲେ ଆମେରିକୀୟଙ୍କୁ ହତ୍ୟା କରି ନାହାନ୍ତି। ତେଣୁ ଆମେ ଏହାର ରାଜନୈତିକ ନେତୃତ୍ୱ ବିରେଧରେ ଯିବା କଥା କହିବୁ ନାହିଁ ବୋଲି ଆମେରିକାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି। ଇରାନର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଲାଗି ଇସ୍ରାଏଲ୍ ଏହା ଉପରେ ଆକ୍ରମଣ କରିବା ଦିନଠାରୁ ଆମେରିକା ଇସ୍ରାଏଲ୍ ସହ କ୍ରମଗତ ଯୋଗାଯୋଗରେ ରହିଛି। ଇରାନ ସୁପ୍ରିମ ଲିଡରଙ୍କୁ ହତ୍ୟା ସୁଯୋଗ ଥିଲା ବୋଲି ଇସ୍ରାଏଲ୍ କହିଥିବାବେଳେ ଟ୍ରମ୍ପ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବାକୁ ଦେଇ ନ ଥିଲେ।

## ଥିରୁଭାନନ୍ତପୁରମ୍‌ରେ ବ୍ରିଟିଶ୍ ଯୁଦ୍ଧବିମାନର ଜରୁରୀ ଅବତରଣ

ଥିରୁଭାନନ୍ତପୁରମ, ୧୫।୬

ବ୍ରିଟେନ୍‌ର ଏଫ୍-୩୫ ଫାଇଟର ଜେଟ୍ ଶନିବାର ରାତିରେ କେରଳର ଥିରୁଭାନନ୍ତପୁରମ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଜରୁରିକାଳୀନ ଅବତରଣ କରିଛି। ଉକ୍ତ ବିମାନରେ ଇନ୍ଧନ କମ୍ ଥିବାରୁ ପାଇଲଟ ଜରୁରୀ ଅବତରଣ ପାଇଁ ଥିରୁଭାନନ୍ତପୁରମ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଏହି ବ୍ରିଟିଶ୍ ଫାଇଟର ଜେଟ୍‌ର ସୁରକ୍ଷିତ ଅବତରଣ ହୋଇଥିଲା। କେନ୍ଦ୍ର ସରକାରଙ୍କ ଅନୁମତି ମିଳିବା ପରେ ହିଁ ଏହି ବିମାନରେ ଇନ୍ଧନ ଭର୍ତ୍ତି କରାଯିବ ଏବଂ ପୁଣିଥରେ ଏହା ଉଡ଼ାଣ ଭରିବ ବୋଲି ଥିରୁଭାନନ୍ତପୁରମ ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି।

## ପେ'ଲୋଡ୍ ସହ ପ୍ରଥମ ସଫଳ ରକେଟ ଲଞ୍ଚିଂ ପରୀକ୍ଷଣ



କୁଶିନଗର, ୧୫।୬

ଉତ୍ତରପ୍ରଦେଶର କୁଶିନଗରରେ ପେ'ଲୋଡ୍ ସହ ପ୍ରଥମ ରକେଟ ଲଞ୍ଚିଂ ପରୀକ୍ଷଣକୁ ସଫଳତାର ସହ କରାଯାଇଛି। ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର (ଇନ୍-ସ୍ପେସ୍) ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ସହଯୋଗରେ ଆଷ୍ଟ୍ରୋନୋମିକାଲ ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ଶନିବାର ସନ୍ଧ୍ୟା ୫.୧୪ରେ ଏହି ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣସ୍ଥଳରେ ଉପସ୍ଥିତ ଇସ୍ରୋ ବୈଜ୍ଞାନିକ ଅଭିଷେକ ସିଂ କହିଛନ୍ତି, ଲଞ୍ଚିଂ ପରେ ରକେଟଟି ୧.୧ କିଲୋମିଟର ଉଚ୍ଚତାରେ ପହଞ୍ଚିଥିଲା। ଏହାପରେ ଏଥିରୁ ଏକ କ୍ଷୁଦ୍ର ଉପଗ୍ରହ (ପେ'ଲୋଡ) ବାହାରି ଆସିଥିଲା। ଯେତେବେଳେ ଏହା ୫ ମିଟର ତଳକୁ ଆସିଥିଲା, ଏହାର ପାରାଚ୍ୟୁଟ ସକ୍ରିୟ ହୋଇଯାଇଥିଲା ଏବଂ ଉପଗ୍ରହଟି ଭୂମିରେ ଲଞ୍ଚିଂସ୍ଥଳଠାରୁ ୪୦୦ ମିଟର ଦୂରତାରେ ଅବତରଣ କରିଥିଲା।

## ସୋନିଆ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ, ୧୫।୬

କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରବିବାର ରାତିରେ ନୂଆଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ପାକସ୍ଥଳୀରେ ସମସ୍ୟା ଦେଖାଦେଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଗାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ କୁହାଯାଇଛି। ୭୮ ବର୍ଷୀୟା ସୋନିଆଙ୍କ ରକ୍ତଚାପ ବଢ଼ିଯିବାରୁ ଗତ ସପ୍ତାହରେ ସେ ଶିମ୍‌ଲାରେ ମେଡିକାଲ ଚେକ୍‌ଅପ୍ କରାଇଥିଲେ। ପାକସ୍ଥଳୀଜନିତ ସମସ୍ୟା ଯୋଗୁ ସେ ଗତ ଫେବୃଆରୀରେ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।



ପୁଣେର ଇନ୍ଦ୍ରାଣୀ ନଦୀ ଉପରେ ଥିବା ବ୍ରିଜ୍ ଭୁଶୁଡ଼ି ପଡ଼ିଛି।

## ପୁଣେରେ ବ୍ରିଜ୍ ଭୁଶୁଡ଼ି ୪ ମୃତ, ୧୮ ଆହତ

ପୁଣେ, ୧୫।୬

ମହାରାଷ୍ଟ୍ରର ପୁଣେରେ ପ୍ରବଳ ବର୍ଷା ଯୋଗୁ ରବିବାର ଅପରାହ୍ନରେ ଏକ ପୁରୁଣା ପାଦଚଲା ବ୍ରିଜ୍ ଭୁଶୁଡ଼ି ୪ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ୧୮ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ କେତେଜଣ ବୁଡ଼ିଯାଇଥିବା ଆଶଙ୍କା କରାଯାଉଛି। ୩୯ ଜଣଙ୍କୁ ଉଦ୍ଧାର କରାଯାଇଛି। ସତର୍କତା ବୋର୍ଡ ଲଗାଯାଇଥିବାବେଳେ ଏହାକୁ ଅଣଦେଖା କରି ବ୍ରିଜ୍ ଉପରେ ବହୁସଂଖ୍ୟାରେ ପର୍ଯ୍ୟଟକ ରୁଣ୍ଡ ହେବାରୁ ଏହା ଭୁଶୁଡ଼ି ପଡ଼ିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଓ ପୋଲିସ ନିୟୋଜିତ ହୋଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିବାବେଳେ ବିଦେଶ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସହ କଥା ହୋଇଛନ୍ତି।

ପୁଣେର ମାଭାଲ ତହସିଲ ଅନ୍ତର୍ଗତ କୁନ୍ଦମାଲାଠାରେ ଇନ୍ଦ୍ରାଣୀ ନଦୀ ଉପରେ ଜରାଜୀର୍ଣ୍ଣ ଲୁହା ବ୍ରିଜ୍‌ରେ ବହୁ ଲୋକ ରୁଣ୍ଡ ହୋଇ ବଢ଼ିପାଣି ଦେଖୁଥିବାବେଳେ ଏହା ଭୁଶୁଡ଼ି ପଡ଼ିବାରୁ କେତେଜଣ ପ୍ରଖର ସୁଅରେ ଭାସିଯାଇଥିଲେ। ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଏନ୍‌ଡିଆର୍‌ଏଫ୍ ଟିମ୍ ଭୁଶୁଡ଼ି ପଡ଼ିଥିବା ବ୍ରିଜ୍‌ର ଲୁହା ଫ୍ରେମ୍‌କୁ ଉଠାଇ ଏହା ତଳୁ ୨ଟି ମୃତଦେହ ବାହାର କରିଥିବାବେଳେ ଆହତଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି।

## ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ି ୬ ଶ୍ରମିକ ଆହତ

ଶିବପୁରୀ, ୧୫।୬

ମଧ୍ୟପ୍ରଦେଶର ଶିବପୁରୀ ଜିଲାରେ ଏକ ନିର୍ମାଣାଧୀନ ବ୍ରିଜ୍ ରବିବାର ଭୁଶୁଡ଼ି ପଡ଼ିବାରୁ ୬ ଜଣ ଶ୍ରମିକ ଆହତ ହୋଇଛନ୍ତି। ବସ୍ଷ୍ଟାଣ୍ଡ ଏବଂ ପୋହରି ହାଇୱେରେ ଥିବା ରେଲୱେ ଲେବଲ କ୍ରସିଂ ନିକଟରେ ୮୦ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଉକ୍ତ ବ୍ରିଜ୍‌ର କିଛି ଅଂଶ ଅପରାହ୍ନ ୧ଟା ବେଳେ ଭୁଶୁଡ଼ି ପଡ଼ିଥିଲା। ତେବେ ବ୍ରିଜ୍ ତଳେ କେହି ନ ଥିବାରୁ ବଡ଼ ଦୁର୍ଘଟଣାକୁ ରୋକାଯାଇପାରିଛି। ବ୍ରିଜ୍‌ରେ କଂକ୍ରିଟ୍ ଢଳେଇ ପକାଉଥିବାବେଳେ ଏହା ଭୁଶୁଡ଼ିବାରୁ ଆହତ ୬ ଶ୍ରମିକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁଭମ୍ କନ୍‌ଷ୍ଟ୍ରକ୍ସନ ନାମକ କମ୍ପାନୀକୁ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଦିଆଯାଇଥିଲା। ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା ଏହାର ଜଣେ ଅଧିକାରୀ କହିଛନ୍ତି।

## ବିଜୟ ରୂପାନୀଙ୍କ ମୃତଦେହ ଚିହ୍ନଟ: ଆଜି ଶେଷକୃତ୍ୟ

ଅହମଦାବାଦ, ୧୫।୬



ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୭୪ ଜଣଙ୍କ ମଧ୍ୟରୁ ରବିବାର ସୁଦ୍ଧା ଡିଏନ୍‌ଏ ମେଳ କରାଯାଇ ୪୭ ମୃତଦେହ ଚିହ୍ନଟ କରାଯାଇଛି। ସେଥିରୁ ୨୪ଟି ମୃତଦେହକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଅହମଦାବାଦର ସିଭିଲ୍ ହସ୍ପିଟାଲରେ ଡିଏନ୍‌ଏ ପରୀକ୍ଷା ଜରିଆରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମୃତଦେହ ଚିହ୍ନଟ ହୋଇଥିବା ରାଜ୍ୟ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି ରବିବାର ସକାଳେ ଘୋଷଣା କରିଛନ୍ତି। ତାଙ୍କ ମୃତଦେହକୁ ଏକ ଚାର୍ଟାର୍ଡ ବିମାନରେ ରାଜକୋଟ୍ ନିଆଯାଇ ସେଠାରେ ସୋମବାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରାଯିବା ସହ ଗୋଟିଏ ଦିନ ଶୋକ ପାଳନ କରାଯିବ।

ମୃତଦେହ ଚିହ୍ନଟ କାର୍ଯ୍ୟରେ ଫୋରେନ୍‌ସିକ୍ ବିଶେଷଜ୍ଞମାନଙ୍କର ଏକ ବଡ଼ ଟିମ୍ ସାମିଲ ହୋଇଥିବାବେଳେ ସମ୍ପର୍କୀୟମାନଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇ ଏହାକୁ ମୃତକଙ୍କ ସହ ମେଳ କରିବାରେ ସମୟ ଲାଗୁଛି। ଡିଏନ୍‌ଏ ମେଳକ ଏକ ଜଟିଳ ମେଡିକାଲ ଓ ଆଇନଗତ ପ୍ରକ୍ରିୟା, ଯେଉଁଥିରେ ଏକାଧିକ ସ୍ତରରେ ଯାଞ୍ଚ କରାଯାଇଥାଏ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି।

## ୨,୬୭୬ କୋଟି ଠକି ୨ ଭାଇ ଫେରାର

ଜୟପୁର, ୧୫।୬

ରାଜସ୍ଥାନ ସିକର ଜିଲାର ୨ ଭାଇ ସୁଭାଷ ଏବଂ ରଣବୀର ବିଜାରାନି ସହଯୋଗୀଙ୍କ ସହ ମିଶି ୭୦ ହଜାର ଲୋକଙ୍କଠାରୁ ୨,୬୭୬ କୋଟି ଟଙ୍କା ଠକି ନେଇଛନ୍ତି। ସେମାନେ ନେକ୍ସା ଏଭରଗ୍ରୀନ୍ କମ୍ପାନୀ ଖୋଲି ଧୋଲେରା ସ୍ମାର୍ଟ ସିଟି ପ୍ରୋଜେକ୍ଟରେ ଅଧିକ ରିଟର୍ନ ଏବଂ ଜମିର ପ୍ରତିଶ୍ରୁତି ଦେଇ ନିବେଶକଙ୍କୁ ଠକିଥିଲେ।

ରଣବୀର ଓ ସୁଭାଷ ଧୋଲେରାରେ ଜମି କିଣି ଏଭରଗ୍ରୀନ୍ କମ୍ପାନୀ ଖୋଲି ଏହାକୁ ସରକାରଙ୍କ ଧୋଲେରା ସ୍ମାର୍ଟ ସିଟି ପ୍ରୋଜେକ୍ଟର ଅଂଶ ଦାବି କରିଥିଲେ ଓ ୭୦ ହଜାରରୁ ଊର୍ଦ୍ଧ୍ୱ ନିବେଶକଙ୍କୁ ପ୍ରଲୋଭିତ କରି ୨,୬୭୬ କୋଟି ଟଙ୍କା ସଂଗ୍ରହ କରିବାରେ ସଫଳ ହୋଇଥିଲେ। ପରେ ୨ ଭାଇ କାର୍ଯ୍ୟାଳୟ ବନ୍ଦ କରିବା ସହ ଫେରାର୍ ହୋଇଯାଇଥିଲେ।

## ସାଇପ୍ରସ୍‌ରେ ପ୍ରଧାନମନ୍ତ୍ରୀ

### କାନାଡାରେ ଜି୭ ସମିଟ୍‌ରେ ଯୋଗଦେବେ

ନିକୋସିଆ, ୧୫।୬

ତିନି ରାଷ୍ଟ୍ର ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସାଇପ୍ରସ୍‌ରେ ପହଞ୍ଚିଛନ୍ତି। ୨ ଦିନିଆ ଗସ୍ତର ପ୍ରଥମ ଭାଗରେ ସେ ସାଇପ୍ରସ୍ ଓ କ୍ରୋଏସିଆରେ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେବାକୁ ଥିବାବେଳେ କାନାଡ଼ାରେ ହେବାକୁ ଥିବା ଜି୭ ସମିଟ୍‌ରେ ଯୋଗଦେବେ। ଆତଙ୍କବାଦ ବିରୋଧରେ ଭାରତର ଅପରେଶନ ସିନ୍ଦୂର ପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବିଦେଶ ଗସ୍ତ। ରିପବ୍ଲିକ୍ ଅଫ୍ ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲାର୍କାନା ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ କରିଥିଲେ।

୨ ଦଶନ୍ଧି ପରେ ସାଇପ୍ରସ୍‌କୁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ସେ ସାଇପ୍ରସ୍ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି। ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏୟାରପୋର୍ଟରେ ସ୍ୱତନ୍ତ୍ର ସ୍ୱାଗତ ପାଇଁ ମୋଦି ରାଷ୍ଟ୍ରପତି ନିକୋସ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଲାର୍କାନା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ରିପବ୍ଲିକ୍ ଅଫ୍ ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ତାଙ୍କୁ ସ୍ୱାଗତ କରୁଛନ୍ତି।

## ମନାଲିରେ ଜିପ୍‌ଲାଇନ୍ କେବୁଲ୍ ଛିଡ଼ି ନାବାଳିକା ଗୁରୁତର

ନାଗପୁର, ୧୫।୬

ମହାରାଷ୍ଟ୍ର ନାଗପୁରର ଏକ ପରିବାର ଛୁଟି କଟାଇବାକୁ ହିମାଚଳପ୍ରଦେଶର ମନାଲି ଯାଇଥିବାବେଳେ ସେଠାରେ ଜିପ୍‌ଲାଇନ୍ କେବୁଲ୍ ଛିଡ଼ିଯିବାରୁ ସେମାନଙ୍କର ୧୦ ବର୍ଷର ଝିଅ ୩୦ ଫୁଟ୍ ଗଭୀର ଖାତକୁ ଖସିପଡ଼ି ଗୁରୁତର ହୋଇଛନ୍ତି। ଗତ ୮ ତାରିଖରେ ନାଗପୁରର ପ୍ରଫୁଲ୍ଲ ବିଜ୍‌ୱେ, ତାଙ୍କ ସ୍ତ୍ରୀ ଓ ଝିଅ ତ୍ରିଶା ମନାଲି ଯାଇଥିଲେ। ସେଠାର ଏକ ପର୍ଯ୍ୟଟନ ସ୍ଥଳରେ ତ୍ରିଶା ରୋପ୍‌ୱେର ମଜା ନେଉଥିବାବେଳେ ଏହାର କେବୁଲ୍ ଛିଡ଼ିଯିବାରୁ ସେ ଖସିପଡ଼ିଥିଲେ। ତାଙ୍କୁ ମନାଲିରେ ଚିକିତ୍ସା କରାଯିବା ପରେ ଚଣ୍ଡିଗଡ଼ର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ଏବେ ନାଗପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ମଧ୍ୟ ଅବସ୍ଥା ସଙ୍କଟାପନ୍ନ ରହିଥିବା ପରିବାର ପକ୍ଷରୁ କୁହାଯାଇଛି।

## ଆଉ ୩୬ ଦେଶ ଉପରେ ଭ୍ରମଣ କଟକଣା ଲଗାଇପାରେ ଆମେରିକା

ୱାଶିଂଟନ୍, ୧୫।୬

ଆମେରିକା ଭ୍ରମଣ ପାଇଁ ଆଉ ୩୬ ଦେଶର ନାଗରିକଙ୍କ ଉପରେ କଟକଣା ଲଗାଇବାକୁ ଦେଶର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ବିଚାର କରୁଛି। ଇଣ୍ଟରନାଲ ଷ୍ଟେଟ୍ ଡିପାର୍ଟମେଣ୍ଟର ଏକ କେବୁଲରୁ ଏହା ଜଣାପଡ଼ିଥିବା ନେଇ ରବିବାର ବିଭିନ୍ନ ଆମେରିକୀୟ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ୩୬ଟି ଦେଶକୁ ଚିନ୍ତାଜନକ ଶ୍ରେଣୀରେ ରଖାଯାଇଛି। ଆମେରିକାରୁ ସେମାନଙ୍କ ନାଗରିକଙ୍କୁ ବାହାର କରିବାରେ ଏହି ଦେଶଗୁଡ଼ିକ ସହଯୋଗ କରୁ ନାହାନ୍ତି। ସେହିପରି କିଛି ଦେଶର ନାଗରିକମାନେ ସେମାନଙ୍କ ଭିଜା ଅବଧିଠାରୁ ଅଧିକ ସମୟ ଧରି ଆମେରିକାରେ ରହୁଛନ୍ତି। ଅନ୍ୟ କିଛି ଦେଶର ନାଗରିକ ଆମେରିକାରେ ଆତଙ୍କବାଦୀ କାର୍ଯ୍ୟକଳାପ ସହ ଆମେରିକୀୟ ବିରୋଧୀ ବିଭିନ୍ନ ଗତିବିଧିରେ ସାମିଲ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଆଗାମୀ ୬୦ ଦିନ ମଧ୍ୟରେ ଦେଶର ଆବଶ୍ୟକ ମାନଦଣ୍ଡକୁ ପୂରଣ ନ କଲେ ଏହି ୩୬ ଦେଶର ନାଗରିକଙ୍କ ଆମେରିକା ଭ୍ରମଣ ଉପରେ ପୂର୍ଣ୍ଣ କିମ୍ବା ଆଂଶିକ କଟକଣା ଲଗାଯାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ଏହି ୩୬ ଦେଶ ମଧ୍ୟରେ ୨୫ଟି ଆଫ୍ରିକୀୟ ଦେଶ ଥିବାବେଳେ କିଛି କାରବିୟାନ ଦେଶ ମଧ୍ୟ ରହିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଆମେରିକା ଭ୍ରମଣ ପାଇଁ ୧୨ ଦେଶର ନାଗରିକଙ୍କ ଉପରେ କଟକଣା ଲଗାଯାଇଥିଲା। ବିଦେଶୀ ଆତଙ୍କବାଦୀ ଏବଂ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ଅନ୍ୟାନ୍ୟ ବିପଦରୁ ଦେଶକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

## ବିଶ୍ୱରେ ସ୍କୁଲ ଯାଉନାହାନ୍ତି ୨୭୨ ନିୟୁତ ପିଲା



ନୂଆଦିଲ୍ଲୀ, ୧୫।୬(ପି.ଟି.)

ସାରା ବିଶ୍ୱରେ ସ୍କୁଲ ଯାଉ ନ ଥିବା ପିଲାଙ୍କ ସଂଖ୍ୟା ୨୭୨ ନିୟୁତ, ଯାହା ପୂର୍ବ ଆକଳନ ତୁଳନାରେ ୨୧ ନିୟୁତ ଅଧିକ। ୟୁନେସ୍କୋର ଗ୍ଲୋବାଲ ଏଜୁକେଶନ ମନିଟରିଂ ଟିମ୍ (ଜିଇଏମ୍) ରିପୋର୍ଟରୁ ଏହା ଜଣାପଡ଼ିଛି। ଶିକ୍ଷାରୁ ବଞ୍ଚିତ ପିଲାଙ୍କ ମଧ୍ୟରୁ ୭୮ ନିୟୁତ ପ୍ରାଥମିକ ସ୍କୁଲ୍ ବୟସର ହୋଇଥିବାବେଳେ ୬୪ ନିୟୁତ ନିମ୍ନ ମାଧ୍ୟମିକ ଏବଂ ୧୩୦ ନିୟୁତ ଉଚ୍ଚ ମାଧ୍ୟମିକ ସ୍କୁଲ ଯିବା ବୟସର। ୨୦୧୫ରେ ଚତୁର୍ଥ ଥର ପାଇଁ ଶିକ୍ଷା ଉପରେ ସତତ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ କରାଯାଇଥିଲା। ସେବେଠାରୁ ସ୍କୁଲ ବାହାରେ ରହିଥିବା ପିଲାଙ୍କ ସଂଖ୍ୟାରେ ୧ ପ୍ରତିଶତରୁ କମ୍ ହ୍ରାସ ପାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍ତରରେ ସର୍ବାଧିକ ୧୩୦ ନିୟୁତ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି, ଯାହାକି ସବୁ ସ୍ତରର ମୋଟ ସଂଖ୍ୟାର ୪୮%।

ଶିକ୍ଷା କ୍ଷେତ୍ରରେ ଗରିବ ଦେଶଗୁଡ଼ିକ ବହୁ ପଛରେ ପଡ଼ିଛନ୍ତି। ସବୁଠୁ ଗରିବ ଦେଶରେ ୩୬% ପିଲା ସ୍କୁଲ ଶିକ୍ଷାରୁ ବଞ୍ଚିତ ହୋଇଥିବାବେଳେ ସବୁଠୁ ଧନୀ ଦେଶରେ ଏହି ହାର ୩ ପ୍ରତିଶତ। ସାରା ବିଶ୍ୱରେ ସ୍କୁଲ୍ ବାହାରେ ଥିବା ମୋଟ ପିଲାଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶ କେନ୍ଦ୍ରୀୟ ଓ ଦକ୍ଷିଣ ଏସୀୟ ଦେଶ (୩୪%) ଏବଂ ଆଫ୍ରିକୀୟ ଦେଶର (୩୯%)। ସାରା ବିଶ୍ୱରୁ ଦେଖିଲେ ଝିଅଙ୍କ ତୁଳନାରେ ଅଧିକ ପୁଅ ସ୍କୁଲ୍ ବାହାରେ ରହିଛନ୍ତି। ଅର୍ଥାତ ୧୩୯ ନିୟୁତ ପୁଅ ଏବଂ ୧୩୩ ନିୟୁତ ଝିଅ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଏହି ଧାରା ୨୦୦୭ରୁ ଆରମ୍ଭ ହୋଇଥିବାବେଳେ ବଢ଼ିଚାଲିଛି।

ଜିଇଏମ୍ ଟିମ୍‌ର ସଦ୍ୟ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ଦେଶଗୁଡ଼ିକ ସେମାନଙ୍କ ଜାତୀୟ ଲକ୍ଷ୍ୟ ହାସଲ କରିବାକୁ ହେଲେ ୭୫ ନିୟୁତଙ୍କୁ ଏହି ଧାରାରୁ ବାହାରକୁ ଆଣିବାକୁ ହେବ। ନୂଆ ନାମଲେଖା ଏବଂ ଉପସ୍ଥାନ ତଥ୍ୟ ଅନୁଯାୟୀ, ଶିକ୍ଷାରୁ ବଞ୍ଚିତ ପିଲାଙ୍କ ସଂଖ୍ୟା ୮ ନିୟୁତ ବଢ଼ିଥିବାବେଳେ ଜାତିସଂଘର ସଂଶୋଧିତ ଜନସଂଖ୍ୟା ରିପୋର୍ଟ ଯୋଗୁ ୧୩ ନିୟୁତ ବଢ଼ିଯାଇଛି। ୨୦୨୧ରେ ଆଫଗାନିସ୍ତାନ ମାଧ୍ୟମିକ ସ୍କୁଲ ବୟସର ଝିଅମାନଙ୍କ ପାଠପଢ଼ାକୁ ବେଆଇନ ଘୋଷଣା କରିବା ପରେ ସ୍କୁଲ୍ ଶିକ୍ଷାରୁ ବାଦ୍ ପଡ଼ିଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ବ୍ୟତୀତ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବାରୁ ତଥ୍ୟ ସଂଗ୍ରହ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ପ୍ରଶାସନ, ସର୍ଭେ ଏବଂ ଜନଗଣନା ଆଦି ଏକାଧିକ ତଥ୍ୟ ଉତ୍ସକୁ ମଡେଲ ଭାବେ ନିଆଯାଇ ଆଞ୍ଚଳିକ ଏବଂ ବୈଶ୍ୱିକ ହାରାହାରି ସ୍କୁଲ୍ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କ ସଂଖ୍ୟା ଆକଳନ କରାଯାଇଛି।

# ଏନ୍‌ଇଇଟି ୟୁଜି ଫଳାଫଳରେ ଆକାଶର ବାଜିମାତ୍




ଏଇଏସ୍‌ଏଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂଙ୍କ ସମେତ ଏନ୍‌ଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୫।୬ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏନଇଇଟି ୟୁଜି-୨୦୨୫ ଫଳାଫଳରେ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସ୍‌ଏଲ୍) ବା ଆକାଶର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ଏପରିକି ଆକାଶ ଓଡ଼ିଶା ଶାଖାର ଛାତ୍ରୀଛାତ୍ରମାନେ ମଧ୍ୟ ଏନଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳରେ ଶୀର୍ଷ ସ୍କୋରଧାରୀ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆନୁଷ୍ଠାନିକ ଭାବେ ଏନଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳ ଶନିବାର ଘୋଷଣା କରାଯାଇଥିଲା। ଏହି ଫଳାଫଳ ଅନୁସାରେ ଆକାଶ ଓଡ଼ିଶା ଶାଖାର ଛାତ୍ରୀଛାତ୍ରମାନେ ଅଲ୍ ଇଣ୍ଡିଆ ର୍‍ୟାଙ୍କ (ଏଆଇଆର) ହାସଲ ସହ ଏନଇଇଟି ୟୁଜି-୨୦୨୫ ଫଳାଫଳରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଶେଷ କରି ଏଆଇଆର-୧୦୦୦ ବା ଏକ ହଜାର ର୍‍ୟାଙ୍କ ମଧ୍ୟରେ ୯ ଜଣ ଛାତ୍ରୀଛାତ୍ର ଶୀର୍ଷ ର୍‍ୟାଙ୍କ ହାସଲ କରିଥିଲାବେଳେ ଆଦିତ୍ୟ କିରଣ ବଳ ଏଆଇଆର-୧୨୮ ହାସଲ କରିଛନ୍ତି। ଏହି ତାଲିକାରେ ରିତେଶ ପରିଜା ଏଆଇଆର-୨୦୪, ସାତ୍ତ୍ୱିକ ମହାପାତ୍ର ଏଆଇଆର-୪୨୧, ଅନନ୍ୟା ପାଢ଼ୀ ଏଆଇଆର-୪୬୬, ଆଦିତ୍ୟ ଅଂଶୁମାନ ରଥ ଏଆଇଆର-୬୬୭, ପ୍ରତ୍ୟାଶା ଦାସ ଏଆଇଆର-୬୭୯, ଅସ୍ମିତ ମହାପାତ୍ର ଏଆଇଆର-୭୯୭, ସ୍ମାରକ ଦାସ ଏଆଇଆର- ୮୨୭ ଏବଂ ପ୍ରତ୍ୟୁଷ କର ଏଆଇଆର-୯୯୦ ତମ ସ୍ଥାନରେ ରହିଛନ୍ତି। ସେହିପରି ଏଆଇଆର-୫୦୦୦ ବା ପାଞ୍ଚ ହଜାର ର୍‍ୟାଙ୍କ ମଧ୍ୟରେ ଆକାଶ ଓଡ଼ିଶା ଶାଖାରୁ ୩୯ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅପରପକ୍ଷରେ ଏଇଏସଏଲର ଉଲ୍ଲେଖନୀୟ ସଫଳତା ହାସଲକାରୀଙ୍କ ମଧ୍ୟରେ ଉତ୍କର୍ଷ ଅୱଧୀୟା (ଏଆଇଆର-୨), କ୍ରିଶଙ୍ଗ ଜୋଷୀ (ଏଆଇଆର-୩), ଅଭିକା ଅଗ୍ରୱାଲ (ଏଆଇଆର-୫), ହର୍ଷ କେଡାୱତ (ଏଆଇଆର-୯), ଆରବ ଅଗରୱାଲ (ଏଆଇଆର-୧୦) ପ୍ରମୁଖ ସ୍ଥାନ ପାଇଛନ୍ତି।

ଏ ସମ୍ପର୍କରେ ଏଇଏସଏଲର ଆଞ୍ଚଳିକ ନିର୍ଦ୍ଦେଶକ (ରିଜିଓନାଲ ଡାଇରେକ୍ଟର) ଅଜୟ ବାହାଦୁର ସିଂ କହିଛନ୍ତି, ଆମେ ଆମ ଛାତ୍ରୀଛାତ୍ରଙ୍କର ସଫଳତାକୁ ନେଇ ବେଶ ଉତ୍ସାହିତ ଅଛୁ। ଏପରିକି ଏନଇଇଟି ୟୁଜି-୨୦୨୫ ଫଳାଫଳରେ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଆମେ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ। ଏଭଳି ଭଲ ନମ୍ବର ରଖିବା କିଛି ଛୋଟ କଥା ନୁହେଁ। ବିଶେଷକରି ଦେଶବ୍ୟାପୀ ୨୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଥିବା ଏକ ପ୍ରବେଶିକା ପରୀକ୍ଷାରେ ଏଭଳି ସଫଳତା ହାସଲ ବେଶ୍ ପ୍ରଶଂସନୀୟ। ଏହି ଫଳାଫଳ କେବଳ ଆମ ଛାତ୍ରୀଛାତ୍ରଙ୍କର କଠିନ ପରିଶ୍ରମ ଏବଂ ଅଧ୍ୟବସାୟକୁ ପ୍ରଦର୍ଶିତ କରୁନାହିଁ, ତାହା ସହିତ ସେମାନଙ୍କ ମାତାପିତାଙ୍କର ସେମାନଙ୍କ ପ୍ରତି ସମର୍ଥନ ଏବଂ ଆମର ଶିକ୍ଷାଦାନକାରୀ ଟିମର ପ୍ରତିବଦ୍ଧତା ପ୍ରୟାସକୁ ମଧ୍ୟ ପ୍ରତିଫଳିତ କରୁଛି।

# ଏନ୍‌ଇଇଟିରେ ଆଲେନ୍‌ର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,୧୫।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏନ୍‌ଇଇଟି ୟୁଜି-୨୦୨୫ ଫଳାଫଳରେ ଆଲେନ୍ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟ୍ ପ୍ରାଇଭେଟ ଲିମିଟେଡ ବା ଆଲେନ୍‌ର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏପରିକି ଆଲେନ ଓଡ଼ିଶା ଶାଖା (ଆଲେନ ଭୁବନେଶ୍ୱର)ର ଛାତ୍ରୀଛାତ୍ରମାନେ ମଧ୍ୟ ଏହି ଫଳାଫଳରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ଆନୁଷ୍ଠାନିକ ଭାବେ ଏନଇଇଟି ୟୁଜି-୨୦୨୫ପରୀକ୍ଷା ଫଳାଫଳ ଶନିବାର ଘୋଷଣା କରାଯାଇଥିଲା। ଏହି ଫଳାଫଳ ଅନୁସାରେ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ଛାତ୍ରୀଛାତ୍ରମାନେ ପୁଣି ଥରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏ ନେଇ ଆଲେନ୍‌ର ଜୋନାଲ ହେଡ ଆଣ୍ଡ ଭିପି ରଜନିଶ୍ ଶ୍ରୀବାସ୍ତବ କହିଛନ୍ତି, ଏନଇଇଟି ୟୁଜି-୨୦୨୫ ଫଳାଫଳରେ ଆଲେନ୍‌ର ସଫଳତା ଜାରି ରହିଛି। ଏପରିକି ଆମର ୫ବର୍ଷିଆ କ୍ଲାସରୁମ କୋର୍ସ ଛାତ୍ର ସ୍ନେହାସିସ୍ ଦାସ ସର୍ବଭାରତୀୟସ୍ତରରେ ୬୦ ତମ ସ୍ଥାନ ଏବଂ ୨ ବର୍ଷିଆ କ୍ଲାସରୁମ କୋର୍ସର ଛାତ୍ର ଆୟୁଷ ନନ୍ଦ ଅଲ ଇଣ୍ଡିଆ ର୍‍ୟାଙ୍କ (ଏଆଇଆର)-୨୭୦ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଏହି ୪ଜଣ ଛାତ୍ରଙ୍କ ସହିତ ଆହୁରି ୨୭ ଜଣ ଛାତ୍ର ଶ୍ରେଷ୍ଠ ଏଆଇଆର-୧୦୦୦ରେ ଅଛନ୍ତି। ଏହି ଅବସରରେ ଆଲେନ ଅଧ୍ୟାପକ ଏବଂ ଦଳର ସଦସ୍ୟମାନେ ସମସ୍ତ ସଫଳ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଲେନ୍ କ୍ୟାରିଅର ଇନଷ୍ଟିଚ୍ୟୁଟ୍‌ର ସିଇଓ ନୀତିନ୍ କୁକ୍ରେଜା କହିଛନ୍ତି, ଏହି ଫଳାଫଳରେ ଆମେ ବେଶ୍ ଉତ୍ସାହିତ ଅଛୁ। ଆଲେନ କ୍ଲାସରୁମ୍ କୋର୍ସର ଛାତ୍ରୀ ମୃଣାଳ ଝା ଏଆଇଆର-୪ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ଶ୍ରେଷ୍ଠ-୧୦ରେ ୪ଜଣ ଛାତ୍ର ସ୍ଥାନ ପାଇଛନ୍ତି। ଯେଉଁଥିରେ କେଶବ ମିତ୍ତଲ ଏଆଇଆର-୭ ଏବଂ ଭବ୍ୟ ଚିରାଗ ଝା ଏଆଇଆର-୮ ସ୍ଥାନ ହାସଲ କରିଛନ୍ତି। ଉପରୋକ୍ତ ୩ ଜଣ ଆଲେନ କ୍ଲାସରୁମ୍ ଛାତ୍ର ହୋଇଥିଲାବେଳେ ଆରଭ ଅଗ୍ରୱାଲ ଦୂରଶିକ୍ଷା ମାଧ୍ୟମରେ ଆଲେନ ସହିତ ଜଡିତ ହୋଇ ଏଆଇଆର-୧୦ରେ ସ୍ଥାନ ପାଇଛନ୍ତି। ସେହିଭଳି ଆଲେନର ଛାତ୍ରୀ ଆଶି ସିଂହ ଏଆଇଆର-୧୨ ସହ ଅଲ୍ ଇଣ୍ଡିଆ ବାଳିକା ବର୍ଗରେ ୨ୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଏହି ଫଳାଫଳ ଅନୁଯାୟୀ ଆଲେନର ୩୯ ଜଣ ଛାତ୍ର ଶ୍ରେଷ୍ଠ-୧୦୦ ସ୍ଥାନରେ ଥିଲାବେଳେ ସେଥି ମଧ୍ୟରୁ ୨୯ ଜଣ ଛାତ୍ର କ୍ଲାସରୁମ୍ ପ୍ରୋଗ୍ରାମରୁ ଏବଂ ୧୦ଜଣ ଛାତ୍ର ଦୂରଶିକ୍ଷା ଏବଂ ଅନଲାଇନ୍ ଟେଷ୍ଟ ସିରିଜ୍ କାର୍ଯ୍ୟକ୍ରମରୁ ଆସିଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ବର୍ଷ ମଧ୍ୟରେ ଆଲେନର ୧୩ ଜଣ ଶ୍ରେଣୀଗୃହର ଛାତ୍ର ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଅଲ୍ ଇଣ୍ଡିଆ ର୍‍ୟାଙ୍କ/ଏଆଇଆର-୧ ହାସଲ କରିଛନ୍ତି। ୨୦୨୪ରେ ଡାକ୍ତରୀ ଶିକ୍ଷା ପାଇଁ ଦେଶର ସର୍ବୋତ୍ତମ ପ୍ରତିଷ୍ଠାନ କୁହାଯାଉଥିବା ଏଆଇଆଇଏମଏସ (ଏମ୍ସ) ପ୍ରତିଷ୍ଠାନରେ ପ୍ରବେଶ କରୁଥିବା ପ୍ରତ୍ୟେକ ଚତୁର୍ଥ ଛାତ୍ର ଆଲେନର ଥିଲେ। ଏହା ସହିତ ଆଲେନର ୧୦,୪୫୦ରୁ ଅଧିକ ଛାତ୍ର ସରକାରୀ ମେଡିକାଲ୍ କଲେଜରେ ସ୍ଥାନ ପାଇଥିଲେ। ଜେଇଇ-ଆଡଭାନ୍ସଡ-୨୦୨୫ ଫଳାଫଳରେ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟର ଶ୍ରେଣୀଗୃହ ଛାତ୍ର ରଜିତ ଗୁପ୍ତା ଅଲ ଇଣ୍ଡିଆରେ ଟପ୍ ହୋଇଥିଲେ। ଟପ୍-୧୦ ରେ ୪ ଜଣ ଶ୍ରେଣୀଗୃହ ଛାତ୍ର ଏବଂ ଟପ୍-୧୦୦ ରେ ସର୍ବାଧିକ ୪୬ ଜଣ ଛାତ୍ର ଆଲେନ୍‌ର ଥିଲେ। ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ର ସିଇଓ ନୀତିନ୍ କୁକ୍ରେଜା କହିଛନ୍ତି, ଆଲେନ୍ ମଧ୍ୟ ଫଳାଫଳର ପ୍ରାମାଣିକତା ଏବଂ ସ୍ୱଚ୍ଛତାରେ ବିଶ୍ୱାସ କରନ୍ତି ଏବଂ ଏହାକୁ ବଜାୟ ରଖିବା ପାଇଁ ଦେଶର ସର୍ବବୃହତ ଅଡିଟ୍ ଫାର୍ମ ଇୱାଇ ଇଣ୍ଡିଆ ଦ୍ୱାରା ଏହାର ଫଳାଫଳକୁ ବୈଧ କରାଯାଇଛି।




ଏନ୍‌ଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକମାନେ ଉପସ୍ଥିତ ଅଛନ୍ତି।

## ଅଲ୍-ଇନ୍-ୱାନ୍ ନିବେଶ ଆପର ଶୁଭାରମ୍ଭ

ଭୁବନେଶ୍ୱର,୧୫।୬

ଟାଟା ଆସେଟ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଅଭିନବ ମୋବାଇଲ୍ ଆପ୍ 'ଅଲ-ଇନ୍-ୱାନ୍ ନିବେଶ'ର ଶୁଭାରମ୍ଭ କରାଯାଇଛି। ଯାହା ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଆର୍ଥିକ ଜଗତର ଏକ ସମ୍ପୂର୍ଣ୍ଣ ଚିତ୍ର ଦେବା ପାଇଁ ଉଦ୍ଦିଷ୍ଟ ରହିଛି। ବ୍ରାଣ୍ଡ ପ୍ଲାଟଫର୍ମ ଅଧୀନରେ ଏହି ଆପ୍ ସରଳତା, ବୁଦ୍ଧିମତ୍ତା ଏବଂ ପର୍ସନାଲାଇଜେସନକୁ ଏକତ୍ରିତ କରିଛି। ଏହି ମୋବାଇଲ୍ ଆପ୍ ଶୁଭାରମ୍ଭ ହେଉଛି ନିବେଶକୁ ସରଳ, ସ୍ମାର୍ଟ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଏକ ବଡ଼ ପଦକ୍ଷେପ। 'ଏକ ଆପ୍-ଏକ ଦୃଶ୍ୟ-ଅନ ସୁଯୋଗ' ବ୍ରାଣ୍ଡ ପ୍ରତିଶ୍ରୁତି ସହିତ ଏହି ଆପ୍ ନିବେଶକମାନଙ୍କୁ ଶିଖିବାରୁ ଆରମ୍ଭ କରି ନିବେଶ ଏବଂ ଆର୍ଥିକ ଲକ୍ଷ୍ୟ ଉପରେ ନଜର ରଖିବା ପର୍ଯ୍ୟନ୍ତ ସବୁ କିଛି ଦେଇଥାଏ। ଟାଟା ଆସେଟ୍ ମ୍ୟାନେଜମେଣ୍ଟର ମୁଖ୍ୟ ବିତରଣ ଏବଂ ଡିଜିଟାଲ୍ ଅଧିକାରୀ ହେମନ୍ତ କୁମାର କହିଛନ୍ତି, 'ଏକ ଆପ୍। ଏକ ଦୃଶ୍ୟ। ଅନନ୍ତ ସୁଯୋଗ କେବଳ ଏକ ଟ୍ୟାଗଲାଇନ୍ ନୁହେଁ; ଏହା ଆମେ ଯାହା ପ୍ରଦାନ କରୁଛୁ, ତାହାର ମୂଳ କେନ୍ଦ୍ର ଅଟେ। ଆଜିର ନିବେଶକାରିମାନେ ଏକ ବୁଦ୍ଧିମାନ ପ୍ଲାଟଫର୍ମ ଚାହାଁନ୍ତି, ଯାହା ସେମାନଙ୍କୁ ସେମାନଙ୍କର ସମସ୍ତ ଆର୍ଥିକ ସମ୍ପତ୍ତି ଉପରେ ସ୍ୱଷ୍ଟତା ଏବଂ ନିୟନ୍ତ୍ରଣ ଦେଇଥାଏ। ଏହି ଆପ୍ ସବୁକିଛି ଏକାଠି କରିଛି।

## କଲ୍ୟାଣ ଜୁଏଲର୍ସର ନବୀକୃତ ଶୋ'ରୁମ୍

ଭୁବନେଶ୍ୱର,୧୫।୬

KALYAN JEWELLERS

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'କଲ୍ୟାଣ ଜୁଏଲର୍ସ'ର ନବୀକୃତ ବାଣୀବିହାର ସ୍କୋୟାର ଶୋ'ରୁମ୍ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡର ପ୍ରଥମ ଏକ୍ସକ୍ଲୁସିଭ ଆଉଟଲେଟ ଅତ୍ୟାଧୁନିକ ଡିଜାଇନ ଓ ବୈଶ୍ୱିକ ପରିବେଶରେ ନିର୍ମିତ ହୋଇଛି। ୧୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଏହି ନବୀକୃତ ଶୋ'ରୁମ୍ ବେଶ୍ ଆକର୍ଷଣୀୟ ଏବଂ କଲ୍ୟାଣ ଜୁଏଲର୍ସର ବ୍ୟାପକ ଗହଣା ସମ୍ଭାର ଉପଲବ୍ଧ ରହିଛି।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଓଡ଼ିଶା ବଜାରରେ କଲ୍ୟାଣ ଜୁଏଲର୍ସର ପ୍ରଥମ ଏକ୍ସକ୍ଲୁସିଭ ଶୋ'ରୁମ୍‌କୁ ଆମେ ପୁନଃ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ ପାଇଁ ଏହାର ବ୍ୟାପକ ବ୍ୟବସ୍ଥା ସହ ନୂତନ ଡିଜାଇନ ଉପଲବ୍ଧ ରହିଛି।

ସେହିଭଳି ଗ୍ରାହକଙ୍କ ସପିଙ୍ଗ ଅନୁଭୂତିରେ ଉନ୍ନତି ଆଣିବା ସହିତ ବିଶ୍ୱାସ ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏପରିକି ବିଶ୍ୱସ୍ତରୀୟ ପରିବେଶ ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଆମେ ଗୁଣାତ୍ମକ ମାନ ଓ ଉଲ୍ଲେଖନୀୟ ସେବା ସହିତ ବ୍ୟାପକ ପ୍ରକାରର ଆକର୍ଷଣୀୟ ଓ ସ୍ୱତନ୍ତ୍ର ଗହଣା ଡିଜାଇନ୍ ପ୍ରଦାନ କରିବା ମଧ୍ୟ ଜାରି ରଖିବୁ।

ସେହିପରି ଏହି ପୁନଃଶୁଭାରମ୍ଭ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ମଧ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ଆମର ପୃଷ୍ଠକୋଷକମାନେ ସେମାନଙ୍କର ଗହଣା କ୍ରୟ ଉପରେ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିପାରିବେ। ଏହି ଶୁଭାରମ୍ଭ ଅଫରର ଅଂଶ ଭାବେ ଗ୍ରାହକମାନେ ପ୍ରତି ୧୦ ଗ୍ରାମ୍ ସୁନା ଗହଣା କ୍ରୟ ଉପରେ ୦.୫ ଗ୍ରାମ୍‌ର ସୁନା ମାଗଣାରେ ପାଇପାରିବେ। କଲ୍ୟାଣ ଜୁଏଲର୍ସ ପରିଚିତ ଥିବା ଅତୁଳନୀୟ କାରିଗରି ଓ ଅସୀମ ଡିଜାଇନର ଅନୁଭବ ହାସଲ କରିବା ସହିତ ପୃଷ୍ଠପୋଷକମାନଙ୍କ ପାଇଁ ଆକର୍ଷଣୀୟ ଗହଣା ହାସଲ କରିବା ନିଶ୍ଚିତ କରିବ। ଏହା ବ୍ୟତୀତ କଲ୍ୟାଣ ସ୍ପେଶିଆଲ୍ ଗୋଲ୍ଡ ବୋର୍ଡ ରେଟ୍ ରହିଛି, ଯାହା ବଜାରରେ ସର୍ବନିମ୍ନ ଓ କମ୍ପାନୀର ସମସ୍ତ ଶୋ'ରୁମ୍‌ରେ ସମାନ, ତାହା ଲାଗୁ ହେବ। ପୃଷ୍ଠପୋଷକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ହାସଲ କରିବେ। ଯାହା ଶୁଦ୍ଧତା ଓ ଗହଣାର ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ଉତ୍ପାଦର ସମ୍ପୂର୍ଣ୍ଣ ବିବରଣୀ ଓ ସ୍ୱଚ୍ଛ ଏକ୍ସଚେଞ୍ଜ ଓ ବାଏ-ବ୍ୟାକ୍ ନୀତିକୁ ସୁନିଶ୍ଚିତ କରିବ। ବିଶ୍ୱସନୀୟ ଗ୍ରାହକମାନଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ବ୍ରାଣ୍ଡର ରହିଥିବା ପ୍ରତିବଦ୍ଧତାକୁ ଏହି ସାର୍ଟିଫିକେସନ୍ ପ୍ରତିଫଳିତ କରୁଛି।

## ଓଏସିସ୍ ଫର୍ଟିଲିଟିର ନୂତନ ଅଭିଯାନ

ଭୁବନେଶ୍ୱର,୧୫।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଏସିସ୍ ଫର୍ଟିଲିଟି ପରିସରରେ ପିତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ନୂତନ ଅଭିଯାନ 'ହାପି ଫାଦର୍ସ-ଟୁ-ବି ଡେ' ର ଶୁଭାରମ୍ଭ କରାଯାଇଛି। ବିଶେଷ କରି 'ସୁସ୍ଥ ପୁରୁଷ, ସୁଖୀ ପିତା' ଶୀର୍ଷକ ବିଷୟବସ୍ତୁ ସହିତ ଏହି ଅଭିଯାନ ଫର୍ଟିଲିଟି (ବନ୍ଧ୍ୟାତ୍ୱ) ସମ୍ବନ୍ଧୀୟ ଅଜ୍ଞତା ଏବଂ ଚିକିତ୍ସା ବିକଳ୍ପ ବିଷୟରେ ସଚେତନତା ବୃଦ୍ଧି କରିବାକୁ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି। ଏ ସମ୍ପର୍କରେ ଓଏସିସ୍ ଫର୍ଟିଲିଟିର ସିଇଓ ପୁଷ୍କରାଜ ଶେଣାଇ କହିଛନ୍ତି,ଆମେ ପୁରୁଷମାନଙ୍କ ଫର୍ଟିଲିଟି ଯାତ୍ରାରେ ସହାୟତା ପାଇଁ ବିଜ୍ଞାନ ଏବଂ ବ୍ୟକ୍ତିଗତୀକୃତ ଯତ୍ନର ଶକ୍ତିକୁ ନିୟୋଜିତ କରିବାକୁ ପ୍ରତିବଦ୍ଧ ଅଛୁ। ଓଏସିସ୍ ଫର୍ଟିଲିଟିର ଏମଡି ଡା. ଦୁର୍ଗା ଜି ରାଓ କହିଛନ୍ତି, ଫର୍ଟିଲିଟି ସମସ୍ୟାକୁ ପାରମ୍ପରିକ ଭାବେ ମହିଳାଙ୍କ ଅସୁବିଧା ଭାବରେ ଦେଖାଯାଏ, ଯାହାଦ୍ୱାରା ପୁରୁଷ ଫର୍ଟିଲିଟି ଅଣଦେଖା ରହିଯାଏ।


**GOVERNMENT OF ODISHA**
**DEPARTMENT OF WATER RESOURCES**

No.A-298

**e-Procurement Notice No. e-CHID-04/2025-26**

1. Type of Work :- Building works
2. Total No. of Works :- 01 (one) No.
3. Amount put to tender :- Rs.62.48 Lakh
4. Period of completion :- 11 (Eleven) calendar months
5. Class of Contractor :- 'B'

| Procurement Officer | Bid Identification No. | Name of Work | Bid Amount (Rs. in lakh) | Availability & Submission of Bid On-line |
|---|---|---|---|---|
| Superintending Engineer, Chikiti Irrigation Division, Berhampur | SE(CHID) - 32/2025-26 | Construction of control building of Ghatakeswar Multipurpose Project | 62.48 | From 18.06.2025, 10.00 A.M. to 03.07.2025, 5.00 P.M. |

Date of opening of the Technical Bid :- **04.07.2025 at 11.30 A.M.**
Further details can be seen from the Govt. website www.tendersodisha.gov.in

Sd./- Superintending Engineer
Chikiti Irrigation Division
Berhampur

OIPR-32115/11/0015/2526



**OFFICE OF THE PRINCIPAL,**
**BHADRAK AUTONOMOUS COLLEGE, BHADRAK**

Letter No.1639/Date 11.06.2025

**"WALK-IN-INTERVIEW" FOR ENGAGEMENT OF GUEST FACULTIES IN DIFFERENT SUBJECTES FOR THE SESSION 2025-26**

**No.CAD-763** : Eligible candidates are invited to attend "Walk-in-Interview" for engagement of Guest faculties in different subjects for Bhadrak Autonomous College, Bhadrak for the session 2025- 26 as per the following schedule. Selection of candidates, period of engagement and payment of remuneration shall be as per the Government guidelines, issued vide letter No. 26445, dt. 23.05.2025. Candidates are required to report with all Original Testimonials / Documents in support of their qualification and experiences. Candidates are instructed to visit college website at www.bhadrakcollege.ac.in for detail information/Guidelines.

**Interview Schedule**

| Sl. No. | Date of Interview | Reporting Time | Venue | Subjects |
|---|---|---|---|---|
| 01 | 23.06.2025 | 9.30 am to 10.00 am | Concerned Department | Education, History, Odia, Sanskrit, Urdu, Philosophy, Political Science, Sociology, Hindi, Commerce, Statistics |
| 02 | 24.06.2025 | 9.30 am to 10.00 am | Concerned Department | Applied Physics, Zoology, Microbiology, Geology, Computer Science, B.C.A. (Comp. Sc., Math, Eng, Com.) |

Sd./- Principal
Bhadrak Autonomous College, Bhadrak

OIPR-11028/11/0014/2526



**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧,
ମୋ.: ୯୭୭୬୭୪୫୪୯୭, ଇ-ମେଲ: rodhenkanal@odishabank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(SARFAESI ଆକ୍ଟ ୨୦୦୨ ଅନୁଯାୟୀ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨) ରୁଲ୍ ୬, ୮ ଏବଂ ୯ ଅନୁଯାୟୀ ବ୍ୟାଙ୍କରେ ବନ୍ଧକଥିବା ସ୍ଥାବର ସମ୍ପତ୍ତିର ନିଲାମ ବିକ୍ରୟ।**

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧ର** କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ ୨୦୦୨ ଏବଂ ଧାରା ୧୩ (୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ଦର୍ଶିତ ଋଣଗ୍ରହୀତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟ ନିମନ୍ତେ କଥିତ ଆକ୍ଟର ଧାରା ୧୩(୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୬, ୮ ଏବଂ ୯ ଅନୁଯାୟୀ ଋଣଗ୍ରହୀତାମାନଙ୍କ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ସ୍ଥାବର ସମ୍ପତ୍ତିର ବିବରଣୀ**

| କ୍ର. ନଂ. | ଶାଖା / ମୋବାଇଲ ନଂ. / ଆକାଉଣ୍ଟ ନଂ. / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ / ସମ୍ପତ୍ତି ମାଲିକମାନଙ୍କ ନାମ | ବକେୟା ରାଶି | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ଇ-ନିଲାମ ତାରିଖ ଓ ସମୟ |
|---|---|---|---|---|---|---|
| ୧. | ଗଦାଶିଳା ଶାଖା, ମୋ.: ୮୮୯୫୧୭୫୭୭୮ / ଆକାଉଣ୍ଟ ନଂ.: ୦୫୦୨୧୩୦୪୫୦୦୦୦୫୮, ୦୫୦୨୧୪୦୦୧୦୦୦୦୨୦, ୦୫୦୨୧୩୦୬୯୦୦୦୦୦୧ ଏବଂ ୦୫୦୨୧୩୦୬୯୦୦୦୦୦୨ / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସତ୍ୟ ରଞ୍ଜନ ମିଶ୍ର, ମୁନ୍‌ଲି ଇଣ୍ଡିଆର ସ୍ୱତ୍ୱାଧିକାରୀ, ପିତା: ବଂଶୀଧର ମିଶ୍ର / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋରଞ୍ଜନ ମିଶ୍ର, ପିତା: ବଂଶୀଧର ମିଶ୍ର / ଜାମିନ୍‌ଦାରମାନେ: ୧) ଶ୍ରୀ ବଂଶୀଧର ମିଶ୍ର, ପିତା: କୃଷ୍ଣ ଚନ୍ଦ୍ର ମିଶ୍ର, ୨) ଶ୍ରୀମତୀ ପ୍ରମିଳା କୁମାରୀ ଦାଶ, ସ୍ୱାମୀ: ବଂଶୀଧର ମିଶ୍ର, ୩) ଶ୍ରୀ ସାଜନ ଶତପଥି, ପିତା: ବ୍ରଜବନ୍ଧୁ ଶତପଥି, ସମସ୍ତଙ୍କ ଠିକଣା- ସା/ପୋ: ଧଳପୁର, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୯ | (କ) ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୪୬୬, ପ୍ଲଟ୍ ନଂ.: ୧୨୬୯/୨୦୩୬, କ୍ଷେତ୍ର: ଏକର୦.୨୫ ଡିସିମିଲି (ଘରବାରି) | ୧୦.୦୬.୨୦୨୫ ସୁଦ୍ଧା ଟ.୩,୩୫,୨୯,୮୧୫.୩ + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ୦୨.୧୧.୨୦୨୩ / ୧୨.୦୧.୨୦୨୪ | ଟ.୧,୬୯,୨୦,୦୦୦/- / ଟ.୧୬,୯୨,୦୦୦/- | ଇ-ନିଲାମ ତାରିଖ ଓ ସମୟ: ତା.୩୦.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟାରୁ ଅପରାହ୍ନ ୨.୦୦ ଘଣ୍ଟା ପର୍ଯ୍ୟନ୍ତ (ପ୍ରତି ୫ ମିନିଟ୍‌ର ଅସୀମିତ ସମ୍ପ୍ରସାରଣ ସହିତ) |
| | (ଖ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୨୩୭, ପ୍ଲଟ୍ ନଂ.: ୧୪୪୫, କ୍ଷେତ୍ର: ଏକର୦.୧୬ ଡିସିମିଲି (ଘରବାରି) | | | | ଟ.୩୮,୭୦,୦୦୦/- / ଟ.୩,୮୭,୦୦୦/- | |
| | (ଗ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୪୦୨, ପ୍ଲଟ୍ ନଂ.: ୧୨୭୨/୧୯୧୮, କ୍ଷେତ୍ର: ଏକର୦.୧୨ ଡିସିମିଲି (ଘରବାରି) | | | | ଟ.୩୬,୦୦,୦୦୦/- / ଟ.୩,୬୦,୦୦୦/- | |
| | (ଘ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୩୦୯, ପ୍ଲଟ୍ ନଂ.: ୧୪୪୮, କ୍ଷେତ୍ର: ଏକର୦.୧୬ ଡିସିମିଲି (ଘରବାରି) | | | | ଟ.୮୬,୮୫,୦୦୦/- / ଟ.୮,୬୮,୫୦୦/- | |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ସମ୍ପତ୍ତିଗୁଡିକ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ଅନୁମୋଦିତ ନିମ୍ନଲିଖିତ ସେବାପ୍ରଦାନକାରୀଙ୍କ ୱେବ୍ ପୋର୍ଟାଲ **https://sarfaesi.auctiontiger.net** ରେ ଇ-ନିଲାମ ମାଧ୍ୟମରେ **ତା.୩୦.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକାରୁ ଅପରାହ୍ନ ୨.୦୦ ଘଣ୍ଟିକା** ମଧ୍ୟରେ ବିକ୍ରୟ କରାଯିବ।
୨) ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sarfaesi.auctiontiger.net** ରେ ଉପଲବ୍ଧ।
୩) ଇଚ୍ଛୁକ ନିଲାମଧାରୀ ବୈଧ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ।
୪) ପ୍ରସ୍ତାବଗୁଡିକ ଟେଣ୍ଡର ଡକ୍ୟୁମେଣ୍ଟରେ ଦିଆଯାଇଥିବା ଧାର୍ଯ୍ୟ ଫର୍ମାଟରେ "ଅନଲାଇନ୍" ମାଧ୍ୟମରେ **M/s e-procurement Technologies Limited - Auction Tiger**ର ପୋର୍ଟାଲ (ସେବା ପ୍ରଦାନକାରୀଙ୍କ ଠାରୁ ପୋର୍ଟାଲ ପ୍ରାପ୍ତ କରିବାକୁ ହେବ)ରେ ଦାଖଲ କରିବାକୁ ହେବ। ଅନ୍ୟ ମାଧ୍ୟମରେ ଦାଖଲ କରାଯାଇଥିବା ପ୍ରସ୍ତାବଗୁଡିକ ଗ୍ରହଣ ଯୋଗ୍ୟ ହେବ ନାହିଁ।
୫) ବିଡ୍ ପାଇଁ ଅମାନତ ରାଶି ସହିତ ଅନ୍‌ଲାଇନ୍ ଦରଖାସ୍ତ ଦାଖଲ **ତା.୨୨.୦୬.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଣ୍ଟିକା ଠାରୁ ଆରମ୍ଭ ହୋଇ ତା.୨୬.୦୬.୨୦୨୫ରିଖ ଅପରାହ୍ନ ୫.୦୦ ଘଣ୍ଟିକା** ପର୍ଯ୍ୟନ୍ତ ଚାଲୁ ରହିବ।
୬) ଅମାନତ ଜମା (EMD) EFT/NEFT/NEFT ଦ୍ୱାରା **"Authorised Officer, Odisha Grameen Bank, Dhenkanal Region" to the Current Account Number: 050134003002241 of Odisha Grameen Bank, Dhenkanal Branch, At/PO/Dist.: Dhenkanal, PIN-759001, Branch Code: 0501, IFSCode.: IOBA0ROGB01 (5th & 10th digit are Zero)** କୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ ଦାଖଲ କରାଯିବ।
୭) ଅମାନତ ଜମା (EMD) ବିନା ଦାଖଲ କରାଯାଇଥିବା ବିଡ୍ / ପ୍ରସ୍ତାବଗୁଡିକୁ ନାକଚ କରାଯିବ।
୮) ନିଲାମଧାରୀମାନେ **ତା.୨୧.୦୬.୨୦୨୫ରିଖରୁ ତା.୨୬.୦୬.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଣ୍ଟିକାରୁ ଅପରାହ୍ନ ୪.୦୦ ଘଣ୍ଟିକା** (ବ୍ୟାଙ୍କ ଛୁଟି ଦିନ ଗୁଡିକ ବ୍ୟତିତ) ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ପୂର୍ବରୁ ଅନୁମତି ନେଇ ସମ୍ପତ୍ତିଗୁଡିକୁ ତନଖି କରିପାରିବେ।
୯) ନିଲାମଧାରୀମାନେ ବୈଧ ଆଇଡ଼ି ଏବଂ ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଠାରୁ ଇମେଲ ମାଧ୍ୟମରେ ପାଇପାରିବେ। ଯୋଗାଯୋଗ କରନ୍ତୁ: **Mr. Ram Sharma- 8000023297, Mr. Prabin- 9722778828, Email ID: orissa@auctiontiger.net & support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ।)
୧୦) ବିଡ୍‌ଫର୍ମର ଏକ ନକଲ ସହିତ ଅନଲାଇନରେ ଦାଖଲ ସଂଯୁକ୍ତ କାଗଜାତ୍ (UTR ନଂ. ଦର୍ଶାଇବେ) **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧** ଠାରେ ଦାଖଲ କରିବେ କିମ୍ବା ସେଗୁଡିକର ସଫ୍ଟ କପି: **rodhenkanal@odishabank.in** କୁ ଇ-ମେଲ କରିବେ।
୧୧) ସଂରକ୍ଷିତ ମୂଲ୍ୟଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ / ଅଧିକ ହେବା ଉଚିତ୍ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତୀ ବର୍ଦ୍ଧିତ ପ୍ରସ୍ତାବ **ଟ.୨୫,୦୦୦/- (ପଚିଶି ହଜାର ଟଙ୍କା ମାତ୍ର) (କ୍ର. ନଂ. ୧(ଖ) ଏବଂ ୧(ଗ)ରେ ଦର୍ଶିତ ସମ୍ପତ୍ତି ନିମନ୍ତେ)**ର ଗୁଣିତକ ହେବା ଉଚିତ ଏବଂ **ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) (କ୍ର. ନଂ. ୧(କ) ଏବଂ ୧(ଘ)ରେ ଦର୍ଶିତ ସମ୍ପତ୍ତି ନିମନ୍ତେ)**ର ଗୁଣିତକ ହେବା ଉଚିତ।
୧୨) ସମ୍ପତ୍ତି ସର୍ବୋଚ୍ଚ ନିଲାମ ଡାକି ଥିବା ନିଲାମଧାରୀଙ୍କୁ ବିକ୍ରୟ କରାଯିବ। ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% (ପୈଠ ହୋଇଥିବା ଅମାନତ ରାଶି ବିଯୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ସଙ୍ଗେ ସଙ୍ଗେ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ ୭୫% ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ଦାଖଲ କରିବେ। ସଫଳ ନିଲାମଧାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ବିକ୍ରୟ ମୂଲ୍ୟର ୨୫% ଅର୍ଥରାଶି ବାଜ୍ୟାପ୍ତ କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୩) ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଦେୟ ଯଦି କିଛି ଥାଏ ତାହା ଜମା କରିବା ପରେ ହିଁ ବିକ୍ରୟ ପ୍ରମାଣପତ୍ର କେବଳ କ୍ରେତାଙ୍କ ନାମରେ ପ୍ରଦାନ କରାଯିବ।
୧୪) ଆଇନ ଅନୁଯାୟୀ ପ୍ରଯୁଜ୍ୟ ଚାର୍ଜ / ଫି ଯଥା ରେଜିଷ୍ଟ୍ରେସନ୍ ଫି, ଷ୍ଟାମ୍ପ ଡ୍ୟୁଟି, ଇନକମ୍ ଟ୍ୟାକ୍ସ ଇତ୍ୟାଦି କ୍ରେତା ବହନ କରିବେ। ଚୂଡାନ୍ତ ହୋଇଥିବା ନିଲାମ ରାଶି ଉପରେ ଟିଡିଏସ ସଫଳ କ୍ରେତା ବହନ କରିବେ। ଯେଉଁ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଟ.୫୦,୦୦,୦୦୦/- କିମ୍ବା ତା ଠାରୁ ଅଧିକ ଥିବ ସେ କ୍ଷେତ୍ରରେ ଆୟକର ଆଇନ ୧୯୬୧ ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ।
୧୫) ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଏବଂ **"ଯାହା ଯେପରି ଅଛି ଭିତ୍ତିରେ/ଅବସ୍ଥାରେ"** ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ଅନୁଯାୟୀ ସମ୍ପତ୍ତି ଉପରେ କୌଣସି ଏନ୍‌କମ୍ବ୍ରାନ୍ସେସ୍, ଲିଏନ ଚାର୍ଜ, ବୈଧାନିକ ଦେୟ ଇତ୍ୟାଦି ନାହିଁ। ଇଚ୍ଛୁକ ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମ ପାଇଁ ଉଦ୍ଦିଷ୍ଟ ସମ୍ପତ୍ତି ଏବଂ ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ସମସ୍ତ ଦାବି / ଅଧିକାର / ଦେୟକୁ ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଏସ୍‌ଆରଓ ଏବଂ ରେଭିନ୍ୟୁ ରେକର୍ଡରୁ ସମ୍ପତ୍ତି ମାଲିକାନା, ପ୍ରକାର, ବିବରଣୀ, ସର୍ତ୍ତ, ଏନ୍‌କମ୍ବ୍ରାନ୍ସେସ୍, ଲିଏନ, ଦେୟ, ବୈଧାନିକ ଦେୟ ଇତ୍ୟାଦି ଯାଞ୍ଚ କରିନେବା ଉଚିତ। ଏହି ଇ-ନିଲାମ ବିଜ୍ଞାପନକୁ ବ୍ୟାଙ୍କ ତରଫରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ଆକାରରେ ବିବେଚନା ନକରିବାକୁ ଅନୁରୋଧ। ବ୍ୟାଙ୍କର ଜ୍ଞାତ କିମ୍ବା ଅଜ୍ଞାତରେ ସମ୍ପତ୍ତିଗୁଡିକରେ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରୟ କରାଯାଉଅଛି। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କ ଦାବି / ଅଧିକାର / ଦେୟ ପାଇଁ କୌଣସି ପ୍ରକାରରେ ଦାୟୀ ରହିବେ ନାହିଁ। ସମ୍ପତ୍ତିର ବକେୟା ଖଜଣା, ବୈଦ୍ୟୁତିକ ଦେୟ ଏବଂ ଜଳ କର ଇତ୍ୟାଦି ଯଦି କିଛି ଥାଏ, ତେବେ ତାହା କ୍ରେତା ବହନ କରିବେ।
୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। **କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବି/ଅଧିକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ।**
୧୭) ବିକ୍ରୟ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଅନୁମୋଦନ ସାପେକ୍ଷ। ଯଦି ଋଣଗ୍ରହୀତା / ଜାମିନ୍‌ଦାରମାନେ ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୮) ଅସଫଳ ନିଲାମଧାରୀଙ୍କ ଅମାନତ ଜମା ରାଶି ସେମାନଙ୍କ ଦ୍ୱାରା ପ୍ରସ୍ତାବରେ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ EFT/NEFT/RTGS ମାଧ୍ୟମରେ ବିନା ସୁଧରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ପ୍ରଦତ୍ତ ଇମେଲ ଆଇଡ଼ିରେ ଜଣାଇଦିଆଯିବ।
୧୯) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରେ କୌଣସି ବୈଷୟିକ କାରଣ ଯୋଗୁ ଯଦି ନିଲାମ ସମ୍ପନ୍ନ ହୋଇନପାରେ ତେବେ ପୂର୍ବରୁ ନୋଟିସ୍ ଦେଇ ନିଲାମ ପୁନଃ ସ୍ଥିର କରାଯିବ।
୨୦) ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ ପୂର୍ବରୁ ଇ-ନିଲାମର ସବିଶେଷ ବିବରଣୀ ବ୍ୟାଙ୍କ ୱେବସାଇଟ୍: **www.odishabank.in** / ସେବା ପ୍ରଦାନକାରୀଙ୍କ ୱେବସାଇଟ୍: **https://sarfaesi.auctiontiger.net** ଦେଖିପାରିବେ।
୨୧) ଉପରଦର୍ଶିତ ସମସ୍ତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ଏବଂ ବ୍ୟାଙ୍କ ଉକ୍ତ ସମ୍ପତ୍ତିଗୁଡିକ ଭୌତିକ ଦଖଲ ନେଲା ପରେ ସଫଳ କ୍ରେତାଙ୍କୁ ହସ୍ତାନ୍ତର କରିବ।
**୨୨) ଏହି ଇ-ନିଲାମ ବିକ୍ରୟ ନୋଟିସ୍‌ର ପ୍ରକାଶନ ମଧ୍ୟ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ, ଯାହା ମଧ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ।**
୨୩) ନିମ୍ନ ସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ୍ ନଦେଇ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ଘୁଞ୍ଚାଇଦେବା / ସ୍ଥଗିତ ରଖିବା / ବାତିଲ କରିବା କିମ୍ବା ବିକ୍ରୟ ନିୟମାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି।
୨୪) ଯଦି ଡିଆରଟି/ଡିଆରଏଟି/ହାଇକୋର୍ଟ କିମ୍ବା ଅନ୍ୟ କୌଣସି କୋର୍ଟ ଦ୍ୱାରା ପରବର୍ତ୍ତୀ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ, ତେବେ ନିଲାମ ସ୍ଥଗିତ କିମ୍ବା ବାତିଲ ହୋଇପାରେ ଏବଂ ଏପରି କ୍ଷେତ୍ରରେ ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ପରାମର୍ଶ ଦଆଯାଉଅଛିକି ସେମାନେ କୌଣସି ସୁଧ, କ୍ଷତିପୂରଣ କିମ୍ବା ଖର୍ଚ୍ଚ ଦାବି କରିପାରିବେ ନାହିଁ।
୨୫) ୨୦୧୬ର ସଂଶୋଧିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ବିକ୍ରୟ ପ୍ରମାଣପତ୍ର ପ୍ରଦାନ କରାଯିବା ପୂର୍ବରୁ ଯେକୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ପରିବର୍ତ୍ତନ କିମ୍ବା ସ୍ଥଗିତ ରଖିବାର ସମ୍ପୂର୍ଣ୍ଣ ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି। ଯଦି ବ୍ୟାଙ୍କ ପକ୍ଷରୁ କୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ ତେବେ ନିଲାମଧାରୀ କିମ୍ବା କ୍ରେତାଙ୍କ ଠାରୁ ଗ୍ରହଣ କରାଯାଇଥିବା ଅର୍ଥ ରାଶି ଉପରେ କୌଣସି ସୁଧ କିମ୍ବା ଏଥି ନିମିତ୍ତ କ୍ଷତି, ଦେୟ / ଖର୍ଚ୍ଚ ଇତ୍ୟାଦି ଦିଆଯିବ ନାହିଁ।
୨୬) ସମ୍ପତ୍ତି ତନଖି / ଇ-ନିଲାମ ସମ୍ବନ୍ଧୀୟ ପରବର୍ତ୍ତୀ ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ମୋ.: ୯୭୭୬୭୪୫୪୯୭** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s e-Procurement Technologies Limited-Auction Tiger, B-704, Wall Street-II, Opp. Orient Club, Near Gujarat College, Ellis Bridge, Ahmedabad-380006, Gujarat (India), e-mail: orissa@auctiontiger.net, Contact Person- Mr. Ram Sharma- 8000023297, Mr. Prabin- 9722778828.**

ସ୍ଥାନ: ଢେଙ୍କାନାଳ, ତାରିଖ: ୧୩.୦୬.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳାଙ୍କ ସମେତ ୮ ଗିରଫ

## ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

ବଡ଼ବିଲ,୧୫।୬ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା କେନ୍ଦୁଡିହିରେ ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ରବିବାର ଜଣେ ମହିଳାଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଡିହିର ବନବାସୀ ସେଠୀ, ଶ୍ରବଣ ମହାକୁଡ଼, ପୁରେନ୍ଦ୍ର ମହାକୁଡ଼, ଦେବ ମହାକୁଡ଼, ଭାସ୍କର ନାଏକ, ସୁରେନ୍ଦ୍ର ମହାକୁଡ଼, ମୁନା ମହାକୁଡ଼ ଓ ସାଗର ସେଠୀ।

ସୂଚନା ଅନୁଯାୟୀ, ବଡ଼ବିଲ ବନାଞ୍ଚଳ କେନ୍ଦୁଡିହି ଗ୍ରାମ ନିକଟ ଜଙ୍ଗଲକୁ ଶୁକ୍ରବାର ପୂର୍ବାହ୍ନରେ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ରୀନା ମୁଣ୍ଡା ଓ ସନ୍ତୋଷ ମୁଣ୍ଡାଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଆସିବାରେ ବିଳମ୍ବକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବଡ଼ବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, ଗୁଆଲି ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ଫରେଷ୍ଟ ଗାର୍ଡମାନେ ଆହତ ହୋଇଥିଲେ। ପୋଲିସ ବନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିଥିଲା। ଘଟଣାକୁ ନେଇ ଶନିବାର ଅପରାହ୍ନରେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଓ କାର୍ଯ୍ୟରେ ବାଧା ଦେବା ଅଭିଯୋଗ ନେଇ ବଡ଼ବିଲ ବନାଞ୍ଚଳ ଅଧିକାରୀ ରାଉତ ରୁଗୁଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୬୯/୨୦୨୫)ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିସହ ଶନିବାର କେନ୍ଦୁଝର ଡିଭିଜନ, ଓଡ଼ିଶା ଅଣ ଗେଜେଟେଡ୍ ବନ ସେବା ସଂଘ କେନ୍ଦୁଝର ଜିଲା ମୁଖ୍ୟାଳୟରେ ପ୍ରତିବାଦ କରିବା ସହ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ପ୍ରତିବାଦ କରିଥିଲା। ରୁଗୁଡି ପୋଲିସ ରବିବାର ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।



ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ୮ ଅଭିଯୁକ୍ତ।

# ଯୁବକଙ୍କୁ ମାରି ପୋଖରୀରେ ଫିଙ୍ଗିଦେଲେ



ସ୍ଥାନୀୟ ଲୋକେ ପୋଲିସକୁ ଠେଲାପେଲା କରୁଛନ୍ତି।

- ହତ୍ୟା ଅଭିଯୋଗରେ ୬ ଅଟକ
- ପୋଲିସକୁ ଗୋଡ଼ାଇ ପିଟିଲେ ମହିଳା

କେନ୍ଦୁଝର/ପାଟଣା,୧୫।୬ (ନରେଶ ଚନ୍ଦ୍ର ପଟ୍ଟନାୟକ/ବୀର କିଶୋର ଦାଶ)

ଜଣେ ଯୁବକଙ୍କୁ କେତେଜଣ ବ୍ୟକ୍ତି ହତ୍ୟା କରି କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗ୍ରାମ ମୁଣ୍ଡା ସାହି ପୋଖରୀରେ ଫିଙ୍ଗିଦେଇଛନ୍ତି। ମୃତକ ହେଲେ ପାଟଣା ବ୍ଲକ୍ କଣ୍ଟିଆପଡ଼ା ବେହେରା ସାହିର ରଘ୍ଯା ବେହେରା(୫୦)। ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଡ୍ରେସ୍‌ର ଭାବରେ କାମ କରୁଥିଲେ। ପରିବାର ଲୋକଙ୍କ ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବେଆଇନ ମଦ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଅଭିଯୋଗ କରି ସ୍ଥାନୀୟ ମହିଳା ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ଉପୁଜିଥିବା ବେଳେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ମୃତକଙ୍କ ପୁଅ ମନୋରଞ୍ଜନ ବେହେରାଙ୍କ ଅଭିଯୋଗ ମୁତାବକ, ରଘ୍ଯା ଶନିବାର ରାତିରେ ମଦ୍ୟପାନ କରିବାକୁ ଯାଇଥିଲେ। କୌଣସି କାରଣକୁ ନେଇ ବେଆଇନ ମଦ ବ୍ୟବସାୟ କରୁଥିବା ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ମଦ ବ୍ୟବସାୟୀ ପିଟି ହତ୍ୟା କରି ପାଖ ପୋଖରୀରେ ଫିଙ୍ଗିଦେଇଥିଲେ। ରବିବାର ସ୍ଥାନୀୟ ଲୋକେ ମଦ ଦୋକାନ ପାଖ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିବା କହିଥିଲା। ପୋଲିସ ବେଆଇନ ମଦ ବ୍ୟବସାୟୀଙ୍କୁ ପରୋକ୍ଷରେ ସୁରକ୍ଷା ଦେଉଥିବା ଅଭିଯୋଗ କରି ମହିଳାମାନେ ପୋଲିସ କର୍ମଚାରୀଙ୍କୁ ଗୋଡ଼ାଇ ମାଡ଼ ମାରିଥିଲେ। ଅଞ୍ଚଳରେ ବେଆଇନ ମଦ କାରବାରକୁ କେତେଜଣ ପୋଲିସ ଅଧିକାରୀ ପ୍ରୋତ୍ସାହନ ଦେଇ ଆସୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ମହାବୀର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ମାଳତୀ ଦେହୁରୀ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ଏନେଇ ଏକ ମାମଲା(ନଂ.୧୨୯/୨୫)ରୁଜୁ ହୋଇଛି। ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ। ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ।

# ଡେମୋ ଦେଖାଇଲେ ହତ୍ୟା ଅଭିଯୁକ୍ତ

## ପହିଲି ରଜରେ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣା

ଗଣିଆ,୧୫।୬(ସନ୍ତୋଷ କୁମାର ପ୍ରଧାନ)

ଶନିବାର ପହିଲି ରଜରେ ନୟାଗଡ଼ ଜିଲା ଗଣିଆ ବ୍ଲକ୍ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରାସିଂହା ଗ୍ରାମରେ ଜଣେ ଯୁବକ ନିଜ ସାଙ୍ଗକୁ ଛୁରିଭୁସି ହତ୍ୟା କରିଥିଲେ। ରବିବାର ଅଭିଯୁକ୍ତ ଗଙ୍ଗାଧର ରାଉତ ନିଜ ସାଙ୍ଗ ପୁରୁଷୋତ୍ତମ ପ୍ରଧାନଙ୍କୁ କେଉଁଭଳି ହତ୍ୟା କଲେ ତା'ର ସିନ ରିକ୍ରଏଟ୍ କରି ଦେଖାଇଛନ୍ତି। ପୋଲିସ ଉପସ୍ଥିତିରେ ଗଙ୍ଗାଧର କହିଛନ୍ତି, ପ୍ରଥମେ ସେମାନେ ଦୁହେଁ ମଦ ପିଇଥିଲୁ। ଏହାପରେ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଗଙ୍ଗାଧର ରାଗିଯାଇ ପୁରୁଷୋତ୍ତମଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ପୁରୁଷୋତ୍ତମ ଗୁରୁତର ହୋଇପଡିବାରୁ ଗଙ୍ଗାଧର ନିଜ ଘରେ ଲୁଚି ରହିଥିଲେ। ଅଭିଯୁକ୍ତଙ୍କ ପୁତୁରା ସେହି ଛୁରିକୁ ତାଙ୍କ ବାସନମଜା ସ୍ଥାନକୁ ଫିଙ୍ଗି ଦେଇଥିଲେ। ପରେ ଅଭିଯୁକ୍ତଙ୍କ ନାବାଳକ ପୁଅ ୟୁଟ୍ୟୁବରୁ ଛୁରି ମାରି ହତ୍ୟା କଲେ କ'ଣ ସଜା ମିଳିବ ବୋଲି ମୋବାଇଲରୁ ଦେଖିବା ପରେ ବାପାଙ୍କୁ ରକ୍ଷା କରିବାକୁ ଯାଇ ଛୁରିକୁ ନେଇ ଗାଁଠାରୁ ୫୦୦ମିଟର ଦୂରରେ ଥିବା ମନ୍ଦିର ନିକଟ କୂଅରେ ପକାଇ ଦେଇଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କ ପୁତୁରା, ପୁଅ ଓ ଭାଉଜଙ୍କୁ ଗଣିଆ ଥାନାକୁ ଆଣି ଅଧିକ ପଚରାଉଚୁରା ଜାରି ରଖାଯାଇଥିବା ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି। ଘଟଣାସ୍ଥଳରେ ଗଣିଆ ତହସିଲଦାର ପ୍ରୀତିବାଳା ରଣା, ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗଣିଆ ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରି ଓ ବିଶ୍ୱରଞ୍ଜନ ବଳିଆରସିଂଙ୍କ ତତ୍ତ୍ୱାବଧାନରେ ମନ୍ଦିର ନିକଟ କୂଅରୁ ପାଣି ଖାଲି କରାଯାଇଥିଲା। ପରେ ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ ଭିତରେ ପଶି ବହୁ ଖୋଜାଖୋଜି କରିବା ପରେ ହଳଦିଆ ବେଣ୍ଟ ଥାଇ ଏକ ଛୁରିକୁ ଉଦ୍ଧାର କରାଯାଇଥିଲା। ଏପରି କି ଅଭିଯୁକ୍ତ କେମିତି ପୁରୁଷୋତ୍ତମଙ୍କୁ ହତ୍ୟା କଲେ ତାର ଡେମୋ ଦେଖାଇଥିଲେ। ପୁରୁଷୋତ୍ତମ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ବାପା ନ ଥିବାବେଳେ ବୁଢୀମା' ରୋଜଗାରିଆ ପୁଅକୁ ହରାଇ କେମିତି ବଞ୍ଚିବେ ବୋଲି କୋହଭରାକଣ୍ଠରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ଏପରି ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ସେ ଦାବି କରିଛନ୍ତି ।

# ବନ୍ଧୁକ ଦେଖାଇ ୨ ଲକ୍ଷ ନେଇଗଲେ

କେନ୍ଦୁଝର,୧୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ସିଲିପୁଞ୍ଜି-ଭୋଦପାଶି ରାସ୍ତାର ଧାତିକା ଜଙ୍ଗଲ ନିକଟରେ ରବିବାର ଅପରାହ୍ନ ୨ଟାରେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲୁଟ୍ କରିଛନ୍ତି। ଜଣେ ଲୋକଙ୍କୁ ଭୟଭୀତ କରି ତାଙ୍କଠାରୁ ବଳଦ ବିକ୍ରି ଟଙ୍କା ନେଇଯାଇଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କେନ୍ଦୁଆ ଗ୍ରାମର ଯୁଧିଷ୍ଠିର ଗିରି ଅଙ୍ଗାରପଦା ହାଟରେ ନିଜ ବଳଦ ବିକି ଟଙ୍କା ଧରି କାରରେ ଫେରୁଥିଲେ। ଅପରାହ୍ନ ସମୟରେ ୩ ଦୁର୍ବୃତ୍ତ ବାଇକରେ ପିଛା କରି ଜଙ୍ଗଲ ରାସ୍ତାରେ ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରି ପାଖରେ ଥିବା ୨ ଲକ୍ଷ ଟଙ୍କା ନେଇଯାଇଥିଲେ। ଖବରପାଇ ବାରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସମସ୍ତ ଥାନାକୁ ସୂଚନା ଦେବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯାଉଛି ବୋଲି ବାରିଆ ଥାନା ଅଧିକାରିଣୀ ରଞ୍ଜୁ ହାସିନୀ କୁଲୁ କହିଛନ୍ତି।

# ନାବାଳିକା ଝିଅକୁ ବଳାତ୍କାର ଅଭିଯୋଗ, ଜେଲ ଗଲେ ବାପା

ଦିଗପହଣ୍ଡି,୧୫।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନିଜ ନାବାଳିକା ଝିଅ(୧୬)କୁ ବଳାତ୍କାର କରି ରବିବାର ଗିରଫ ହୋଇଛନ୍ତି ବାପା। ତାଙ୍କୁ ଦିଗପହଣ୍ଡି ଥାନା ପୋଲିସ ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଅନ୍ୟପଟେ ପୀଡ଼ିତା ଝିଅ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।

ଦିଗପହଣ୍ଡି ଥାନା ଅଞ୍ଚଳରେ ନାବାଳିକାଙ୍କ ମା' ମଜୁରି ଖଟି ପରିବାର ଚଳାନ୍ତି। ସେ ସବୁଦିନ ସକାଳୁ କାମ କରିବାକୁ ଚାଲିଯାଆନ୍ତି। ଏହାର ସୁଯୋଗରେ ଅଭିଯୁକ୍ତ ଝିଅ ସହ ଏପରି କୁତ୍ସିତ କାର୍ଯ୍ୟ କରୁଥିଲେ। ନାବାଳିକା ଏହାର ପ୍ରତିବାଦ କରୁଥିଲେ ମଧ୍ୟ ସେ ତାଙ୍କୁ ନିସ୍ଥୁକ ମାଡ଼ ମାରି ବଳାତ୍କାର କରୁଥିଲେ। ଏଥିରେ ଅତିଷ୍ଠ ହୋଇ ପୀଡ଼ିତା ମାନସିକ ଭାରସାମ୍ୟ ହରାଇ ଗତ ୧୧ ତାରିଖରେ ଆତ୍ମହତ୍ୟା କରିବାକୁ ଏକକାଳୀନ ୧୦ଟି ନିଦ ବଟିକା ଖାଇ ଦେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ଚିକିତ୍ସା ପାଇଁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ନାବାଳିକାଙ୍କୁ ଗାଁ ନିକଟସ୍ଥ ତାଙ୍କ ଆଈଙ୍କ ଘରେ ରଖାଯାଇଥିଲା। ନାବାଳିକା ଜଣକ ସବୁ କଥା ତାଙ୍କ ମା'ଙ୍କୁ ଜଣାଇଥିଲେ। ଏହାପରେ ପୀଡ଼ିତାଙ୍କ ମା' ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଏକ ମାମଲା (ନଂ.୨୧୦/୨୫) ରୁଜୁ କରି ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ସୋଫିଆ ମିଶ୍ରଙ୍କୁ ଦେଇଥିଲେ। ଏସ୍‌ଆଇ ମିଶ୍ର ଏହାର ତଦନ୍ତ କରି ଅଭିଯୋଗର ସତ୍ୟତା ଥିବାରୁ ଅଭିଯୁକ୍ତ ବାପାଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ରବିବାର ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ପୁଣି ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ନିବେଶ ଆଳରେ ୧୨ ଲକ୍ଷ ଟଙ୍କା ଠକେଇ

## ଭଦ୍ରକରୁ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୫।୬(ସତ୍ୟଜିତ୍ ରାଉତ)

ନିବେଶ ଆଳରେ ଚନ୍ଦ୍ରଶେଖରପୁର ଥାନା ବିଡିଏ କଲୋନୀର ଧର୍ମେନ୍ଦ୍ର ପୃଷ୍ଟିଙ୍କଠାରୁ ୧୨ଲକ୍ଷ ୨ହଜାର ଟଙ୍କା ଠକେଇ ହୋଇଛି। ଏନେଇ ଅଭିଯୋଗ ପରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଗ୍ରାମମାଞ୍ଚଳ ଥାନା ବରପଦା କାଉପୁର ଗାଁର ଉମାଶଙ୍କର ଦୀକ୍ଷିତ(୪୧)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, କିଛିମାସ ତଳେ ଧର୍ମେନ୍ଦ୍ରଙ୍କୁ ଠକମାନେ ସୋସିଆଲ୍ ମିଡିଆରେ ମେସେଜ୍ କରି ଅଧିକ ଲାଭ ଦେବାର ଲୋଭ ଦେଖାଇ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଏଥିସହ ଏ କେ କ୍ୟାପିଟାଲ ଲିଃ ନାମକ ଏକ ଫେକ୍ କମ୍ପାନୀର ଲିଙ୍କ୍ ପଠାଇଥିଲେ। ଧର୍ମେନ୍ଦ୍ର ଏଥିରେ ପ୍ରଲୋଭିତ ହୋଇ ନିବେଶ କରିବାକୁ ରାଜି ହେବା ସହ ଠକଙ୍କ ଦୁଇଟି ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ମଧ୍ୟ ଯୋଡି ହୋଇଥିଲେ। ସେ ୧୨ ଲକ୍ଷ ୨ ହଜାର ଟଙ୍କା ନିବେଶ କରିବା ପରେ କୌଣସି ଲାଭ ପାଇ ନ ଥିଲେ। ଏପରିକି ମୂଳ ଧନ ମଧ୍ୟ ଉଠାଇ ପାରି ନ ଥିଲେ। ଏ ନେଇ ଧର୍ମେନ୍ଦ୍ରଙ୍କ ଏତଲାକ୍ରମେ ସାଇବର ଥାନା ପୋଲିସ ଫେବୃଆରୀ ୨୪ରେ ମାମଲା (ନଂ.୩୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଠକେଇ ଟଙ୍କାରୁ ଉମାଶଙ୍କରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫ ଲକ୍ଷ ଯାଇଥିବା ତଦନ୍ତରୁ ଜଣାପଡିଥିଲା। ଉମାଶଙ୍କର ଏମ୍/ଏସ୍ ଦିକ୍ଷିତ୍ ଏଣ୍ଟରପ୍ରାଇଜର୍ସ ନାଁରେ ଏକ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ। ଏହି ଆକାଉଣ୍ଟକୁ ସେ ସାଇବର ଠକଙ୍କୁ ବ୍ୟବହାର କରିବାକୁ ଦେଇଥିଲେ। ତାଙ୍କ ଆକାଉଣ୍ଟରେ ପ୍ରତି ଟ୍ରାଞ୍ଜାକ୍ସନ ପାଇଁ ଉମାଶଙ୍କର ୨ ପ୍ରତିଶତ କମିଶନ ପାଉଥିଲେ। ତେବେ ଉମାଶଙ୍କରଙ୍କ ଆକାଉଣ୍ଟଟି ୮ଟି ରାଜ୍ୟରେ ସାଇବର ଠକେଇରେ ବ୍ୟବହାର ହୋଇଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338. D-76275



3 Office Space- 1. 2000sqft in 1st floor, 2.780sqft 2nd floor fully furnished Office, 3. 1000sqft in 3rd floor at 5- Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186. D- 76833





Newly open SPA positively health benefits (expert therapist). Contact- 7327030529. D-76918

**Relax, Refresh your body, Mind at Saikrupa SPA with best therapies. 7848011468.** D-859

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

I Priyadarsini Satapathy, aged about 30 years, W/o-Ankit Sobhan Satapathy, At-Sriram Nagar, P.O.-Khordha, P.S.-Model PS, Dist.-Khordha, PIN-752055 I do declar by this affidavit No.- 1787, dated on 12.06.25 that Priyadarsini Panda & Priyadarsini Satapathy, both names are one & same person i,e myself to be identified as Priyadarsini Satapathy, W/o-Ankit Sobhan Satapathy for all purposes. D-948

I, Pati Mukhi, S/o-Late Dibakar Mukhi, Vill/P.O.- Machhakuta, P.S.- Chhendipada, Dist.- Angul, Odisha, Affidavit No.- 794, dated-27.05.2025 sworn before the Executive Magistrate, Chhendipada. I have changed my old name Patitapaban Behera to Pati Mukhi. Patitapaban Behera and Pati Mukhi is one & same person. Henceforth, shall be known as Pati Mukhi for all future purposes. D-947

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ନାରାୟଣ ମିଶ୍ର**
ଭୁବନେଶ୍ୱର
ଆବିର୍ଭାବ: ୦୪।୧୧।୧୯୩୯
ତିରୋଧାନ: ୦୫।୦୬।୨୦୨୫
ଚାହୁଁ ଚାହୁଁ ବାରଦିନ ବିତିଗଲା, ତଥାପି ଆପଣ ଆମ ସାଙ୍ଗେ ଥିଲାପରି ଅନୁଭବ କରୁଛୁ। ଆପଣଙ୍କ କର୍ତ୍ତବ୍ୟପରାୟଣତା, ମୂଲ୍ୟବୋଧତା, ସମୟାନୁବର୍ତ୍ତିତା, ନିଃସ୍ୱାର୍ଥପରତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସରଳତା ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ହୋଇ ରହୁ ଆପଣଙ୍କ ପବିତ୍ର ଆତ୍ମା ଚିର ଶାନ୍ତି ଲାଭ କରୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ଏତିକି ବିନତି।
ଆପଣଙ୍କର ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, କୋଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀମାନେ
ଧ-୮୮୮

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରାଜଲକ୍ଷ୍ମୀ ରଥ**
ବୋଉ, ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା, ପ୍ରତି ମୁହୂର୍ତ୍ତରେ ଲାଗୁଛି ତୁ ଆମ ପାଖରେ ଅଛୁ। ମାୟା ସଂସାରରେ ଲିଳାଖେଳା କରି ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀରେ ତୁ ଆର ପାରିକୁ ଚାଲିଗଲୁ। ଆଜିର ଏ ଦିନରେ ପ୍ରଭୁ ଜଗନ୍ନାଥ ତୋ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ତୁ ଯୋଉଠି ଥା ଆମକୁ କରୁଣା ଦୃଷ୍ଟିରେ ଚାହିଁ ଥା ।
ଇତି ତୋର ହତଭାଗା ଟୁନୁ, ମୁନୁ, ରୁନୁ, ବେବି, ସିଲୁ, ବର୍ଷା ଏବଂ ବନ୍ଧୁ, ପରିବାରବର୍ଗ
ଧ-୯୪୬

### ପ୍ରେମପୂର୍ଣ୍ଣ ସ୍ମୃତିରେ



**୰ଶ୍ରୀମତୀ ଚାରୁ ପଟେଲ**
ଆବିର୍ଭାବ: ୨୫।୦୮।୧୯୫୧
ତିରୋଧାନ: ୦୬।୦୬।୨୦୨୫
ତୁମେ ୦୬ ଜୁନ ୨୦୨୫ ଶୁକ୍ରବାର (ବଡ଼ ଏକାଦଶୀ) ଦିନ ଶାନ୍ତିପୂର୍ଣ୍ଣ ଭାବରେ ସ୍ୱର୍ଗସ୍ଥାନକୁ ଚାଲିଗଲ କିନ୍ତୁ ତୁମେ ଆମ ହୃଦୟ ଏବଂ ଚିନ୍ତାଧାରାରେ ସର୍ବଦା ବଞ୍ଚି ରହିବ ।
ତୁମକୁ ସ୍ନେହରେ ମନେ ରଖିବୁ: ସଂଗ୍ରାମ କେଶରୀ (ସ୍ୱାମୀ), ସୋନିଆ, ହରପ୍ରସନ୍ନ (ଝିଅ,ଜ୍ୱାଇଁ), କୁନାଲ, ସସ୍ମିତା (ପୁଅ,ବୋହୂ), ନୀଲ, ଆଶି, କୁମା (ନାତି,ନାତୁଣୀ), ପାକା, ଚପଲା, ସ୍ୱର୍ଗତ ବାବୁଲା, ସ୍ୱର୍ଗତ ସେଲି, କୁନା, ଜେନି, ଟୁକୁଲି, ବବି, ବାଲୁ, ସିପ୍ରା, ମାମା, ପିୟୂଷ, ରାଜ, ଲଳି, ପେଣ୍ଟା, ପୁଲୁ, ରୂପମ, ପଙ୍କୁ, ପଟେଲ ପରିବାର ସଦସ୍ୟ ଏବଂ ବନ୍ଧୁମାନେ
ଧ-୯୧୮

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବାବାଜୀ ଚରଣ ନାୟକ**
ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ-୦୩।୦୧।୧୯୩୮
ତିରୋଧାନ-୦୬।୦୬।୨୦୨୫
ବାପା, ଆପଣ ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ। ଆପଣଙ୍କ ଭଲପାଇବା ସବୁଦିନ ସବୁ ସମୟରେ ଆମର ମନେ ରହିବ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ- ପୁତ୍ର: ତପନ ନାୟକ, ବିପିନ ବିହାରୀ ନାୟକ, ପ୍ରସନ୍ନ ନାୟକ, ନିକୁଞ୍ଜ ବିହାରୀ ନାୟକ, ବନ୍ଧୁ-ବାନ୍ଧବ ଓ ନାୟକ ପରିବାରବର୍ଗ
ଧ-୯୪୯

# ପ୍ରକୃତିର ଝାଡୁଦାର



ଦେବାଶିଷ ମହାନ୍ତି

"ଗୋବର ପୋକ କୃଷକକୁ ପ୍ରାକୃତିକ ସାର ଯୋଗାଇବାରେ ସାହାଯ୍ୟ କରନ୍ତି ଓ ପ୍ରାକୃତିକ କୀଟନାଶକ ଭାବରେ କାର୍ଯ୍ୟ କରନ୍ତି। ତେଣୁ କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ହ୍ରାସ କରି ଏହାର ବିଷାକ୍ତ ପ୍ରଭାବରୁ ମନୁଷ୍ୟକୁ ରକ୍ଷା କରିବା ସହିତ ପରିବେଶକୁ ରକ୍ଷା କରନ୍ତି। ଗୋବରରୁ ମିଥେନ ବାଷ୍ପ ବାହାରେ, ଯାହା ଏକ ସବୁଜ କୋଠରି ତଥା ବିଷାକ୍ତ ବାଷ୍ପ। ଏହା ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି କରେ। ଗୋବର ପୋକ ଗୋବରକୁ ନଷ୍ଟ କରି ଏହି ବାଷ୍ପ ଉତ୍ପାଦନକୁ ବହୁ ମାତ୍ରାରେ କମେଇ ଦିଏ ଓ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରେ।"





ଏକ ରବିବାରର ମେଘୁଆ ସକାଳ। ମୁଁ ବାଲକୋନୀରେ ବସି ଖବରକାଗଜ ପଢ଼ିବା ସହିତ ଗରମ ଚା ଢୋକର ମଜା ନେଉଥିଲି ଓ ମୋ ପୁଅ ଓମ୍ ସେଠାରେ ମୋ ପାଖରେ ବସିଥିଲା। ଏହି ସମୟରେ ଏକ କଳା ବଡ଼ ପୋକ, କେଉଁଆଡୁ ଉଡ଼ି ଆସି ଆମ ଗୋଡ଼ ପାଖରେ ପଡ଼ିଲା ତାକୁ ଦେଖି ଓମ୍ ଡରିଗଲା ଓ କହିଲା ଏହି ଭୟାନକ କୀଟକୁ ଶୀଘ୍ର ମାରିଦିଅ। ମୁଁ ଟିକେ ହସିକି କହିଲି, "ଏହା ଏକ ଭୟାନକ କୀଟ ନୁହେଁ ବରଂ ଆମର ତଥା ସମଗ୍ର ଜୀବଜଗତର ଅତି ଉପକାରୀ କୀଟ।" ଏହା ଶୁଣି ଓମ୍ ଅତି ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଅନାଇଲା। ଏତିକି ବେଳେ ମଇଳା ପୋଷାକ ପିନ୍ଧିଥିବା ସଫେଇ କର୍ମଚାରୀ, ଝାଡୁ ଏବଂ ଗାଡ଼ି ଧରି, ରାସ୍ତାରେ ଅଳିଆ ଅଳିଆ ଡାକ ଦେଇ ଦେଇ ଆମ ଘର ସାମ୍ନା ରାସ୍ତା ଅତିକ୍ରମ କଲା। ତାକୁ ଦେଖି ମୁ ପଚାରିଲି ଏ ଲୋକକୁ ଚିହ୍ନିଛୁ। ସେ ସଙ୍ଗେ ସଙ୍ଗେ କହିଲା ହଁ, ସେ ହେଲା ଅଳିଆ ବାଲା। ମୁଁ ଟିକେ ହସି କି କହିଲି ସେ ସଫେଇ ବାଲା ଆମେ ଅଳିଆ ବାଲା। ମୁଁ ସେହି ବ୍ୟକ୍ତିଙ୍କୁ ସମ୍ମାନର ସହିତ ଦେଖିଲି ଏବଂ କହିଲି, "ସେମାନଙ୍କର କାମ ଆମକୁ ଅସନା ଲାଗିପାରେ ଓ ଅଧିକାଂଶ ବ୍ୟକ୍ତି ତାଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି। କିନ୍ତୁ ଟିକେ ଭାବିଲ ସେମାନେ ସବୁଠାରୁ କଷ୍ଟକର କାମ, ଯାହା କେହି କରନ୍ତିନି ସେ କାମ ସେମାନେ କରନ୍ତି। ସେମାନଙ୍କ ବିନା, ଆମର ସହର ଗୁଡ଼ିକ ଅଳିଆ ଆବର୍ଜନାରେ ବୁଡ଼ିଯିବ। ସେମାନଙ୍କ ଯୋଗୁ ଆମ ପରିବେଶ ସ୍ୱଚ୍ଛ ରହେ ଓ ଆମେ ସୁସ୍ଥ ରହୁ। ରାସ୍ତାର ଏହି ମଳିମୁଣ୍ଡିଆ ଲୋକଟି ଯେପରି ଆମ ସ୍ୱାସ୍ଥ୍ୟର ଓ ପରିବେଶର ନୀରବ ରକ୍ଷକ, ଠିକ୍ ସେହିପରି ତୋତେ ଭୟଙ୍କର ଲାଗୁଥିବା ଏହି କୁନି କୀଟଟି ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ମଳ ସଫା କରି ପୃଥିବୀକୁ ସ୍ୱଚ୍ଛ ରଖୁଥିବା ପୃଥିବୀର ସଫେଇ କର୍ମଚାରୀ– ଗୋବର ପୋକ। ଏହି କୀଟକୁ ଇଂଲିଶରେ ଡଙ୍ଗ୍ ବିଟଲ ଓ ହିନ୍ଦୀରେ ଗୁବ୍ରେଲା ବୋଲି କୁହାଯାଏ। ଏହା ବୈଜ୍ଞାନିକ ମତ ଅନୁଯାୟୀ ସ୍କାରାବେଇଓଡିଆ ମହା ପରିବାର ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍କାରାବେଇଡାଇ ପରିବାରର ସ୍କାରାବେଇନାଏ ଏବଂ ଆଫୋଡିନାଏ ଉପପରିବାର ଅନ୍ତର୍ଭୁକ୍ତ। ଏହା ଥରେ ଭାବି ଦେଖ ପୃଥିବୀରେ କୋଟି କୋଟି ପ୍ରକାରର ଜୀବଜନ୍ତୁ ଅଛନ୍ତି। ସେମାନେ ପ୍ରତିଦିନ ମଳ ତ୍ୟାଗ କରନ୍ତି। ଯଦି ଏହି ମଳକୁ ସଫା କରିବାକୁ କେହି ନଥାନ୍ତେ, ତେବେ ପୃଥିବୀ ମଳ ଗଦାରେ ପରିଣତ ହୋଇ ସାରନ୍ତାଣି ଓ ବିଭିନ୍ନ ପ୍ରକାର ରୋଗ ବ୍ୟାଧି ବ୍ୟାପି ପୃଥିବୀର ଜୀବଜଗତ ବିଲୁପ୍ତ ହୋଇ ଯାଇଥାନ୍ତା। ଭଗବାନ ବା ପ୍ରକୃତି ଏହି କୁନି କୀଟ ଗୋବର ପୋକକୁ ଜୀବଜନ୍ତୁମାନଙ୍କର ମଳ ସଫା କରିବାର ମହାନ ଦାୟିତ୍ୱ ଅର୍ପଣ କରିଛନ୍ତି।

ଗୋବର ପୋକ ହେଉଛି କ୍ଷେତ, ଜଙ୍ଗଲ ଏବଂ ଘାସଭୂମିରେ ଦେଖାଯାଉଥିବା ଛୋଟ କୀଟ। ସେମାନେ ପଶୁମାନଙ୍କ ଗୋବର ଖାଇଥାନ୍ତି ଏବଂ ସଂଗ୍ରହ କରନ୍ତି – ଯାହାକୁ ଆମେ ମଳ ବୋଲି କହିଥାଉ। ସେମାନେ ୫୦ କିମି ଦୂରରୁ ପଶୁମାନଙ୍କ ଗନ୍ଧ ଶୁଙ୍ଘି ପାରନ୍ତି। ସେମାନେ ଗୋବରକୁ ଛୋଟ ଛୋଟ ବଲ୍ କରି ଠେଲି ଠେଲି ନିଅନ୍ତି। ତୁ ଶୁଣି ଆଶ୍ଚର୍ଯ୍ୟ ହେବୁ ଯେ ଗୋବର ପୋକ ନିଜ ଓଜନର ୧୦୦୦ ଗୁଣ ଅଧିକ ଓଜନର ଗୋବର ବଲ୍‌କୁ ଠେଲି ଠେଲି ନେଇପାରେ, ଯାହା ଜଣେ ମଣିଷ ୧୦ଟି ବସକୁ ଏକା ସଙ୍ଗେ ଠେଲିବା ସଙ୍ଗେ ସମାନ। କେତେକ କୀଟ ଗୋବରକୁ ସମ୍ପୂର୍ଣ୍ଣ ଛୋଟ ବଲ କରି ମାଟି ତଳେ ପୋତି ଦିଅନ୍ତି। ଅନ୍ୟମାନେ ସୁଡ଼ଙ୍ଗ ଖୋଳି ଗୋବରକୁ ଖାଦ୍ୟ କିମ୍ବା ଅଣ୍ଡା ଦେବା ପାଇଁ ସ୍ଥାନ ଭାବରେ ବ୍ୟବହାର କରନ୍ତି। ଯଦିଓ ଏହା ଆମକୁ ଅପ୍ରୀତିକର ମନେ ହୋଇପାରେ, ପ୍ରକୃତି ପାଇଁ ଏହା ସ୍ୱଚ୍ଛତାର ଏକ ଦାନ। ଯେପରି ଝାଡୁଦାରମାନେ ଆମର ଚାରିପାଖକୁ ସଫା ରଖନ୍ତି, ସେହିପରି ଗୋବର ପୋକମାନେ ପ୍ରକୃତିକୁ ପରିଷ୍କାର ରଖନ୍ତି ଓ ପ୍ରକୃତି, ଜୀବଜଗତ ସର୍ବୋପରି ମାନବ ଜାତିର ବହୁ ଉପକାର କରନ୍ତି। ଯଥା ପାରିବେଶିକ ସଫେଇ। ସେମାନେ ଗୋବର ଜମା ହେବା ପୂର୍ବରୁ ଏହାକୁ ନଷ୍ଟ କରି ମାଟି କରିଦିଅନ୍ତି। ଏହାଦ୍ୱାରା ମାଛି ନିୟନ୍ତ୍ରଣ କରିବାରେ ଏବଂ ରୋଗ ପ୍ରତିରୋଧ କରିବାରେ ପରୋକ୍ଷରେ ସାହାଯ୍ୟ କରନ୍ତି।

ପୋତି ଦିଆଯାଇଥିବା ଗୋବର ମାଟିକୁ ପୁଷ୍ଟିକର ପଦାର୍ଥ ସହିତ ସମୃଦ୍ଧ କରେ ଓ ଜୈବିକ ସାର ଭାବେ କାର୍ଯ୍ୟ କରି, ଗଛ ତଥା ଫସଲ ବଢ଼ିବାରେ ସାହାଯ୍ୟ କରେ। ଚାଷୀମାନଙ୍କୁ ସହାୟତା – ଚାରଣ ଭୂମିରେ, ଗୋବର ପୋକମାନେ କୀଟପତଙ୍ଗ ହ୍ରାସ କରନ୍ତି ଏବଂ ପଶୁପାଳନ ପାଇଁ ଚାରଣ ଭୂମିର ଗୁଣବତ୍ତା ଉନ୍ନତ କରନ୍ତି। ଗୋବର ପୋକ କୃଷକକୁ ପ୍ରାକୃତିକ ସାର ଯୋଗାଇବାରେ ସାହାଯ୍ୟ କରନ୍ତି ଓ ପ୍ରାକୃତିକ କୀଟନାଶକ ଭାବରେ କାର୍ଯ୍ୟ କରନ୍ତି। ତେଣୁ କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ହ୍ରାସ କରି ଏହାର ବିଷାକ୍ତ ପ୍ରଭାବରୁ ମନୁଷ୍ୟକୁ ରକ୍ଷା କରିବା ସହିତ ପରିବେଶକୁ ରକ୍ଷା କରନ୍ତି। ଗୋବରରୁ ମିଥେନ ବାଷ୍ପ ବାହାରେ। ଯାହା ଏକ ସବୁଜ କୋଠରି ତଥା ବିଷାକ୍ତ ବାଷ୍ପ। ଏହା ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି କରେ। ଗୋବର ପୋକ ଗୋବରକୁ ନଷ୍ଟ କରି ଏହି ବାଷ୍ପ ଉତ୍ପାଦନକୁ ବହୁ ମାତ୍ରାରେ କମେଇ ଦିଏ ଓ ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରେ। କିନ୍ତୁ ଚାଷ ଜମିରେ ଅତ୍ୟଧିକ ରାସାୟନିକ କୀଟନାଶକ ବ୍ୟବହାର, ଜୀବଜନ୍ତୁଙ୍କ ସଂଖ୍ୟା କମିବା ସହିତ ତାଙ୍କ ଗୋବର ପରିମାଣ କମିବା, ଜୈବ ବିବିଧତାର ଅସନ୍ତୁଳନ ଗୋବର ପୋକମାନଙ୍କ ବଂଶ ଲୋପ କରିବାର ଆଶଙ୍କା ସୃଷ୍ଟି କରିଛି। ସେମାନେ ବିଲୁପ୍ତ ହୋଇ ଗଲେ ପରିବେଶ ଅସନ୍ତୁଳିତ ହୋଇଯିବ ଓ ମନୁଷ୍ୟ ମଧ୍ୟ ବହୁ ବିପଦର ସମ୍ମୁଖୀନ ହେବ। ତେଣୁ ସେମାନଙ୍କୁ ସଂରକ୍ଷିତ ରଖିବା ପାଇଁ ମନୁଷ୍ୟକୁ ସବୁ ପ୍ରକାର ପଦକ୍ଷେପ ନେବାକୁ ପଡ଼ିବ। ଆମେ ପୋକର କାମ ବିଷୟରେ ଆଲୋଚନା କରୁଥିବା ସମୟରେ, ମୁଁ କହିଲି, "ଝାଡୁଦାର ଏବଂ ପୋକ ଉଭୟ ସମାନ କାମ କରୁଛନ୍ତି । ଅନ୍ୟମାନେ ଯାହା ମଇଳା ଛାଡି ଯାଆନ୍ତି ତାହା ସଫା କରିବା ସେମାନଙ୍କର କାମ। ଏହି କାମ ଅପରିଷ୍କାର ହୋଇପାରେ, କିନ୍ତୁ ଏହା ବିଶ୍ୱକୁ ବାସଯୋଗ୍ୟ କରିଥାଏ।" ତେଣୁ ମଇଳା ସଫା କରୁଥିବା ଲୋକ ସବୁବେଳେ ମହାନ ଅଟେ। ତାଙ୍କୁ ସର୍ବଦା ସମ୍ମାନ ଦେବା ଉଚିତ। ଆମ ସଂସ୍କୃତି ମଧ୍ୟ ଏଥିରେ ସମ୍ମତି ପ୍ରକାଶ କରେ। ମୋ ପୁଅ ଧୀରେ ଧୀରେ ମୁଣ୍ଡ ହଲାଇଲା ଓ କହିଲା ହଁ ମଇଳା ସଫା କରୁଥିବା ଲୋକ ପ୍ରକୃତରେ ମହାନ। ତେଣୁ ଗୋବର ପୋକ ଓ ଝାଡୁଦାର ଉଭୟ ହିରୋ। ଲୋକମାନେ ଏହାକୁ ଜାଣିପାରୁ ନାହାନ୍ତି। ଠିକ୍ ମୁଁ ଉତ୍ତର ଦେଲି। ଗୋବର ପୋକ ଆମକୁ ଶିଖାଏ ଯେ ସଫା କରିବା ନୀଚ ନୁହେଁ – ଏହା ମହାନ କାର୍ଯ୍ୟ। ଏହା ନୀରବରେ ପ୍ରକୃତିର ସେବା କରେ, ଯେପରି ଆମର ଝାଡୁଦାରମାନେ ନୀରବରେ ସମାଜର ସେବା କରନ୍ତି। ଉଭୟ ଆମର ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଅନ୍ତି, ଆମ ଜୀବନକୁ ଉନ୍ନତ କରନ୍ତି ଏବଂ ବିଶ୍ୱକୁ ସ୍ୱଚ୍ଛ ରଖନ୍ତି। ଆସନ୍ତୁ ଆମେ ଆମ ଚାରିପାଖରେ ଥିବା ନୀରବ ଶ୍ରମିକ ଉଭୟ ମଣିଷ ଏବଂ କୀଟପତଙ୍ଗମାନଙ୍କ ପାଇଁ ଆମର ଆଖି ଖୋଲିବା ଏବଂ ଆମର ପରିବେଶକୁ ସଫା ରଖିବା ଏବଂ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିବା। ଭବିଷ୍ୟତରେ ଗୋବର ପୋକ କିମ୍ବା ସଫେଇ କର୍ମଚାରୀଙ୍କୁ ଦେଖିଲେ ଘୃଣା କରିବା ପରିବର୍ତ୍ତେ ସମ୍ମାନ ଜଣାଇବା। କେବେ ଭୁଲିଯିବା ନାହିଁ ଯେ ପ୍ରତ୍ୟେକ ଛୋଟ ହାତ, ଯେତେ ଅଣଦେଖା ହେଉ, ଏକ ବଡ଼ ପାର୍ଥକ୍ୟ ସୃଷ୍ଟି କରେ।

–ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ,
ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ମୋ: ୯୮୬୧୩୯୧୧୯୦

## ବୁଦ୍ଧିମତ୍ତା ବଢ଼ାଏ ବ୍ରେକ୍‌ଫାଷ୍ଟ



ଆମେ ସବୁଦିନ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ ଖାଇବା ନିହାତି ଦରକାର। କାରଣ ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଏହାକୁ ଖାଆନ୍ତି ତେବେ ତାହା ବୁଦ୍ଧିମତ୍ତାର ବିକାଶରେ କେତେକାଂଶରେ ସହାୟକ ହୋଇଥାଏ। ବର୍ଲିନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ହେଲେ ବ୍ରେକ୍‌ଫାଷ୍ଟ ଖାଇବା ବେଳେ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର। ସବୁଠାରୁ ବଡ଼ କଥା ହେଲା ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏହାକୁ ନିୟମିତ ଖାଆନ୍ତୁ। ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା ଦରକାର। ଏହାର ଖାଦ୍ୟ ତାଲିକାରେ କଦାପି ଗରିଷ୍ଠ ଜାତୀୟ ଖାଦ୍ୟ ସାମିଲ କରନ୍ତୁ ନାହିଁ। ଏଥିରେ ଯେତେ ହାଲୁକା ଖାଦ୍ୟ ସାମିଲ କରିବେ ତାହା ସେତେ ଭଲ ହେବ। ସବୁବେଳେ ବ୍ରେକ୍‌ଫାଷ୍ଟରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ, ଜୁସ୍ ବ୍ୟତୀତ ବ୍ରେଡ, ବିସ୍କୁଟ ବି ଖାଇପାରିବେ।

## ସୁନିଦ୍ରାର ସହଜ ଉପାୟ



ଆଜିକାଲିର ବ୍ୟସ୍ତ ଜୀବନ ମଧ୍ୟରେ ଆମେ ଆବଶ୍ୟକ ମୁତାବକ ଶୋଇବା ନିହାତି ଦରକାର। ଯଦି ଭଲ ଭାବରେ ନିଦ ନ ହେଲା ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେଣୁ ସୁନିଦ୍ରା ବା ଭଲ ନିଦ ପାଇଁ ଆମେ ଯତ୍ନବାନ ହେବା ନିହାତି ଦରକାର। ଏହାର ଏକ ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଆନ୍ତି ତେବେ ତାହା ସୁନିଦ୍ରା ପାଇଁ କେତେକାଂଶରେ ସହାୟକ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ସୁନିଦ୍ରା ଏବଂ ଅଙ୍ଗୁର' ବିଷୟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ ତଥା ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି କିଛି ଅଙ୍ଗୁର ଖାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଫଳସ୍ୱରୂପ ଏମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ନିଦ୍ରା ସମସ୍ୟାରୁ ନିଜକୁ କେତେକାଂଶରେ ମୁକୁଳାଇବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଙ୍ଗୁରରେ ଭିଟାମିନ୍–ସି ଭରି ରହିଛି। ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୃଢ଼ ହୋଇଥାଏ। କେବଳ ସେତିକି ନୁହେଁ, ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ କଲରା



କଲରାର ସ୍ୱାଦ ପିତା ହେଲେ ମଧ୍ୟ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଜଣେ ଡାଇବେଟିସ୍ ରୋଗୀ ପାଇଁ ଏହା ଆହୁରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ଏଥିରେ ଅନେକ ପ୍ରକାର ଭିଟାମିନ୍ ରହିଛି। ତନ୍ମଧ୍ୟରୁ ଭିଟାମିନ୍–ଏ ଆମର ଦୃଷ୍ଟିଶକ୍ତିକୁ ଆହୁରି ଦୃଢ଼ କରିଥାଏ। ଏହାର ଆଣ୍ଟି–ଅକ୍ସିଡାଣ୍ଟ ଗୁଣ ପାଇଁ ବାହାର ଜୀବାଣୁଗୁଡିକ ସହଜରେ ଶରୀର ଭିତରକୁ ପ୍ରବେଶ କରପାରି ନ ଥାନ୍ତି। କଲରା ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସବୁଠାରୁ ଖାସ୍ କଥା ହେଲା, ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଉଚ୍ଚ ରକ୍ତଚାପକୁ କଲରା କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଏହାକୁ ନିୟମିତ ଖାଇଲେ ତାହା ରକ୍ତକୁ ପରିଷ୍କାର ରଖିବା ସହ ରକ୍ତ ସଞ୍ଚାଳନକୁ ଠିକ୍ ରଖେ। କଲରା ଖାଇଲେ ଆଉ ଏକ ଉପକାର ମଧ୍ୟ ମିଳିଥାଏ। ଏହା ଶରୀରରେ ସହଜରେ ଆଲର୍ଜି ହେବାକୁ ଦେଇ ନ ଥାଏ। ଏପରି କି ଏହାକୁ ଖାଇଲେ ଆଜ୍‌ମା ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଏହା ମଧ୍ୟ ଓଜନକୁ ସନ୍ତୁଳିତ ରଖେ।

## ରୋଗ ପ୍ରତିରୋଧକ ଶକ୍ତି ଓ ଯକ୍ଷ୍ମା



ଯକ୍ଷ୍ମା ଏକ ଜୀବାଣୁଜନିତ ଏବଂ ବାୟୁବାହିତ ରୋଗ। 'ମାଇକୋବ୍ୟାକ୍ଟେରିୟସ' ଜୀବାଣୁ ଯୋଗୁ ଏହା ହୋଇଥାଏ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡେ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, " ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ରୋଗ ହୋଇଥାଏ ଫୁସ୍‌ଫୁସ୍‌ରେ। ଜୀବାଣୁଗୁଡିକ ବାୟୁବାହିକ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସଫୁସକୁ ସଂକ୍ରମିତ କରିବା ସ୍ୱାଭାବିକ। ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ଏହି ଜୀବାଣୁ ଶରୀର ଭିତରେ ଆହୁରି ସକ୍ରିୟ ହୋଇଥାଆନ୍ତି। ରୋଗଟି ବଂଶଗତ ନୁହେଁ। ଡାଇବେଟିସ୍, କ୍ୟାନସର ରୋଗୀ, ଏଚଆଇଭି ସଂକ୍ରମିତ ରୋଗୀ, ଅପପୃଷ୍ଟି ଆକ୍ରନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ବ୍ୟକ୍ତିମାନଙ୍କର ରୋଗପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ତୁଳନାରେ ଅସନ୍ତୁଳିତ ଥାଏ। ତେଣୁ ଏମାନେ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ଏହାର ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ଏହି ସମୟରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ନିହାତି ଦରକାର। ଏବେ ଡାଇରେକ୍ଟଲି ଅବଜରଭର୍ଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କଲେ ସୁଫଳ ମିଳୁଛି।"

## ସ୍ୱାସ୍ଥ୍ୟ ସୂଚନା

- ବୟସ ବଢ଼ିବା ସହ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଏହି ସମୟରେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଆଦୌ ଭୁଲନ୍ତୁ ନାହିଁ।
- କୌଣସି ଘଟଣାକୁ ନେଇ ଟେନସନ୍ ହେବା ପରିବର୍ତ୍ତେ ତାହାର ସମାଧାନର ବାଟ ବାହାର କରନ୍ତୁ। କାରଣ ସବୁବେଳେ ଟେନ୍‌ସନ ରହିଲେ ତାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ନିଶାଦ୍ରବ୍ୟ ସେବନ ଆମ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ଜାଣିବା ଦରକାର। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ଏଭଳି ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ।



- ରକ୍ତଚାପ ଏବଂ ମଧୁମେହ ବା ଡାଇବେଟିସ୍ ଏଭଳି ଏକ ସମସ୍ୟା ଯାହା କେତେବେଳେ ଅସନ୍ତୁଳିତ ଅବସ୍ଥାକୁ ଆସିଯାଏ, ତାହା ଜଣାପଡି ନ ଥାଏ। ତେଣୁ ନିମୟିତ ସମୟ ବ୍ୟବଧାନରେ ବ୍ଲଡପ୍ରେସର କେତେ ରହୁଛି ଏବଂ ରକ୍ତରେ ସୁଗାର ପରିମାଣକୁ ମାପି ନିଅନ୍ତୁ। ଯଦି ମନରେ କିଛି ସନ୍ଦେହ ରହୁଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଖାଦ୍ୟ ଖାଇବା ପରେ ପରେ ଆଦୌ କୋଲ୍ଡ ଡ୍ରିଙ୍କ୍‌ସ ପିଅନ୍ତୁ ନାହିଁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।
- ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ କିମ୍ବା ଆଣ୍ଟିବାୟୋଟିକ ଖାଆନ୍ତୁ ନାହିଁ।
- ବ୍ୟାୟାମ ବ୍ୟତୀତ ପ୍ରତିଦିନ କିଛି ନା କିଛି ଶାରୀରିକ ପରିଶ୍ରମ କରନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।

## ଜାଣି ରଖନ୍ତୁ

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ମଧ୍ୟ ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରିବା ନିହାତି ଜରୁରୀ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ ଏବଂ ଏହା କରିବା ପୂର୍ବରୁ ପାଣି ଆଦୌ ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ Bhubaneswar, Monday, June 16/ 2025

# ଉଦ୍‌ଘାଟନୀରେ ହାରିଲା କଳିଙ୍ଗ ବ୍ଲାକ ଟାଇଗର୍ସ

**ମୁମ୍ବାଇ,୧୫।୬**

ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରବିବାରଠାରୁ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଉଦ୍‌ଘାଟିତ ହୋଇଯାଇଛି। ଜଣାଶୁଣା ବଲିଉଡ୍ ଗାୟକ ପଦ୍ମଶ୍ରୀ ଶଙ୍କର ମହାଦେବନ ପ୍ରଥମେ ଟୁର୍ନାମେଣ୍ଟର ଆନ୍ଥେମ 'ରଗ୍ ରଗ୍ ମେ ରଗ୍‌ବୀ' ଗାଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ।

## ରଗ୍‌ବୀ ପ୍ରିମିୟର ଲିଗ୍

ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ସମସ୍ତ ୬ ଫ୍ରାଞ୍ଚାଇଜର ଖେଳାଳି ଓ କୋଚ୍‌ଙ୍କ ସହ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ବା ରଗ୍‌ବୀ ଇଣ୍ଡିଆ ସଭାପତି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ ଓ ମହାସଂଘର



ରଗ୍‌ବୀ ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ଟ୍ରଫି ଉନ୍ମୋଚନ କରୁଛନ୍ତି ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ।

ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ଓ ଦିଲ୍ଲୀ ରେଜ ପରସ୍ପରକୁ ଭେଟିଥିଲେ। ଏଥିରେ ଦୁଇ ଦଳ ୨୧ ଲେଖାଏ ପଏଣ୍ଟ ସ୍କୋର କରିବାରୁ ମ୍ୟାଚ୍‌ଟି ଡ୍ର' ଭାବେ ଶେଷ ହୋଇଥିଲା। ଦୁଇ ଦଳ ପକ୍ଷରୁ ୩ଟି ଲେଖାଏ ଟ୍ରାଇ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ଆକୁଲିଆ ରୋକୋଲିସୋଆ ଦୁଇଟି ଓ ଫିଲିପ ୱକୋରଚ ଗୋଟିଏ ଟ୍ରାଇ ସ୍କୋର କରିଥିଲେ। ସେହିଭଳି ଦିଲ୍ଲୀ ପାଇଁ ପାଟ୍ରିକ ଓକୋଙ୍ଗୋ ଦୁଇଟି ଓ ମାଟିଆସ ଓସାଦଜୁକ ଗୋଟିଏ ଟ୍ରାଇ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ୨୪-୫ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସଙ୍କୁ ପରାସ୍ତ କରିଛି। ଚେନ୍ନାଇ ପାଇଁ ଟେରି କେନେଡି ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଭାଫାୟୁଜ ମାଲିକୋ ଓ ମହମ୍ମଦ ଏପି ଗୋଟିଏ ଟ୍ରାଇ କରିଥିଲେ। ମୁମ୍ବାଇ ଲାଗି ହେନରୀ ହୁଚ୍‌ଚିସନ ଗୋଟିଏ ଟ୍ରାଇ କରିଥିଲେ। ତୃତୀୟ ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ ଟାଇଗର୍ସ ୧୪-୨୪ ବ୍ୟବଧାନରେ ହାଇଦ୍ରାବାଦ୍ ହିରୋଜଠାରୁ ପରାସ୍ତ ହୋଇଛି। ଓଡ଼ିଶା ପାଇଁ ପ୍ରଥମ କ୍ୱାର୍ଟରରେ ମୌରିସି ଲଙ୍ଗବଟମ ଓ ଦ୍ୱିତୀୟ କ୍ୱାର୍ଟରରେ ହ୍ୟାରୀ ମ୍ୟାକନଲଟି ଟ୍ରାଇ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୋଜି ନସୋଭା, ମାନୁଏଲ ମୋରେନୋ, ଜାଭେଦ ହୁସେନ ଓ କେଭିନ ୱେକେସୋ ଗୋଟିଲ ଲେଖାଏ ଟ୍ରାଇ କରିଥିଲେ।

# ଦିଲେଶ୍ୱରଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର,୧୫।୬**
**(ଅନାଦି କର)**

ଓଡ଼ିଶାର ପାରା-ବ୍ୟାଡ୍‌ମିଣ୍ଟନ ଖେଳାଳି ଜି. ଦିଲେଶ୍ୱର ରାଓ ଥାଇଲାଣ୍ଡ ପାରା-ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ପୁରୁଷ ଡବଲ୍ସ

## ଥାଇଲାଣ୍ଡ ପାରା-ବ୍ୟାଡ୍‌ମିଣ୍ଟନ

ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ କାଟେଗୋରିରେ ଦିନେଶ ରାଜାୟାଙ୍କ ସହ ଏହି ସଫଳତା ପାଇଛନ୍ତି। ଏହି ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ନେପାଳର ଅଧିକାରୀ ପ୍ରକାଶ ଓ ଭୁଟାନର ଚେୟାଙ୍ଗ କୁଏଞ୍ଜାପଙ୍କୁ ୨୧-୮, ୨୧-୧୨ ଗେମ୍‌ରେ ହରାଇଥିଲା। ଦିଲେଶ୍ୱର ଓ ରାଜାୟା ସେମିଫାଇନାଲରେ ୩-୨୧, ୧୨-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଟୁର୍ନାମେଣ୍ଟର ଟପ୍-୩ ଯୋଡ଼ି ମଧ୍ୟରେ ସ୍ଥାନ ପକ୍କା କରିଥିଲେ।


ଜି. ଦିଲେଶ୍ୱର ରାଓ

# ଡେଭିଡ୍ ବେକହାମ୍‌ଙ୍କୁ ନାଇଟ୍‌ହୁଡ୍ ସମ୍ମାନ


ନାଇଟ୍‌ହୁଡ୍ ସମ୍ମାନ ପାଇବା ଅବସରରେ ପ୍ରିନ୍ସ ଚାର୍ଲ୍ସଙ୍କ ସହିତ ଡେଭିଡ୍ ବେକ୍‌ହାମ୍ (ବାମରୁ ପଞ୍ଚମ)।

**ଲଣ୍ଡନ,୧୫।୬**

ଫୁଟ୍‌ବଲ ଆଇକନ୍ ଡେଭିଡ୍ ବେକହାମ୍ ଆନୁଷ୍ଠାନିକ ଭାବେ ରବିବାର କିଙ୍ଗ ଚାର୍ଲ୍ସଙ୍କଠାରୁ ନାଇଟ୍‌ହୁଡ୍ ସମ୍ମାନ ପାଇଛନ୍ତି। କ୍ରୀଡ଼ା ଓ ଚାରିଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କାରଣରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୂର୍ବତନ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ଇଂଲଣ୍ଡ ଅଧିନାୟକ ସାର୍ ଡେଭିଡ୍ ବେକହାମ୍ ନାମରେ ଏବେଠାରୁ ଜଣାଯିବେ। ବିଶ୍ୱ ଫୁଟବଲରେ ବେକହାମ୍‌ଙ୍କୁ ସର୍ବକାଳୀନ ମହାନ୍ ମିଡଫିଲ୍ଡର ଭାବେ ଗଣନା କରାଯାଏ। ସେ ମାଞ୍ଚେଷ୍ଟର ୟୁନାଇଟେଡ୍, ରିୟଲ ମାଡ୍ରିଡ୍, ଏସି ମିଲାନ, ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ଓ ଲା ଗାଲେକ୍ସି ଭଳି ପ୍ରସିଦ୍ଧ କ୍ଲବ ପାଇଁ ଖେଳିଥିଲେ। ଅନ୍ତର୍ଜାତୀୟ ସ୍ତରରେ ବେକହାମ୍ ଇଂଲଣ୍ଡ ପାଇଁ ୧୯୯୬ରୁ ୨୦୦୯ ପର୍ଯ୍ୟନ୍ତ ୧୧୫ ମ୍ୟାଚ୍ ଖେଳି ୧୭ ଗୋଲ କରିଥିଲେ। ତାଙ୍କ ନେତୃତ୍ୱରେ ଇଂଲଣ୍ଡ ଅନେକ ସ୍ମରଣୀୟ ଉପଲବ୍ଧି ହାସଲ କରିଥିଲା। ସେ ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ମହାନ୍ କୋଚ୍ ସାର୍ ଆଲେକ୍ସ ଫର୍ଗୁସନଙ୍କ ସ୍ୱର୍ଣ୍ଣିମ ଯୁଗର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ମାଞ୍ଚେଷ୍ଟର ଲାଗି ୨୬୫ ପ୍ରିମିୟର ଲିଗ୍ ମ୍ୟାଚ୍ ଖେଳି ୬୨ ଗୋଲ କରିଥିଲେ। ପରେ ମାଞ୍ଚେଷ୍ଟର ଛାଡ଼ି ବେକହାମ ରିୟଲ ମାଡ୍ରିଡ୍‌ରେ ଯୋଗ ଦେଇଥିଲେ। ସେ ମାଡ୍ରିଡ୍ ଲାଗି ୧୧୬ ମ୍ୟାଚ୍ ଖେଳି ୧୩ ଗୋଲ କରିଥିଲେ। ଏହାପରେ ସେ ଆମେରିକାରେ ଏଲ୍‌ଏ ଗାଲେକ୍ସି ପାଇଁ ୯୮ ମ୍ୟାଚ୍‌ରେ ୧୮ ଗୋଲ କରିଥିଲେ। ସେହିଭଳି ଏସି ମିଲାନ ପାଇଁ ୨୯ ମ୍ୟାଚ୍‌ରେ ୨ ଗୋଲ କରିଥିଲେ। ପିଏସ୍‌ଜି ସହ ସେ କ୍ୟାରିୟର ଶେଷ କରିଥିଲେ। ୨୦୦୫ଠାରୁ ସେ ୟୁନିସେଫ ଗୁଡ୍‌ୱିଲ ଆମ୍ବାସାଡର ଅଛନ୍ତି।

# ଭାରତର ମହିଳା ଓ ପୁରୁଷ ଦଳ ପରାସ୍ତ

**ଲଣ୍ଡନ/ଆଣ୍ଟ୍ୱର୍ପ, ୧୫।୬ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ଲଣ୍ଡନଠାରେ ଭାରତୀୟ ମହିଳା ଦଳ ୧-୨ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ୧-୨ ଗୋଲରେ ପରାଜିତ ହୋଇଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଭାରତ ପୂର୍ବରୁ ଶୁକ୍ରବାର ଏହି ଦଳଠାରୁ ୨-୩ ଗୋଲରେ ହାରିଯାଇଥିଲା। ରବିବାର ଖେଳର ତୃତୀୟ ମିନିଟ୍‌ରେ ଭାରତ ବୈଷ୍ଣବୀ ଫାଲ୍‌କେଙ୍କ ଫିଲ୍ଡ ଗୋଲ ଜରିଆରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ଅଗ୍ରଣୀ ବଜାୟ ରଖିଥିଲା। ମାତ୍ର ଖେଳର ୩୭ତମ ମିନିଟ୍‌ରେ ଆମି ଲଟନଙ୍କ ଗୋଲ୍ ଯୋଗୁ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚ ଡ୍ର' ଆଡକୁ ମୁହାଁଉ ଥିବା ବେଳେ ୬୦ ତମ ମିନିଟ୍‌ରେ ଲେକ୍ସି ପିକରିଂ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିବାରୁ ଅଷ୍ଟ୍ରେଲିଆ ଶେଷ ମୁହୂର୍ତ୍ତରେ ମ୍ୟାଚ ଜିତି ନେଇଥିଲା। ଅନ୍ୟପକ୍ଷରେ ଆଣ୍ଟ୍ୱର୍ପଠାରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ ଲେଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପରାଜୟ ଧାରା ଅବ୍ୟାହତ ରହିଛି। ରବିବାର ଖେଳାଯାଇଥିବା ମ୍ୟାଚରେ ଦଳ ୨-୩ ଗୋଲ୍‌ରେ ହାରିଯାଇଛି। ଭାରତର ଏହା ହେଉଛି କ୍ରମାଗତ ୬ଷ୍ଠ ପରାଜୟ। ଭାରତ ପୂର୍ବରୁ ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା ବିପକ୍ଷ ଏହାର ସମସ୍ତ ମ୍ୟାଚ ହାରି ସାରିଛି। ଏହି ମ୍ୟାଚ୍‌ଗୁଡ଼ିକ ଦଳ ଅଳ୍ପକେ ପରାଜୟ ବରଣ କରିଛି। ଭାରତର ପୂର୍ବତନ ଅଧିନାୟକ ମନପ୍ରୀତ ସିଂ ରବିବାର ତାଙ୍କର ୪୦୦ତମ ମ୍ୟାଚ ଖେଳିଛନ୍ତି। ମ୍ୟାଚରେ ଭାରତ ଯଦିଓ ଆରମ୍ଭରେ ଅଗ୍ରଣୀ ଲାଭ କରିଥିଲା ତାଙ୍କଠାରୁ ଆଶାନୁରୂପ ଖେଳ ଦେଖିବାକୁ ମିଳି ନ ଥିଲା। ଭାରତ ତରଫରୁ ସଞ୍ଜୟ (୩ୟ ମିନିଟ) ଓ ଦିଲପ୍ରୀତ (୩୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିବା ବେଳେ ଟିମ୍ ବ୍ରାଣ୍ଡ (୪ର୍ଥ), ବ୍ଲେକ ଗୋଭର୍ସ (୫ମ) ଓ କୁପର ବର୍ଣ୍ଣ (୧୮ତମ) ପ୍ରମୁଖ ଅଷ୍ଟ୍ରେଲିଆର ଗୋଲ୍ ସ୍କୋରର ଥିଲେ।

# ସତ୍ୟସ୍ୱରୂପ ବାଳକ, ଅକ୍ଷରା ବାଳିକା ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୧୫।୬ (ବିଜୟ ରଣା)**

ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ପରିସରରେ ୧୧ ବର୍ଷରୁ କମ୍ ବାଳକ ଓ ବାଳିକା ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ସତ୍ୟସ୍ୱରୂପ ତ୍ରିପାଠୀ ଏବଂ ବାଳିକା ବିଭାଗରେ ଅକ୍ଷରା ହାନାଗା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଉଭୟେ ୪.୫ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ଏଥିରେ ୫୫ଜଣ ଖେଳାଳି ଭାଗ ନେଇଥିଲେ। ସତ୍ୟସ୍ୱରୂପ ଓ ଅକ୍ଷରା ଉଭୟେ ଖୋର୍ଦ୍ଧା

## ୧୧ବର୍ଷରୁ କମ୍ ଚେସ୍ ଖୋର୍ଦ୍ଧା ଜିଲା

ଜିଲାରୁ ୧୧ ବର୍ଷରୁ କମ୍ ରାଜ୍ୟ ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ଅତିଥିଭାବେ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରୋ-ଭାଇସ୍‌ଚାନ୍‌ସେଲର ଗୁଞ୍ଜା ଶ୍ରୀଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ଯୁଗ୍ମସମ୍ପାଦକ ଭାବରେଶ ମହାନ୍ତି ଓ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନର ସମ୍ପାଦକ ସୁଭାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱୟଂଶୁ ସତ୍ୟକାମ, ସୁଶାନ୍ତ ଷଡ଼ଙ୍ଗୀ, ସରୋଜ ବେହେରା, ସନ୍ତୋଷ ମହାପାତ୍ର (ସଚିବ, ମାଷ୍ଟର ଚେସ୍ ଫାଉଣ୍ଡେଶନ), ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାମ ମହାନ୍ତି, ପୂର୍ବତନ ଫୁଟ୍‌ବଲ ଖେଳାଳି ପ୍ରଦୀପ୍ତ ବଳିୟାର ସିଂ ପ୍ରମୁଖ ଯୋଗଦେଇଥିଲେ। ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଖେଳାଳିମାନଙ୍କ ମଧ୍ୟରେ ମୋଟ ୧୦,୦୦୦ ଟଙ୍କା ବାଣ୍ଟି ଦିଆଯାଇଥିଲା।

# ଭାରତୀୟ ଦଳରେ ମାନସୀ

**ନୂଆଦିଲ୍ଲୀ, ୧୫।୬**

କିରଗିଜସ୍ଥାନର ବିଶ୍‌କେକ୍‌ଠାରେ ଜୁଲାଇ ୫ରୁ ୧୩ ପର୍ଯ୍ୟନ୍ତ ୨୦ ବର୍ଷରୁ କମ୍ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ କ୍ୟାଡେଟ୍ ବିଶ୍ୱ ଚାମ୍ପିୟନ ମାନସୀ ଲାଥରଙ୍କୁ ଦଳରେ ସ୍ଥାନ ମିଳିଛି। ଏଠାରେ ମହିଳା ୬୮କେଜି କାଟେଗୋରି ଟ୍ରାଏଲ୍ସ ଜିତିବା ପରେ ସେ ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ଏସିଆନ ସିନିୟର ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ମାନସୀ ଫାଇନାଲରେ ଦିଲ୍ଲୀର ସୃଷ୍ଟିଙ୍କୁ ହରାଇ ଦେଇଥିଲେ।

# ପ୍ରୋ ବକ୍ସିଂରେ ନିଶାନ୍ତଙ୍କ ବିଜୟ ଧାରା ଜାରି

**ନୂଆଦିଲ୍ଲୀ,୧୫।୬(ପି.ଟି.)**

ପ୍ରଫେଶନାଲ ବକ୍ସିଂରେ ଭାରତୀୟ ବକ୍ସର ନିଶାନ୍ତ ଦେବଙ୍କ ବିଜୟଧାରା ଜାରି ରହିଛି। ନ୍ୟୁୟର୍କର ଆଇକନିକ ମାଡିସନ ସ୍କୋୟାର ଗାର୍ଡେନ ଥିଏଟରରେ ରବିବାର ଖେଳାଯାଇଥିବା ସୁପର-ୱେଲଟରୱେଟ ଡିଭିଜନ ମୁକାବିଲାରେ ସେ ମେକ୍ସିକୋର ଜୋସୁଏ ସିଲଭାଙ୍କୁ ସର୍ବସମ୍ମତି କ୍ରମେ ହରାଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ବାଉଟ୍‌ରେ ୨୪ ବର୍ଷୀୟ ନିଶାନ୍ତଙ୍କ ସପକ୍ଷରେ ୩ ଜଜ୍ ୬୦-୫୪ ସ୍କୋର ଦେଇଥିଲେ। ପ୍ରଫେଶନାଲ ବକ୍ସିଂରେ ଏହା ନିଶାନ୍ତଙ୍କ ଦ୍ୱିତୀୟ ମ୍ୟାଚ୍‌ରେ ସମାନ ସଂଖ୍ୟକ ବିଜୟ। "ମୁଁ ପ୍ରତିପକ୍ଷ ବକ୍ସରଙ୍କୁ କେବଳ ନକ୍‌ଆଉଟ୍ କରିବାକୁ ଉଦ୍ୟମ କରେ ନାହିଁ। ମୁଁ ମୁକାବିଲା ବେଳେ ମୋର ସ୍କିଲ୍ସକୁ ସୁଧାରିବାକୁ ଚେଷ୍ଟା କରେ। ରିଙ୍ଗରେ କେଉଁ ଭଳି ଖେଳାଯାଏ ଏବଂ ଫାଇଟ୍‌କୁ କେଉଁ ଭଳି ଜିତିହେବ, ତାହା ମୁଁ ଶିକ୍ଷା କରିଛି। ମୁଁ ଏବେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରୁଛି। ଏଣୁ ମୁଁ ଏବେ ବି ଶିଖୁଛି। ମୁଁ ପରବର୍ତ୍ତୀ ସ୍ତରକୁ ଯିବାକୁ ଚାହେଁ" ବୋଲି ବାଉଟ୍ ଜିତିବା ପରେ ନିଶାନ୍ତ କହିଛନ୍ତି।

# ସର୍ଫରାଜଙ୍କ ପରେ ଶାର୍ଦ୍ଦୂଳଙ୍କ ଶତକ

**ବେକେନହାମ,୧୫।୬**

ଭାରତ ଓ ଭାରତ ଏ' ମଧ୍ୟରେ ଚାଲିଥିବା ଇଣ୍ଟ୍ରା-ସ୍କ୍ୱାଡ୍ ମ୍ୟାଚ୍‌ର ତୃତୀୟ ଦିନରେ ଶାର୍ଦ୍ଦୂଳ ଠାକୁର ଶତକ ହାସଲ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ସିନିୟର ଦଳ ପାଇଁ ଅଧିନାୟକ ଶୁବମନ ଗିଲ ଓ ଲୋକେଶ ରାହୁଲ ଅର୍ଦ୍ଧଶତକ କରିଥିବା ବେଳେ ଦ୍ୱିତୀୟ ଦିନରେ ସର୍ଫରାଜ ଓ ତୃତୀୟ ଦିନରେ ଶାର୍ଦ୍ଦୂଳଙ୍କ ଶତକ ଉଲ୍ଲେଖନୀୟ ଘଟଣା ଥିଲା।

ପୂର୍ବ ଦିନ ଅପରାଜିତ ଥିବା ଶାର୍ଦ୍ଦୂଳ ବିସ୍ଫୋରକ ବ୍ୟାଟିଂ କରି ୬୮ ବଲରେ ଅପରାଜିତ ୧୨୨ ରନ କରିଥିଲେ। ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂଙ୍କୁ

## ଇଣ୍ଟ୍ରା-ସ୍କ୍ୱାଡ୍ ମ୍ୟାଚ୍


ଶାର୍ଦ୍ଦୂଳ ଠାକୁର

ନେଇ ଗଠିତ ଭାରତୀୟ ଦଳର ବୋଲିଂ ଲାଇନଅପ୍ ଆଗରେ ଶାର୍ଦ୍ଦୂଳ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଭାରତ ଏ' ପାଇଁ ଶାର୍ଦ୍ଦୂଳ ଦ୍ୱିତୀୟ ଖେଳାଳି ଭାବେ ଶତକ କରିଥିଲେ। ତାଙ୍କ ପୂର୍ବରୁ ସର୍ଫରାଜ ୭୬ ବଲରେ ୧୦୧ ରନ କରିବା ପରେ ରିଟାୟର୍ଡ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୧୫ ଚୌକା ଓ ୨ ଛକା ସାମିଲ ଥିଲା। ଏହି ୪ ଦିନିଆ ପ୍ରାକ୍ଟିସ ମ୍ୟାଚ୍ ସୋମବାର ଶେଷ ହେବାର ଥିଲା। କିନ୍ତୁ ତୃତୀୟ ଦିନର ଖେଳ ମଝିରେ ମ୍ୟାନେଜମେଣ୍ଟ ପକ୍ଷରୁ ମ୍ୟାଚ୍‌କୁ ବାତିଲ କରାଯାଇଛି। ଭାରତୀୟ ଦଳର ଇଣ୍ଟ୍ରା-ସ୍କ୍ୱାଡ ମ୍ୟାଚ୍ ଶେଷ ହୋଇଛି। ସୋମବାର ମ୍ୟାଚ୍‌ର ଶେଷ ଦିନ ଥିଲା ହେଲେ ଖେଳାଳିଙ୍କୁ ଛୁଟି ଦିଆଯାଇଛି। ଖେଳାଳିମାନେ ୧୭ ତାରିଖରେ ଲିଡ୍ସ ଅଭିମୁଖେ ଯାତ୍ରା କରିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

# ୩୭ ବର୍ଷୀୟା ମାରିଆଙ୍କଠାରୁ ହାରିଲେ କିଜ୍

**ଲଣ୍ଡନ, ୧୫।୬ (ଏପି)**

ମାଡିସନ କିଜ୍‌ଙ୍କ ବିପକ୍ଷ କୁଇନ୍ସ କ୍ଲବ ଟେନିସ ସେମିଫାଇନାଲରେ ୩୭ବର୍ଷୀୟା କ୍ୱାଲିଫାୟର ତାତ୍‌ଜାନା ମାରିଆ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଜର୍ମାନୀର ମାରିଆ ହେଉଛନ୍ତି ଦୁଇଟି ସନ୍ତାନର ଜନନୀ। ବର୍ତ୍ତମାନର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନଙ୍କ ସହିତ ତାଙ୍କର ୪ଥର ମୁକାବିଲା ହୋଇଥିବା ବେଳେ ଏହା ଥିଲା ତାଙ୍କୁ ପ୍ରଥମ ବିଜୟ। ସେ ମାଡିସନ କିଜ୍‌ଙ୍କୁ ୬-୩, ୭-୬(୩)ରେ ହରାଇ ଦେଇଛନ୍ତି। ଫଳରେ ୨୦୨୦ ପରେ ଡବ୍ଲ୍ୟୁଟିଏ ଟୁର୍‌ରେ ସେ ସବୁଠାରୁ ବୟସ୍କ ସିଙ୍ଗଲ୍ସ ଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି। ସେତେବେଳେ ସେରେନା ୱିଲିୟମ୍ସ ୩୮ବର୍ଷ ବୟସରେ ଅକ୍‌ଲାଣ୍ଡ କ୍ଲାସିକ ଜିତିଥିଲେ। ୮୬ ନମ୍ବର ଖେଳାଳି ମାରିଆ ହେଉଛନ୍ତି ଜଣେ ପୂର୍ବତନ ୱିମ୍ବେଲଡନ ସେମିଫାଇନାଲିଷ୍ଟ। ସେ ୮ ନମ୍ବର କିଜ୍‌ଙ୍କୁ ହରାଇ ଦେଇଥିଲେ। ସେ ୧୦ ଆସେସ ହିଟ୍ କରିଥିଲେ, କିନ୍ତୁ ଗୋଟିଏ ବ୍ରେକ୍ ପାଇବାରେ ସେ ବିଫଳ ହୋଇଥିଲେ। ଏଠାରେ ନମ୍ବର-୨ ସିଡ୍ ଓ ନମ୍ବର-୧ ଝେଙ୍ଗ୍ କ୍ୱିନ୍‌ୱେନ ବିଦାୟ ନେଇଛନ୍ତି। ଝେଙ୍ଗ୍‌ଙ୍କୁ ବିଶ୍ୱର ନମ୍ବର-୮ ତଥା ଆମେରିକାର ଆମାଣ୍ଡା ଆନିସିମୋଭା ୬-୨, ୪-୬, ୬-୪ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ଆନିସିମୋଭା ଓ ମାରିଆ ୭ ବର୍ଷ ପରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି।



ରିଟର୍ନ ଶଟ୍ ଖେଳୁଛନ୍ତି ମାଡିସନ କିଜ୍।

# ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୩୬ ପଦକ

**ଭୁବନେଶ୍ୱର,୧୫।୬ (ଅନାଦି କର)**

ଉତ୍ତରାଖଣ୍ଡର ଡେରାଡୁନଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର, ୟୁଥ୍ ଓ ଜୁନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ୮ ସ୍ୱର୍ଣ୍ଣ ଓ ମୋଟ ୩୬ ପଦକ ସହ ଚତୁର୍ଥ ସ୍ଥାନରେ ରହିଛି। ପଦକ ତାଲିକାରେ

## ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତା

୧୩ ରୌପ୍ୟ ଓ ୧୫ ବ୍ରୋଞ୍ଜ ରହିଛି।

ରବିବାର ପ୍ରତିଯୋଗିତାରେ କୈଭବ ପଟ୍ଟନାୟକ ୧୧ ବର୍ଷ ବାଳକ କାଟାରେ ସ୍ୱର୍ଣ୍ଣ, ନୀତିକ ମହନ୍ତ ୬ ବର୍ଷ ବାଳକ କାଟାରେ ରୌପ୍ୟ, ବିଶ୍ୱଦୀପ ବେହେରା ୧୦ ବର୍ଷ ବାଳକ କାଟାରେ ରୌପ୍ୟ, ଅଭିଜ୍ଞାନ ଦାଶ ୧୦ ବର୍ଷ ବାଳକ ଫାଇଟିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଶ୍ରୟାନ ଶ୍ରେୟାଂଶୁ ଜେନା ୮ ବର୍ଷ ବାଳକ କାଟାରେ କାଂସ୍ୟ, ନକସ ପୋଦାର ୯ ବର୍ଷ ବାଳକ ଫାଇଟିଂରେ ବ୍ରୋଞ୍ଜ, ନିସାନ ସିଂ ୧୩ ବର୍ଷ ବାଳକ ୫୫ କେଜିରୁ କମ୍ ଫାଇଟ୍‌ରେ ବ୍ରୋଞ୍ଜ, ସ୍ୱୟମ ପ୍ରତୀକ ଦାସ ୧୩ ବର୍ଷ ବାଳକ ୬୫ କେଜିରୁ କମ୍ ଫାଇଟିଂରେ ବ୍ରୋଞ୍ଜ, ରୋହନ ସ୍ୱାଇଁ ୧୩ ବର୍ଷ ବାଳକ ୬୫ କେଜିରୁ ଅଧିକ ଫାଇଟିଂରେ ବ୍ରୋଞ୍ଜ ଏବଂ ସବ୍‌ଜୁନିୟର ପୁରୁଷ ଟିମ୍ କାଟାରେ ଶିବ କୃପା ମିଶ୍ର, ଅର୍ପିତ କୁମାର ଦାସ, ଦେବେନ୍ଦ୍ର କୁମାର ପରିଡ଼ା, ସୋର୍ଜ୍ୟ ଚନ୍ଦୁକା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ଦଳ ସହ ଟୁର କରିଥିବା ପ୍ରବନ୍ଧକ ଅବିନାଶ ପୁନ୍ଦିର, କୋଚ୍ ଦୀପକ କୁମାର ସାମନ୍ତରା, ସନ୍ତୋଷ କୁମାର ମହାରଣା, ରାଜେନ୍ଦ୍ର ସାମଲ, କେ. ଜି. କେ. ପ୍ରତିହାରୀ, ସୁସମିନୀ ପାଲଟାସିଂହ, କୃଷ୍ଣଚନ୍ଦ୍ର ମହାରଣା, ଭାଲେନା ଭାଲେଣ୍ଟିନା, ଦେବେନ୍ଦ୍ର ରାଣା ଓ ଅଫିସିଆଲ ରାଜୀବ ସିଂଙ୍କୁ ଧନ୍ୟବାଦ ଦିଆଯାଇଛି।



ପଦକ ବିଜୟୀ ପ୍ରତିଯୋଗୀ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ